

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୨୦ ଭୁବନେଶ୍ୱର ଶନିବାର, ଜାନୁୟାରୀ ୧୧.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.120 Bhubaneswar, Saturday, January 11, 2025

# ପ୍ରବାସୀ ମହାକୁମ୍ଭର ମହାସମାପନ

## ପ୍ରବାସୀ ଭାରତୀୟ ମହାକୁମ୍ଭ ଉଦଯାପିତ; ୨୪ ରାଷ୍ଟ୍ରର ୨୭ ସଫଳ ବ୍ୟକ୍ତିଙ୍କୁ ସମ୍ମାନିତ କଲେ ରାଷ୍ଟ୍ରପତି







ଭୁବନେଶ୍ୱର, ୧୦/୧: ମହା ଆରମ୍ଭ ଭଳି ମହା ସମାରୋହରେ ଉଦଯାପିତ ହୋଇଛି ଭୁବନେଶ୍ୱରରେ ଆୟୋଜିତ ତିନି ଦିନିଆ ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗରିମାମୟ ଉପସ୍ଥିତି ସହ ସଫଳ ପ୍ରବାସୀଙ୍କୁ ସମ୍ମାନ ଓ ସମ୍ବର୍ଦ୍ଧନା ସହିତ ଶେଷ ହୋଇଛି ପ୍ରବାସୀଙ୍କ ମହାକୁମ୍ଭ। ଏପଟେ ବୈଦେଶିକ ମନ୍ତ୍ରାଳୟର ସହଯୋଗରେ ଓଡ଼ିଶା ପ୍ରଥମ ଥର ଏଭଳି ମେଗା ଇଭେଣ୍ଟର ଆୟୋଜନର ସୁଯୋଗ ପାଇଥିବାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ଏହାଦ୍ୱାରା ଓଡ଼ିଶା ପାଇଁ ଅପାର ସମ୍ଭାବନା ଓ ସୁଯୋଗ ସୃଷ୍ଟି ଦେବ ବୋଲି କହିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ। ସରସ, ସୁନ୍ଦର ଆଉ ସୁଖଦ। ତିନି ଦିନ ଧରି ଓଡ଼ିଶାରେ ଚାଲିଥିବା ପ୍ରବାସୀ ମହାକୁମ୍ଭର ମହା ଉଦଯାପନ। ଭୁବନେଶ୍ୱର ଜନତା ମୈଦାନରେ ଚାଲିଥିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମେଳନକୁ ସମ୍ବୋଧନ କରି ଆଜି ଉତ୍ସବର ସମାପନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ପ୍ରବାସୀ ଭାରତୀୟଙ୍କ ଏ ମହାସମ୍ମେଳନର ଶେଷ ଦିନର ଆକର୍ଷଣ ଥିଲା ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ପ୍ରତିଷ୍ଠିତ ପ୍ରବାସୀ ଭାରତୀୟଙ୍କୁ ସମ୍ମାନିତ କରିବାର ମହାର୍ଘ୍ୟ ଅବସର। ଉଦଯାପନୀ ଦିବସରେ ବିଶ୍ୱର ୨୪ ରାଷ୍ଟ୍ରର ୨୭ ଜଣ ସଫଳ ପ୍ରବାସୀଙ୍କୁ 'ପ୍ରବାସୀ ଭାରତୀୟ ସମ୍ମାନ'ରେ ସମ୍ମାନିତ କରିଥିଲେ ରାଷ୍ଟ୍ରପତି। ଯେଉଁମାନଙ୍କ ମଧ୍ୟରେ ଥିଲେ ଓଡ଼ିଶାରେ ଜନ୍ମିତ ଏବେ ସାରା ବିଶ୍ୱରେ ପ୍ରତିଷ୍ଠିତ ବିଶିଷ୍ଟ ବୈଜ୍ଞାନିକ ତଥା କଗ୍ନିଜାଣ୍ଟର ସିଇଓ ରବି କୁମାର ଏସ୍। ସେହିଭଳି ଋଷ୍-ୟୁକ୍ରେନ୍ ଯୁଦ୍ଧ ବେଳେ ୟୁକ୍ରେନରେ ଫସିଥିବା ଭାରତୀୟଙ୍କୁ ଉଦ୍ଧାର ଲାଗି ଅପରେସନ ଗଙ୍ଗାରେ ପ୍ରମୁଖ ଭୂମିକା ତୁଲାଇଥିବା ଅଭୟ କୁମାର ବି ସମ୍ବର୍ଦ୍ଧିତ ହୋଇଥିଲେ। ସୁଦୂର ରୁଷିଆରେ ଦୀର୍ଘ ବର୍ଷ ଧରି ଶାନ୍ତିର ବାର୍ତ୍ତା ବାଣ୍ଟୁଥିବା ସୁଧାରାଣୀ ଗୁପ୍ତାଙ୍କୁ ମଧ୍ୟ ପ୍ରବାସୀ ଭାରତୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରାଷ୍ଟ୍ରପତି କହିଥିଲେ ପ୍ରବାସୀ ଭାରତୀୟ ସାରା ବିଶ୍ୱରେ ଦେଶର ମାନ, ଟେକ ରଖିଛନ୍ତି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଦେଖାଇ ପ୍ରତିଷ୍ଠା ପାଇଛନ୍ତି। ଆପଣମାନଙ୍କ ପାଇଁ କେବଳ ଭାରତବାସୀ ଗର୍ବିତ ନୁହଁନ୍ତି, ବରଂ ଲକ୍ଷ ଲକ୍ଷ ଲୋକେ ଆପଣଙ୍କୁ ଆଦର୍ଶ ଭାବେ ମାନୁଛନ୍ତି। ସମ୍ମେଳନର ଉଦଯାପନୀ ସମାରୋହରେ ବୈଦଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ ଦୁଇ ଦଶନ୍ଧି ଧରି ଦେଶର ବିଭିନ୍ନ ଭାଗରେ ଆୟୋଜିତ ପ୍ରବାସୀ ଭାରତୀୟ ସମ୍ମିଳନୀ ସେହି ରାଜ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ପରିଚୟ ଦେଇପାରିଛି। ପ୍ରବାସୀଙ୍କ ସହ ସମ୍ପର୍କରେ ଯୋଡ଼ି ହୋଇପାରିଛି। ସେ ଦୃଷ୍ଟିରୁ ଓଡ଼ିଶା ମଧ୍ୟ ଏହାର ଭରପୁର ସୁଯୋଗ ନେବ ବୋଲି ଆଶା ବ୍ୟକ୍ତ କରିଥିଲେ। ସେପଟେ ବିଶ୍ୱର ପ୍ରାୟ ୭୦ଟି ଦେଶରୁ ଆସି ଓଡ଼ିଶା ଭୂମିରେ ପାଦ ପକାଇଥିବା ପ୍ରବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାସହ ଓଡ଼ିଶାକୁ ଆୟୋଜନ ଅଧିକାର ପାଇଁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଦେବା ସହ ଏ ସମ୍ମେଳନ ଆୟୋଜନ ଦ୍ୱାରା ଓଡ଼ିଆ ଅସ୍ମିତା ଉଚ୍ଚତର ହୋଇପାରିଛି ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। ଗଲା ୮ ତାରିଖରୁ ଭୁବନେଶ୍ୱରରେ ଆୟୋଜିତ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଅବସରରେ ଭୁବନେଶ୍ୱର ଜନତା ମୈଦାନ ସାଜିଥିଲା ମିନି ବିଶ୍ୱ। ଏହି ଅବସରରେ ପୃଥିବୀର କୋଣ ଅନୁକୋଣରୁ ଆସିଥିବା ପ୍ରବାସୀ ଓଡ଼ିଶାର କଳା, ସାହିତ୍ୟ, ଐତିହ୍ୟ, ସଂସ୍କୃତି, ଖାଦ୍ୟପେୟ ଓ ଆତିଥ୍ୟରେ ଅଭିଭୂତ ହୋଇଛନ୍ତି। ଏହାସହ ଓଡ଼ିଶା ବିଭିନ୍ନ ପର୍ଯ୍ୟଟନ ସ୍ଥଳର ମଜା ନେବା ସହ ସେମାନଙ୍କ ଆଖିରେ ଅପାର ସମ୍ଭାବନା ଛବି ନେଇଥିବାରୁ ଆଗକୁ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ର ଅଧିକ ଋଦ୍ଧିମନ୍ତ ହେବା ଅନୁମାନ କରାଯାଉଛି।

## ନଅଟି ନୂତନ ମାର୍ଗରେ ବସ୍ ସେବାର ଶୁଭାରମ୍ଭ



ଭୁବନେଶ୍ୱର,୧୦/୧: ଓଡିଶା ରାଜ୍ୟ ସଡକ ପରିବହନ (ଓଏସ୍ଆରଟିସି) ଦ୍ୱାରା ୯ଟି ନୂତନ ମାର୍ଗରେ ୧୩ଟି ବସ୍ ସେବାର ଶୁଭାରମ୍ଭ ହୋଇଛି । ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭର୍ଚୁଆଲ ମୋଡରେ ଏହାର ଶୁଭ ଉଦଘାଟନ କରିଛନ୍ତି । ଏହି ନୂତନ ବସ୍ ସେବା ସିଦ୍ଧ ଭୈରବୀ, ଗଣିଆ (କଣ୍ଟିଲୋ), କୋଟପାଡ଼, ଯୋରନ୍ଦା ଏବଂ ପାରଳାଖେମୁଣ୍ଡିକୁ ପୁରୀ ସହ ସଂଯୋଗ କରିବ । ସେହିପରି ଇନ୍ଦ୍ରାବତୀ ଓ ବ୍ରହ୍ମପୁରକୁ ଭୁବନେଶ୍ୱର ସହ, କୁନ୍ଦୁରାକୁ କଟକ ସହ ଏବଂ ବ୍ରହ୍ମପୁରକୁ ରାଉରକେଲା ସହ ସିଧାସଳଖ ସଂଯୋଗ କରିବ । ଏହାଦ୍ୱାରା ଓଡ଼ିଶା ତଥା ଆଭ୍ୟନ୍ତରଣ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ଗମନାଗମନ ପାଇଁ ଏକ ସୁଲଭ ଏବଂ ଆରାମଦାୟକ ସେବା ପାଇପାରିବେ। ମାନ୍ୟବର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଜେନା ଏହି ଅବସରରେ କହିଛନ୍ତି ଯେ, "ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ମୌଳିକ ଜନସାଧାରଣ ପରିବହନ ଭିତ୍ତିଭୂମି ବିକାଶ ସହିତ, ଆମର ଲକ୍ଷ୍ୟ ହେଉଛି ଲୋକଙ୍କ ଜୀବନରେ ଏକ ସକରାତ୍ମକ ପରିବର୍ତ୍ତନ ଆଣିବା, ଯାହାଦ୍ୱାରା ସେମାନେ ରାଜ୍ୟ ସରକାରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଏହି ଉତ୍କୃଷ୍ଟ ସୁଯୋଗର ସଦୁପଯୋଗ କରିପାରିବେ। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଶିକ୍ଷା, କୃଷି, ଶିଳ୍ପ କ୍ଷେତ୍ରରେ ବିକାଶ କରିବା ଆମର ମୁଖ୍ୟ ଲକ୍ଷ୍ୟ ।"ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ବିଧାୟକ ନବରଙ୍ଗପୁର, କୋଟପାଡ ଏବଂ ଖଣ୍ଡପଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦିପ୍ତେଶ ପଟ୍ଟନାୟକ ଏବଂ ପରିବହନ କମିଶନର ଅମିତାଭ ଠାକୁରଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶୀତରେ ଥରୁଛି ଓଡ଼ିଶା

ଭୁବନେଶ୍ୱର,୧୦/୧: ରାଜ୍ୟରେ ଆହୁରି ୨ଦିନ ବିଭିନ୍ନ ସ୍ଥାନରେ କୁହୁଡ଼ି ଜାରି ରହିବ। ସାରା ରାଜ୍ୟରେ ବର୍ତ୍ତମାନ ଶୀତର ପ୍ରଭାବ ଜାରି ରହିଛି। ଏହାସହ କୁହୁଡ଼ି ଯୋଗୁଁ ଯାନବାହନ ଚଳାଚଳରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହି ସ୍ଥିତି ଆହୁରି ୨ ଦିନ ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ ପରେ ତାପମାତ୍ରାରେ ବୃଦ୍ଧି ହେବା ସହ ଶୀତର ପ୍ରଭାବ କମିବ ବୋଲି କୁହାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨ଦିନ ମଧ୍ୟରେ ପ୍ରାୟ ୨ରୁ ୪ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ବିଶେଷକରି ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ପାଇବା ହେତୁ ଶୀତ ହ୍ରାସ ହେବ। ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ ସୁନ୍ଦରଗଡ଼, କନ୍ଧମାଳ ଓ କୋରାପୁଟ ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାସହ କେନ୍ଦୁଝର, ଝାରସୁଗୁଡ଼ା, କଳାହାଣ୍ଡି, ଅନୁଗୁଳ, ଢେଙ୍କାନାଳରେ ମଧ୍ୟମ ଧରଣର କୁହୁଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଘନ କୁହୁଡ଼ି ପାଇଁ ୩ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି।

# ଚାରି ମାସ ହେଲା ସରୁନାହିଁ ଇ-କେୱାଇସି ନାଟକ

## ୪୯ ଲକ୍ଷ ହିତାଧିକାରୀଙ୍କ ପେଟରେ ଲାତ : ୩୧ ତାରିଖ ମଧ୍ୟରେ E-KYC ନ କଲେ କଟିବ ରାସନ କାର୍ଡ



ଭୁବନେଶ୍ୱର,୧୦/୧: ନୂଆ ସରକାର ଆସିବା ପରେ ଗତ ୪ ମାସ ଧରି ଚାଲିଛି ଇ-କେୱାଇସି ନାଟକ। ଇତିମଧ୍ୟରେ ପ୍ରାୟ ୩ କୋଟି ଲୋକଙ୍କର ଇ-କେୱାଇସି ଶେଷ ହୋଇଛି ଓ ଆହୁରି ୪୯ ଲକ୍ଷ ହିତାଧିକାରୀଙ୍କର ଏହି ଇ-କେୱାଇସି ଯାଞ୍ଚ ଶେଷ ହୋଇ ପାରିନାହିଁ । ଜାନୁଆରୀ ୩୧ ତାରିଖ ମଧ୍ୟରେ ଏହି ହିତାଧିକାରୀମାନେ ସେମାନଙ୍କର ଇ-କେୱାଇସି ଅପଡ଼େଟ୍ ନ କଲେ ସେମାନଙ୍କର ନାମ ରାସନ କାର୍ଡ଼ରୁ କଟିଯିବ ଏବଂ ସେମାନେ ଆଗାମୀ ଦିନରେ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣା ଗହମ ଓ ଚାଉଳରୁ ବଞ୍ଚିତ ହେବେ । ମାତ୍ର ବିଡ଼ମ୍ବନା ହେଉଛି ଏମାନଙ୍କ ମଧ୍ୟରେ ଅଧିକାଂଶ ପ୍ରବାସୀ ଶ୍ରମିକ, ବୟସାଧିକ୍ୟ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତି ଥିବାରୁ ସେମାନେ ଡ଼ିଲର ପଏଣ୍ଟରେ ପହଞ୍ଚି ନିଜର ଇ-କେୱାଇସି କରିପାରୁ ନାହାନ୍ତି । ଫଳରେ ଏହି ସ୍ୱର୍ଣ୍ଣକାତର ବର୍ଗଟି ସରକାରୀ ଯୋଜନାରୁ ବଞ୍ଚିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ଯାହାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ଅଯୋଗ୍ୟ ଓ ମୃତ୍ୟବରଣ କରିଥିବା ହିତାଧିକାରୀଙ୍କୁ ଠାବ କରିବା ପାଇଁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା କେତେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି, ତା'ର ସଠିକ ତଥ୍ୟ ସରକାର ଦେଇପାରୁନାହାନ୍ତି। ଅପରପକ୍ଷରେ ସରକାରଙ୍କ ଏହି ପ୍ରକ୍ରିୟା ରାଜ୍ୟ ବାହାରେ କାମ କରୁଥିବା ଗରିବ ଲୋକ ଓ ବିଭିନ୍ନ କାରଣ ଯୋଗୁଁ ଡ଼ିଲର ପଏଣ୍ଟରେ ପହଞ୍ଚି ପାରୁ ନ ଥିବା ଅସହାୟ ରାସନ କାର୍ଡ଼ରୁ ବଞ୍ଚିତ ହେବେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟ ବାହାରକୁ ଯାଇଥିବା ପ୍ରବାସୀମାନେ ବିଭିନ୍ନ କାରଣ ପାଇଁ ଆସିପାରୁନାହାନ୍ତି; ସେହିଭଳି ବୟସ୍କ ବ୍ୟକ୍ତିମାନଙ୍କ ଘରୁ ଉଠି ପାରୁନାହାନ୍ତି। ସରକାର ଏମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପରିବର୍ତ୍ତେ ସେମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି ବୋଲି ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏହି ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ହିତାଧିକାରୀଙ୍କ ସ୍ଥିତାବସ୍ଥା ଜାଣିବା ଉଦ୍ଦେଶ୍ୟରେ ଏହା କରାଯାଉଥିବା ବିଭାଗୀୟ ମନ୍ତ୍ରୀ କହିଥିଲେ। ଯେଉଁମାନେ ଏଥିରେ ସାମିଲ ହୋଇପାରିବେନି, ସେମାନଙ୍କ ରାସନ କାର୍ଡ କଟିବନି, ମାତ୍ର କେଉଁ କାରଣ ପାଇଁ ସେମାନେ ଏହି ପ୍ରକ୍ରିୟାରେ ସାମିଲ ହୋଇପାରିନାହାନ୍ତି, ଆମେ ଘର ପାଖକୁ ଯାଇ ତା'ର ଯାଞ୍ଚ କରିବୁ ବୋଲି କହିଥିଲେ। କିନ୍ତୁ ଏବେ ମନ୍ତ୍ରୀ ଓଲଟା କଥା କହିବା ହିତାଧିକାରୀଙ୍କୁ ନିରାଶ କରିଛି । ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ ଆସନ୍ତା ଜାନୁୟାରୀ ୩୧ତାରିଖ ସୁଦ୍ଧା ଏହି ଇ-କେୱାଇସି ଯାଞ୍ଚ ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ସରକାର ସମୟ ଦେଇଛନ୍ତି। ଯେଉଁମାନେ ଏହି ନିର୍ଦ୍ଧାରିତ ଅବଧି ମଧ୍ୟରେ ଇ-କେୱାଇସି ଯାଞ୍ଚ ଶେଷ କରି ନ ଥିବେ ସେମାନଙ୍କର କାର୍ଡକୁ ରାଜ୍ୟ ସରକାର ଅକାମୀ କରିଦେବେ। ହିତାଧିକାରୀମାନେ ନିଜର ରାସନ୍ ସାମଗ୍ରୀ ପାଉଥିବା କେନ୍ଦ୍ର (ରାସନ ଡିଲର) ଅବା ସ୍ଥାନୀୟ ଜନସେବା କେନ୍ଦ୍ରକୁ ଯାଇ ଏହି ଇ-କେୱାଇସି ପ୍ରକ୍ରିୟା ଶେଷ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାପରେ ଇ-କେୱାଇସି କରି ନ ଥିବା ହିତାଧିକାରୀ ନିରାଶ ହୋଇଛନ୍ତି ଓ ସରକାର ସେମାନଙ୍କ ପ୍ରତି ଅବିଚାର କରୁଥିବା ଅଭିଯୋଗ କରିଛନ୍ତି ।

# ସଡ଼କ ଦୁର୍ଘଟଣା ହାର ଓଡ଼ିଶାରେ ଅଧିକ

ଭୁବନେଶ୍ୱର,୧୦/୧: ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହାର କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ଆଗରେ ରହିଛି । ଗତ ୩ବର୍ଷ ମଧ୍ୟରେ ଓଡ଼ିଶାରେ ପ୍ରାୟ ୧୭ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ପାଖାପାଖି ୭୦ ହଜାର ଲୋକ ଆହତ ହୋଇଛନ୍ତି । ତ୍ରୁଟିପୂର୍ଣ୍ଣ ସଡ଼କ ନିର୍ମାଣ, ଟ୍ରାଫିକ୍ ଛକଗୁଡ଼ିକରେ ନିୟନ୍ତ୍ରଣର ଅଭାବ, ଚାଳକଙ୍କ ଦ୍ୱାରା ଟ୍ରାଫିକ୍ ଓ ମୋଟରଯାନ ଆଇନ୍‌ର ଉଲ୍ଲଂଘନ, ବେପରୁଆ ଗାଡ଼ି ଚାଳନା ଏବଂ ସର୍ବୋପରି ନିଶା ଓ ସ୍ମାର୍ଟଫୋନ୍‌ର ବହୁଳ ବ୍ୟବହାର ଯୋଗୁ ସଡ଼କ ଦୁର୍ଘଟଣା ଜନିତ କ୍ଷୟକ୍ଷତି ବଢୁଥିବା କୁହାଯାଉଛି । ଏହି ସମସ୍ୟାର ନିରାକରଣ ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ବର୍ଷବର୍ଷ ଧରି ଗୁରୁତ୍ୱ ଦିଆଯାଉଛି । କେବଳ ସେତିକି ନୁହେଁ, ଭୁବନେଶ୍ୱର-କଟକ ସମେତ ରାଜ୍ୟର ବହୁ ସହରାଞ୍ଚଳରେ ଛାତ୍ରଛାତ୍ରୀମାନଙ୍କୁ ସାମୟିକ ଭାବେ ଟ୍ରାଫିକ୍ ସ୍ୱେଚ୍ଛାସେବୀ ରୂପେ ମଧ୍ୟ ନିୟୋଜନ କରାଯାଉଛି । ବିଶେଷକରି ଦୁଇଚକିଆ ଯାନର ଚାଳକ ଓ ଆରୋହୀମାନେ ହେଲ୍‌ମେଟ୍ ପିନ୍ଧିବା ଏବଂ ଚାରିଚକିଆ ଯାନରେ ସିଟ୍ ବେଲ୍ଟ ବାନ୍ଧିବା ସହିତ ଗାଡ଼ିଗୁଡ଼ିକରୁ କଳାକାଚ ହଟାଇବା ଏବଂ ନିଶାସକ୍ତ ଚାଳକମାନଙ୍କୁ ଧରିବା ଉପରେ ପୁଲିସ ଓ ପରିବହନ ବିଭାଗ ଗୁରୁତ୍ୱାରୋପ କରୁଛନ୍ତି । ବିଶେଷଜ୍ଞମାନେ କହୁଛନ୍ତି ଯେ ସଡ଼କ ଓ ପୋଲ ଆଦି ନିର୍ମାଣରେ ରହୁଥିବା ତ୍ରୁଟି ଯୋଗୁ ବହୁ ସ୍ଥାନ ଦୁର୍ଘଟଣାପ୍ରବଣ ହେଉଛି । ଅନେକ କ୍ଷେତ୍ରରେ ଟ୍ରାଫିକ୍ ପୋଷ୍ଟଗୁଡ଼ିକରେ କେତେବେଳେ ସ୍ୱୟଂକ୍ରିୟ ଆଲୁଅ କାମ କରୁଛି ତ ଆଉ କେତେବେଳେ ମାସମାସ ଧରି ଅଚଳ ହୋଇ ପଡୁଛି । କେବଳ ସେତିକି ନୁହେଁ, ଖୋଦ୍ ରାଜଧାନୀର ଟ୍ରାଫିକ୍ ଛକଗୁଡ଼ିକ ନିକଟରେ ଜେବ୍ରା କ୍ରସିଂ ସ୍ପର୍ଶ କଲେ ୫୦୦ ଟଙ୍କା ଜରିମାନା ହେବ ବୋଲି ଲେଖାଯାଉଥିବା ବେଳେ ଅଧିକାଂଶ କ୍ଷେତ୍ରରେ କିନ୍ତୁ ଜେବ୍ରା କ୍ରସିଂଗୁଡ଼ିକ ବିପଜ୍ଜନକ ଭାବେ ରହିଛି । ସଡ଼କ ଦୁର୍ଘଟଣାର ଭୟାବହତାକୁ ଆଖି ଆଗରେ ରଖି ରାଜପଥ, ହାଟବଜାର, ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ଡାକ୍ତରଖାନା, ଷ୍ଟେସନ୍, ବସ୍‌ଷ୍ଟାଣ୍ଡ ଆଦିଠାରୁ ୫୦୦ ମିଟର ମଧ୍ୟରେ ମଦ ଦୋକାନ ହୋଇପାରିବ ନାହିଁ ବୋଲି ପୂର୍ବରୁ ଆଇନ୍‌ଗତ ବ୍ୟବସ୍ଥା ଥିଲା । ଏମିତିକି ସୁପ୍ରିମକୋର୍ଟ ମଧ୍ୟ ରାଜପଥଠାରୁ ୫୦୦ ମିଟର ଦୂରତା ମଧ୍ୟରେ ମଦଦୋକାନ ନରଖିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ସରକାରୀ କିନ୍ତୁ ସହର ଭିତର ଦେଇ ଯାଉଥିବା ରାଜପଥକୁ ସହରୀ ରାସ୍ତା ଦର୍ଶାଇ ରାସ୍ତା କଡ଼ରେ ଗାଡ଼ି ଚାଳକମାନଙ୍କ ହାତ ପାହାନ୍ତାରେ ନିଶା ସାମଗ୍ରୀ ଯୋଗାଇବାର କାଉଣ୍ଟରମାନ ଖୋଲିଛନ୍ତି । ଗାଡ଼ି ଚଳାଉଥିବା ବେଳେ ଚାଳକମାନେ କିଛିବର୍ଷ ଧରି ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ଯୋଗୁ ଅନେକ ଦୁର୍ଘଟଣା ମଧ୍ୟ ଘଟୁଛି । ନିଶା ଓ ଫୋନ୍ ଯୋଗୁ ଅନ୍ୟୁନ ୭୦ ପ୍ରତିଶତ ଦୁର୍ଘଟଣା ଘଟୁଛି ବୋଲି ସଡ଼କ ନିରାପତ୍ତା ଅଭିଯାନ ସହ ଜଡ଼ିତ ବରିଷ୍ଠ ସ୍ୱେଚ୍ଛାସେବୀମାନେ କହୁଛନ୍ତି । ପ୍ରତିବର୍ଷ ରାଜ୍ୟ ସରକାର ସଡ଼କ ନିରାପତ୍ତା ସଚେତନତା ପକ୍ଷ ପାଳନ ପାଇଁ ବିପୁଳ ଅର୍ଥ ବ୍ୟୟ କରୁଥିବା ବେଳେ ଏହା ଧର୍ମକୁ ଆଖିଠାର ଭଳି ପାଣିରେ ପଡୁଛି । ସଂପୂର୍ଣ୍ଣ ନିଶା ନିବାରଣ ସହ ଟ୍ରାଫିକ୍ ଓ ମୋଟର ଯାନ ଆଇନ୍‌ର ବିଭିନ୍ନ ଧାରାର କଡ଼ା ଅନୁପାଳନ କରାଗଲେ ୬୦ ପ୍ରତିଶତରୁ ଅଧିକ ସଡ଼କ ଦୁର୍ଘଟଣାକୁ ଏଡ଼ାଇ ହେବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି ।

## ସାତକୋଶିଆରେ ସମୁଦାୟ ୧୯ କୁମ୍ଭୀର

ବୌଦ୍ଧ: ବୌଦ୍ଧ ବନଖଣ୍ଡ କୁସଙ୍ଗ ରେଞ୍ଜ ଅନ୍ତର୍ଗତ ମହାନଦୀ ସାତକୋଶିଆ ଗଣ୍ଡରେ ସରିଲା କୁମ୍ଭୀର ଗଣନା। ତିନି ଦିନ ଧରି ଚାଲିଥିବା କୁମ୍ଭୀର ଗଣନା ସରିଛି । ସମୁଦାୟ ୧୯ ଟି କୁମ୍ଭୀର ଥିବା ବେଳେ ୧୧ ଟି ଘଡିଆଳ ଓ ୮ ଟି ମଗର ପ୍ରଜାତିର କୁମ୍ଭୀର ଥିବା ସୂଚନା ମିଳିଛି। ୧୧ ଟି ଘଡିଆଳ ମଧ୍ୟରୁ ୩ ଟି ବଡ ଓ ୮ ଟି ଛୁଆ ଘଡିଆଳ ଥିବା ଜଣାପଡ଼ିଛି । ସେହିପରି ୮ ଟି ମଗର ପ୍ରଜାତିର କୁମ୍ଭୀର ମଧ୍ୟରୁ ୫ ଟି ବଡ ମଗର ଓ ୩ ଟି ଛୁଆ ମଗର ରହିଛନ୍ତି । ସୂଚନା ଅନୁଯାୟୀ, ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ବୌଦ୍ଧ ଜିଲ୍ଲା ସାତକୋଶିଆ ଗଣ୍ଡରେ କୁସଙ୍ଗ ରେଞ୍ଜ ପକ୍ଷରୁ ରେଞ୍ଜ ଅଧିକାରୀ ସଂସାର ବର୍ଗିଆଙ୍କ ନେତୃତ୍ୱରେ ଚଳିତ ବର୍ଷର କୁମ୍ଭୀର ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

# ଗାଁ ଭିତରେ ବେଆଇନ ବିଷାକ୍ତ ପାଉଁଶ ପାହାଡ଼: ତହସିଲ ଓ ପ୍ରଦୂଷଣ ବିଭାଗ ଚୁପ






ଦାନଗଦୀ,୧୦/୧(ନି.ପ୍ର): ସରକାର ପରିବର୍ତ୍ତନ ହୋଇଛି ସତ କିନ୍ତୁ ବହୁ ସ୍ଥାନରେ ଏବେ ବି ପୂର୍ବରୁ ଥିବା ସରକାର ଙ୍କ ନିତି ରେ ବହୁ ଅଧିକାରୀ ନିଜର ଆଇନ ପ୍ରଣୟନ କରି କାର୍ଯ୍ୟ କରୁଥିବା ପରି ପରିଲକ୍ଷିତ ହୋଇଛି। ଯାହା କି ଯାଜପୁର ଜିଲ୍ଲା ରେ ଥିବା ଏକାଧିକ ସ୍ଥାନରେ ଦେଖିବାକୁ ମିଳିଛି। ସୂଚନା ମୁତାବକ ଦାନଗଦୀ ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଂଚାୟତର ମାନଗୋବିନ୍ଦପୁର ଗାଁ ଭିତରେ ଥିବା ଖାତା ନମ୍ବର ୮୯ ପ୍ଲଟ ନମ୍ବର ୧ ଅନାବାଦି ଶାଳ ଜଙ୍ଗଲ କିସମ ଜମିରେ ଏକ ବିଷାକ୍ତ ପାଉଁଶର ୟାର୍ଡ଼ ହୋଉଛି, ଠିକ୍ ସେହିପରି ଚାନ୍ଦିଆ ପଞ୍ଚାୟତ ରେ ଥିବା ଖାତା ନମ୍ବର ୯୬ ପ୍ଲଟ ନମ୍ବର ୬୩୫ ରେ ଦିନରାତି ବିଷାକ୍ତ ଧଳା ଗୁଣ୍ଡର ପାଉଁଶ ହାଓ୍ୱା ଗାଡିରେ ଆସି ଏଠାରେ ଗଦା ହେଉଛି, ପୁଣି ଏହାକୁ ବାହାରକୁ ପଠା ଯାଉଛି, ଏପରି ଭାବେ ମାନଗୋବିନ୍ଦ ପୁର ଠାରେ ଏକ ବିଦ୍ୟାଳୟ ଓ ଜନବସତି ପାଖରେ ଗାଁ ଭିତରେ ଶହ ଶହ ଟ୍ରିପ ଦୀର୍ଘ ଛଅ ମାସରୁ ଉର୍ଦ୍ଧ ହେବ ଗଦା ହୋଇ ବେପାର ହେଉଥିବାର ଅଭିଯୋଗ ସ୍ଥାନୀୟ ତହସିଲଦାର ଙ୍କୁ ଅବଗତ କରାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି।ସାମନ୍ୟ ପବନରେ ପାଉଁଶ ଗୁଣ୍ଡ ଉଡି ବାୟୁ ପ୍ରଦୂଷଣ ହେଉଛି, ଯାହା ଫଳରେ ବହୁ ଲୋକ ବିଭିନ୍ନ ରୋଗର ଶିକାର ହୋଉଥିବା ଦେଖିବାକୁ ମିଳିଛି। ମାତ୍ର ସରକାରୀ ଜାଗାରେ କିଏ କିପରି ଏପରି ବିଷାକ୍ତ କାରଖାନା ବର୍ଯ୍ୟ ବସ୍ତୁ ପକାଉଛି ତାହାର ନିରପେକ୍ଷ ତଦନ୍ତ ଆବଶ୍ୟକ ଥିବା ସାଧାରଣରେ ଦାବି ଜୋର ଧରିଛି ।ଠିକ୍ ସେହିପରି ଚାନ୍ଦିଆ ପଞ୍ଚାୟତରେ ଥିବା ନିର୍ଦ୍ଦିଷ୍ଟ କାରଖାନା ପାଚେରୀ କୁ ଲାଗିରହିଥିବା ସ୍ଥାନରେ ବେଆଇନ ଅପମିଶ୍ରଣ ହେଉଥିବା ର ସମ୍ବାଦ ବହୁ ଗଣମାଧ୍ୟମ ରେ ପ୍ରକାଶିତ ହେବା ପରେ ମଧ ଦାନଗଦି ତହସିଲ ପ୍ରଶାସନ ଆଞ୍ଚଳିକ ପ୍ରଦୂଷଣ ବୋର୍ଡ଼ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ଦେବାକୁ ମିଳୁନାହିଁ କି କୌଣସି ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାର ନଜିର ନାହିଁ। ତେଣୁ ସାଧାରଣ ଲୋକଙ୍କ ଆସ୍ଥା ଧିରେ ଧିରେ ପ୍ରଶାସନ ଉପରୁ ଉଠିଯାଉଥିବା ସାଧାରଣ ରେ ଆଲୋଚନା ହେଉଛି। ତେଣୁ ଆଗକୁ ଏଥିପ୍ରତି ସରକାର ଓ ସ୍ଥାନୀୟ ବିଧାୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ଦୁଇଟି ସ୍ଥାନରୁ ୨୫ କେଜି ଗଞ୍ଜେଇ, ଗୋଟିଏ ଅଟୋ ସହ ତିନି ଜଣ ଗିରଫ



ଆସିକା, ୧୦/୧(ନି.ପ୍ର): ଗଞ୍ଜାମ ଜିଲ୍ଲା ଅବକାରୀ ବିଭାଗ ଗଞ୍ଜେଇ ଚୋରା ଚାଲାଣ ବେଳେ ଦୁଇଟି ସ୍ଥାନରେ ଚଢ଼ାଉ କରି ୨୫ କେଜି ଗଞ୍ଜେଇ,ଗୋଟିଏ ଅଟୋ ସହ ତିନି ଜଣକୁ ଗିରଫ କରିବାରେ ସଫଳ ହୋଇଛି । ଆଜି ଅବକାରୀ ମୋବାଇଲ ଟିମ ଓ ଅସିକା ଅବକାରୀ ଟିମ ପେଟ୍ରୋଲିଙ୍ଗ ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୃଥକ ପୃଥକ ଭାବେ ଦାମଦରପଲ୍ଲୀ ଓ କାଳଷଣ୍ଢପୁର ନିକଟ ଆରିଆନପବ୍ଲିକ ସ୍କୁଲ ନିକଟରେ ଗାଡି ଯାଞ୍ଚ ବେଳେ ଦାମଦରପଲ୍ଲୀ ନିକଟରୁ ଗୋଟିଏ ଅଟୋ ସହ ୧୫ କେଜି ଗଞ୍ଜେଇ ଜବତ କରିବା ସହ ଶାଳବଣ ର ମୀନକେତନ ସେଠୀ ଓ ଦାରିଙ୍ଗିବାଡି ର ଗୋଲକ ପରିଛା ନାମକ ଦୁଇ ବ୍ୟକ୍ତି ଙ୍କୁ ଗିରଫ କରିଛି। ଜବତ ଗଞ୍ଜାଇ ଦାରିଙ୍ଗିବାଡି ରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା । ଅନୁରୂପ କାଳଷଣ୍ଢପୁର ନିକଟରୁ ୧୦ କେଜି ଗଞ୍ଜେଇ ସହ କୋଲକତା ମୁରସିଦାବାଦ ଅଞ୍ଚଳର ସମନ ସେକ ନାମକ ବ୍ୟକ୍ତି ଗିରଫ କରିଛି । ଜବତ ଗଞ୍ଜେଇ କୋଲକାତା ଚାଲାଣ ହେଉଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତେବେ କାଳଷଣ୍ଢପୁର ଘଟଣା ରେ ୨୨୦/୨୫ ଓ ଦାମଦରପଲ୍ଲୀ ଘଟଣା ରେ ୧୦୪ / ୨୫ ରେ ଅବକାରୀ ବିଭାଗ ପକ୍ଷରୁ ପୃଥକ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛି ।ଏହି ଚଢ଼ାଉରେ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ ।ଅଂଶୁମାନ ଜେନା ଇନ୍ସପେକ୍ଟର,ରାକେଶ ଖୁଣ୍ଟିଆ ଏସ୍ଆଇ,କନଷ୍ଟେବଳ ମଧୁସୂଦନ ଜାନି ,ସନ୍ତୋଷ ପ୍ରଧାନଅମିତ କୁମାର ଗାମଙ୍ଗା,ଭାଗିରଥି ଉପସ୍ଥିତ ଥିଲେ।

# ଚିକିଟୀ ରେ ୧୮ ତମ ପ୍ରବାସୀ ଭାରତୀୟ ଦିବସ ପାଳିତ




ଚିକିଟି, (୧୦/୧(ନି.ପ୍ର):ଚିକିଟୀ ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୋମବାର ଚିକିଟୀ ଗଡ଼ ସ୍ଥିତ ରାଜ କବି ରାଧାମୋହନ ବିଦ୍ୟାପୀଠ ପରିସର ରେ ବ୍ଲକ ସ୍ତରୀୟ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ବସନ୍ତ କୁମାର ପଣ୍ଡା ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ପ୍ରବାସୀ ଭାରତୀୟ ମାନେ ଓଡ଼ିଶା ରେ ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଓଡିଶାର ଅସ୍ମିତା, କଳା, ସଂସ୍କୃତି, ଭାସ୍କର୍ଯ୍ୟ ର ପୁନରୁଦ୍ଧାର ତଥା ପ୍ରଚାର ପ୍ରସାରରେ ସହାୟକ ହୋଇପାରିଲେ ଓଡ଼ିଶା ର ପ୍ରଗତି ଅବଶ୍ୟମ୍ଭାବୀ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ମନୋରଞ୍ଜନ ୬ ଜଣ କନିଷ୍ଠ ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ରେ ଅଧକ୍ଷତା କରି ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ବସନ୍ତ କୁମାର ପଣ୍ଡା ପ୍ରବାସୀ ଭାରତୀୟ ଦିବସ ର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମ ରେ ବିଆରସିସି ନିଗମାନନ୍ଦ ପଣ୍ଡା,ଏବିଇଓ ସିମାଞ୍ଚଳ ପଣ୍ଡା, ତ୍ରିନାଥ ମଲିକ, ପ୍ରଧାନ ଶିକ୍ଷକ ସୁଧୀର କୁମାର ପ୍ରଧାନ ପ୍ରମୁଖ ପ୍ରବାସୀ ଭାରତୀୟ ଏଂ ସେମାନଙ୍କର ରୁଚି ଓ ପ୍ରତିଭା ଦେଶ ତଥା ରାଜ୍ୟର ସାଂସ୍କୃତିକ ପରମ୍ପରା କୁ ଉଜ୍ଜ୍ୱଳିତ କରିବ ବୋଲି ମତ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସିଲ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁଦୀପ୍ତ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିବା ବେଳେ ବହୁ ବିଦ୍ୟାଳୟ ର ଶିକ୍ଷକଶିକ୍ଷୟିତ୍ରୀ,ସିଆରସିସି ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ଡଙ୍କଲପାଡୁ ବେଳାଭୂମି

## ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ସହ ଭିତିଭୂମି ବିକାଶ କରିବାକୁ ଦାବି

ଚିକିଟି, ୧୦/୧(ନି.ପ୍ର): ଦକ୍ଷିଣ ଓଡ଼ିଶାର ଆକର୍ଷଣୀୟ ନିଆରା ପର୍ଯ୍ୟଟନ ସ୍ଥଳି ହେଉଛି ଡଙ୍କଲପାଡୁ। ଗଞ୍ଜାମ ଜିଲ୍ଲା ଚିକିଟୀ ବ୍ଲକର ଉପକୂଳ ବର୍ତ୍ତୀ ଏକସିଙ୍ଗି ପଞ୍ଚାୟତରେ ଏହି ଡଙ୍କଲପାଡୁ ବେଳାଭୂମି ରହିଛି। ଏହାର ମନଲୋଭା ଅପରୂପ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ବେଳେ ଏଠାକାର ଶାନ୍ତ ସୁନ୍ଦର ପରିବେଶ ସାଙ୍ଗକୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଅଞ୍ଚଳର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛି। ବର୍ଷ ତମାମ ରାଜ୍ୟ ଓ ପଡୋଶୀ ରାଜ୍ୟ ପର୍ଯ୍ୟଟକ ଙ୍କ ଗହଳି ଜମୁଥିବା ବେଳେ ମୌଳିକ ସୁବିଧା ର ଅଭାବରୁ ପର୍ଯ୍ୟଟକ ମୁହ ଫେରାଉଛନ୍ତି। ପର୍ଯ୍ୟଟନ ର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଆସୁଥିବା ବେଳେ ଅନ୍ୟତମ ଆକର୍ଷିତ ବେଳାଭୂମି ଭାବେ ଖ୍ୟାତି ଅର୍ଜନ କରିଥିବା ଡଙ୍କଲପାଡୁ ବେଳାଭୂମି ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ର ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏହି ସୌନ୍ଦର୍ଯ୍ୟ ଭରା ବେଳାଭୂମିକୁ ଆଖିରେ ନଦେଖିଲେ ତାର ନୈଶ୍ୟ ଭରା ଆନନ୍ଦ କୁ ଉପଲବ୍ଧି କରିହେବ ନାହିଁ। ଏଠାକାର ଝାଉଁ ବଣ, ସମୁଦ୍ର ଗର୍ଜନ, ସୁଲୁସୁଲିଆ ପବନ, ଶାନ୍ତ ସୁନ୍ଦର ପରିବେଶ ସାଙ୍ଗକୁ ପ୍ରାକୃତିକ ସୌନ୍ଦର୍ଯ୍ୟ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ପର୍ଯ୍ୟଟକ ମାନଙ୍କୁ ଆନନ୍ଦ ଦେଇଥାଏ ତେବେ ଦକ୍ଷିଣ ଓଡ଼ିଶାର ପ୍ରାଣ କେନ୍ଦ୍ର କୁହାଯାଉଥିବା ବ୍ରହ୍ମପୁର ସହର ଠାରୁ ଏହି ସୌନ୍ଦର୍ଯ୍ୟ ମୟ ବେଳାଭୂମି ମାତ୍ର ୧୭ କିଲୋମିଟର ଦୂରରେ ରହିଥିବାରୁ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହ ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଁ ଅଞ୍ଚଳ ବାସୀଙ୍କ ତରଫରୁ ଦାବି ହୋଇଛି। ତେବେ ଯାତାୟାତ ଲାଗି ପକ୍କା ସଡ଼କ, ପାନୀୟ ଜଳ, ଶୌଚାଳୟ, ରୋଷେଇ ଶାଳ, ବିଦ୍ୟୁତି କରଣ, ଆଲୋକ ବ୍ୟବସ୍ଥା, ବିଶ୍ରାମା ଗାର ଇତ୍ୟାଦି ସୁବିଧା ନଥିବାରୁ ପର୍ଯ୍ୟଟକ ଙ୍କୁ ନିରାଶ ହେବାକୁ ପଡୁଛି। ଏହି ବେଳାଭୂମିର ବିକାଶ ଆଉ ଦୁରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ମନୋରଞ୍ଜନ ଓ ସୁବିଧା ଲାଗି ଗ୍ରାମବାସୀ ମାନେ ପାରିଶ୍ରମିକ, ଆର୍ଥିକ ସହଯୋଗ ଦେଇ ସମସ୍ତ ବ୍ୟବସ୍ଥା କରୁଥିବା ଦେଖିବାକୁ ମିଳିଛି। ଏଣୁ ପର୍ଯ୍ୟଟନ ବିଭାଗ ଓ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରୀ ଏହି ସୌନ୍ଦର୍ଯ୍ୟ ପୂର୍ଣ୍ଣ ବେଳାଭୂମି ପ୍ରତି ଦୃଷ୍ଟି ଦେଲେ ଭିତିଭୂମି ର ବିକାଶ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।

# ଦ୍ୱିତୀୟ ଇଣ୍ଟର ସ୍କୁଲ ତାଇକଣ୍ଡୁ ଚାମ୍ପିଅନ୍‌ସିପ

ଭୁବନେଶ୍ୱର,୧୦/୧(ନି.ପ୍ର): ଆସୋସିଏସନ ଅଫ ଭୁବନେଶ୍ୱର ତାଇକଣ୍ଡୁ ଓ ବଳରାମ ଡିଫେନ୍ସ ସ୍କୁଲ ପକ୍ଷରୁ ଦ୍ୱିତୀୟ ଇଣ୍ଟର ସ୍କୁଲ ତାଇକଣ୍ଡୁ ଚାମ୍ପିଅନ୍‌ସିପ ୟୁନିଟ ୯ ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୨ଟି ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଣ୍ଡର ୧୦, ୧୨, ୧୪ ଓ ୧୬ ଚାରୋଟି ପର୍ଯ୍ୟାୟରେ ପ୍ରତିଯୋଗିତା ହୋଇଥିଲା। ଓସେନ ଏକାଡେମୀ ଓ ଜିଡି ଗୋଏଙ୍କା ପବ୍ଲିକ ସ୍କୁଲ ଯୁଗ୍ମ ଭାବେ ବିଜୟୀ ହୋଇ ଚାମ୍ପିଅନ୍ ହୋଇଥିଲା ବେଳେ ଓଡିଏମ ପବ୍ଲିକ ସ୍କୁଲ ପ୍ରଥମ ରନର୍ସ ଅଫ, ୟୁପନ ଏକାଡେମୀ ଦ୍ୱିତୀୟ, ଓ୍ୱାରିୟସ ତାଇକଣ୍ଡୁ ଏକାଡେମୀ ତୃତୀୟ, ଆର୍ଯ୍ୟଭଟ୍ଟ ଆନସେନ୍ ଏକାଡେମୀ ସ୍କୁଲ ଚତୁର୍ଥ ଓ ପୁରୀ ମହୁଲି ମଠ ସରସ୍ୱତୀ ଶିଶୁ ମନ୍ଦିର ୫ମ ରନର୍ସ ଅଫ ହୋଇଥିଲା। ୧୫ ଜଣ ରେଫରୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ଅତିଥି ମାନଙ୍କ ମଧରେ ବୀର କିଶୋର ଦେବ, ରବିନାରାୟଣ ରାଉତରାୟ, ଭୁବନେଶ୍ୱର ତାଇକଣ୍ଡୁ ଆସୋସିଏସନର ଚେୟାରମ୍ୟାନ ନିଜାମ ଉଦ୍ଦିନ ଓ ବଳରାମ ଡିଫେନ୍ସ ଏକାଡେମୀର ପ୍ରତିଷ୍ଠାତା ବଳରାମ ନାୟକ ପ୍ରମୁଖ ଯୋଗଦାନ କରି ଟ୍ରଫି, ପଦକ ଓ ପୁରସ୍କାର ପ୍ରଦାନ କରିଥିଲେ। ଲଲାଟ କୁମାର ପରିଡା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ ଶିକ୍ଷାଧିକାରୀ ଦୃଷ୍ଟି ନଦେବାରୁ ବିଦ୍ୟାଳୟରେ ତାଲା ପକାଇଲେ ତଲେଇପଥର ଗ୍ରାମବାସୀ



ଆଠମଲ୍ଲିକ ୧୦/୧(ନି.ପ୍ର): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧୀନରେ ଥିବା ସାନହୁଲା ପଞ୍ଚାୟତ ଅନ୍ତର୍ଗତ ତଲେଇପଥର ସରକାରୀ ପ୍ରଥମିକ ବିଦ୍ୟାଳୟ ଗେଟ ଫାଟକ ରେ ଗ୍ରାମବାସୀ ଙ୍କ ଦ୍ୱାରା ତାଲା ପକାଇ ଥିବା ଘଟଣା ଦେଖିବାକୁ ମିଳିଛି । ସୂଚନା ନେବାରେ ଜଣାଯାଏ କି ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ଙ୍କୁ ବିଦ୍ୟା ଅଧ୍ୟୟନ କରାଯାଉଛି । ଦୁଃଖର ବିଷୟ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ସାହୁ ବିଦ୍ୟାଳୟ ର ମଧାହ୍ନ ଭୋଜନ ଚାଉଳ ବେନିୟମ ଭାବେ ବିକ୍ରି କରୁଥିବା ବେଳେ ବିଦ୍ୟାଳୟର ଛାତ୍ର ଛାତ୍ରୀ ଙ୍କୁ ନେଇ ଦୈନ ଦିନ ଗୋଡ଼ ମୋଡ଼ିବା, ପାଦ ଗୋଇଠୀ ରେ ଠିଆ ହୋଇ ଗୋଡ଼ ମାଡ଼ିବା, ପିଠି ରେ ବିଧା ମାରିବା , ଗୋଡ଼ ହାତ ଆଙ୍ଗୁଠି ଫୁଟାଇବା ସହିତ ମୁଣ୍ଡରୁ ବାଳ ଧରି ଟାଣିବା କାମ ଆଦିରେ କାର୍ଯ୍ୟ କରୁଥିବା ଘଟଣା ର ତଦନ୍ତ କରି ଉକ୍ତ ପ୍ରଧାନ ଶିକ୍ଷକ ଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ତଲେଇ ପଥର ଗ୍ରାମବାସୀ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢୀ ଙ୍କୁ ଗତ ତା ୪/୧୨/୨୪ ରିଖ ରେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଯାହାକି ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ସୁଣ୍ଢୀ ଅଭିଯୋଗ ପତ୍ର ଗ୍ରହଣ କରି ୧୫ ଦିନ ଭିତରେ ଉକ୍ତ ଅଭିଯୋଗ କୁ ତଦନ୍ତ କରି ଦୋଷୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବିଦ୍ୟାଳୟ ର ସମସ୍ୟା ସମାଧାନ କରିବା ପାଇଁ ଗ୍ରାମବାସୀ ଙ୍କୁ ପ୍ରତିଶ୍ରୁତି ଦେଇ ଗ୍ରାମବାସୀଙ୍କୁ ଘରକୁ ପଠାଇଥିଲେ । ଦୁଃଖର ବିଷୟ ୧୫ ଦିନ ବିତି ଏକ ମାସ ବିତି ଯାଇଥିଲେ ସୁଦ୍ଧା ଶିକ୍ଷା ଅଧିକାରୀ ଗ୍ରାମବାସୀ ଙ୍କ ଅଭିଯୋଗ କୁ ଅଣଦେଖା କରିବାରୁ ବାଧ ହୋଇ ଆଜି ବିଦ୍ୟାଳୟ ରଗେଟ ଫାଟକ ରେ ତାଲା ପକାଇ ଥିବା ଦେଖିବାକୁ ମିଳିଛି । ଗ୍ରାମ ସଭାପତି ପ୍ରହଲ୍ଲାଦ ଭୋଇ, ସମ୍ପାଦକ ଧରଣୀ ଧର ନାଏକ,ସଞ୍ଜୟ ବେହେରା,ନୀଳମଣି ଦେହୁରୀ,ଇନ୍ଦ୍ରମଣି ମିର୍ଦ୍ଧା, ନରେଶ ଚନ୍ଦ୍ର ଦେହୁରୀ ,ରବୀନ୍ଦ୍ର ନାୟକ, ଅବଳା ନାୟକ , ଦିବାକର ସାହୁ, ଶକୁନ୍ତଳା ଗଡ଼ ନାୟକ, ଶୈଳ ବେହେରା , ସୁଶୀଳା ଓରାମ, ପ୍ରତିମା ନାଏକ ସମେତ ସମସ୍ତ ଗ୍ରାମବାସୀ କହିଛନ୍ତି ଯେ ପର୍ଯ୍ୟନ୍ତ ବ୍ଲକ ଶିକ୍ଷା ଅଧିକାରୀ ଆମ ଅଭିଯୋଗ କୁ ତଦନ୍ତ କରି ବିଚାର କରି ସନ୍ତୋଷ ଜନକ ଉତ୍ତର ନଦିଆନ୍ତି ସେତେ ଦିନ ବିଦ୍ୟାଳୟରେ ତାଲା ଝୁଲିବ ବୋଲି କହିଥିଲେ ।

# ସ୍କୁଲର ଉନ୍ନୟନ ମୂଳକ କାର୍ଯ୍ୟର ମିଳୁନି ପ୍ରାପ୍ୟ

## ଆଗାମୀ ୧୫ତାରିଖରେ ସ୍କୁଲରେ ତାଲା ପକାଇ ଅନଶନର ଚେତାବନୀ

ବୌଦ୍ଧ, ୧୦/୧(ନି.ପ୍ର): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରତନପୁର ସ୍କୁଲ ଠାରେ ଗତ ସାଧାରଣ ନିର୍ବାଚନ ପାଇଁ(୧୫୧)ନଂ ବୁଥ ହୋଇଥିବା ବେଳେ ଭୋଟର ଙ୍କ ସୁବିଧା ପାଇଁ ଆବଶ୍ୟକ କାର୍ଯ୍ୟ ହୋଇଥିଲା । ଯାହାକି ଗ୍ରାମର କିଛି ଲୋକଙ୍କୁ ସ୍କୁଲର ପ୍ରଧାନ ଶିକ୍ଷକ କାର୍ଯ୍ୟ କରିବାକୁ ଅନୁମତି ଦେଇଥିଲେ । ସ୍କୁଲ ପରିସରରେ ଥିବା ନଳକୂପ ଚାନ୍ଦିନୀ,ଶୌଚାଳୟ, ନିର୍ବାଚନ ପରେ ସ୍କୁଲ ମରାମତି କାର୍ଯ୍ୟ କରି ଆଜି ପର୍ଯ୍ୟନ୍ତ ଏହି ଖର୍ଚ୍ଚ ବାବଦ କୁ ପ୍ରାପ୍ୟ ମିଳିନ ଥିବାରୁ ପୁରୁଣାକଟକ ପଂଚାୟତ ଅଧିକାରୀ ଙ୍କୁ ଗ୍ରାମର ଅଜିତ ବାରିକ,ଦିଲ୍ଲୀପ ପ୍ରଧାନ, ସସ୍ମିତା ଦନ୍ତା,ଶ୍ରୀକାନ୍ତ ଦାସ, ସନ୍ତୋଷିନୀ ପ୍ରଧାନ,ହରିହର କର୍ଣ୍ଣ,ବନିତା ବେହେରା, ଅଜିତ କୁମାର ଦାସ ପ୍ରମୁଖ ଗତ କାଲି ୬ ତାରିଖ ରେ ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଆସନ୍ତା ୧୫ତାରିଖ ଭିତରେ କାର୍ଯ୍ୟ କରିଥିବା ସମସ୍ତ କାର୍ଯ୍ୟର ସମୁଦାୟ ଟଙ୍କା ନ ମିଳିଲେ ଆସନ୍ତା ୧୫/୦୧ ତାରିଖ ରେ ସ୍କୁଲ ରେ ତାଲା ପକାଇ ଅନଶନ ରେ ବସିବାକୁ ଚେତାବନୀ ଦେଇଛନ୍ତି । ଘଟଣା କୁ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରଭଙ୍ଗା, ବିଡ଼ିଓ ହରଭଙ୍ଗା, ଥାନା ଅଧିକାରୀ ପୁରୁଣାକଟକ ଓ ପ୍ରଧାନ ଶିକ୍ଷକ ଙ୍କୁ ଅଭିଯୋଗର ଏକ କିତା ନକଲ ପ୍ରଦାନ କରିବା ପାଇଁ ଅଭିଯୋଗ କାରି ମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

# ଜିଲ୍ଲା ସ୍ତରୀୟ ଧାନ ମଣ୍ଡି ଉଦ୍‌ଘାଟନ, ଯୋଗ ଦେଲେ ମନ୍ତ୍ରୀ



କୋରେଇ, ୧୦/୧(ନି.ପ୍ର):ଆଜି କୋରେଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ପ୍ୟାକ୍ସ ର ଓଚିନ୍ଦା ପଡ଼ିଆ ରେ ପାକ୍ସ ର ସଭାପତି ସନ୍ତୋଷ ବେହେରା ଓ ପଥର ପଦା ପଞ୍ଚାୟତ ର ସରପଞ୍ଚ ମଧୁସ୍ମିତା ବାରିକ ଙ୍କ ତତ୍ୱାବଧାନ ରେ ଜିଲ୍ଲା ସ୍ତରୀୟ ଧାନ ମଣ୍ଡି ଉଦଘାଟନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମବାୟ ଓ ହସ୍ତ ତନ୍ତ ବୟନ ଶିଳ୍ପ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇଥିବା ବେଳେ କୋରେଇର ପ୍ରିୟ ବିଧାୟକ ଆକାଶ ଦାସ ନାୟକ ଓ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡି ଯୋଗ ଦେଇ ଜିଲ୍ଲା ସ୍ତରୀୟ ଧାନ ମଣ୍ଡି କୁ ଉଦଘାଟନ କରିଥିଲେ।ଏହି ଅବସର ରେ ମନ୍ତ୍ରୀ କିପରି ଚାଷୀମାନେ ସରକାରଙ୍କ ଧାର୍ଯ୍ୟ ଦର ରେ ଧାନ ଦେବେ ଓ କୌଣସି ଚାଷୀ ମାନଙ୍କର ଯେପରି କିଛି ଅସୁବିଧା ହେବ ନାହିଁ ସେଥିପ୍ରତି ଯତ୍ନ ବାନ ହେବାକୁ ପ୍ରକରମେଣ୍ଟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ବିଧାୟକ ଆକାଶ ଚାଷୀ ମାନେ ଦେଶ ର ମେରୁଦଣ୍ଡ, ଚାଷୀମାନେ ହସିଲେ ଏ ଦେଶ ହସିବ ବୋଲି କହି ଯେପରି ସେମାନଙ୍କର ଶସ୍ୟ ବିକ୍ରୟ ରେ କଟନୀ ଛଟନୀ ନହେବ ଏବଂ ଚାଷୀମାନେ ମଣ୍ଡି ରେ କେମିତି ହଇରାଣ ନହେବେ, ସେଥିପ୍ରତି ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଜିଲ୍ଲାପାଳ ମହୋଦୟା କହିଥିଲେ କି ଚାଷୀମାନଙ୍କ ପାଇଁ ମଣ୍ଡି ରେ ସମସ୍ତ ବ୍ୟବସ୍ଥା ସହିତ ଚାଷୀମାନେ କିପରି ଉପକୃତ ହେବେ ସେଥିପ୍ରତି ପ୍ରଶାସନ ସଜାଗ ଥିବା କଥା କହିଲେ।ପରେ ପରେ ଚାଷୀ ନେତା ବଳରାମ ସାହୁ ଅଦିନିଆ ବର୍ଷା ଓ ବାତ୍ୟା ରେ ଚାଷୀ ମାନଙ୍କର ଧାନ ନଷ୍ଟ ହେବା ସହିତ ବେରଙ୍ଗ ହୋଇଯାଇଛି।ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଯତ୍ନବାନ ହୋଇ ଧାନର ମାନ କିଣିଲା ବେଳେ କୋହଳ କରିବା ସହିତ ଚାଷୀ ମାନଙ୍କୁ ଇନପୁଟ ସବସିଡି ଦେବା, ବୀମା କମ୍ପାନୀ ମାନେ ସର୍ଭେ କରି ଚାଷୀ ମାନଙ୍କୁ ତୁରନ୍ତ ବୀମା ପ୍ରଦାନ କରିବା ପାଇଁ ବିଧାୟକଙ୍କ ଜରିଆରେ ମନ୍ତ୍ରୀଙ୍କୁ ଦାବୀ ପତ୍ର ଦେଇଥିଲେ। ସବୁଠାରୁ ବଡ଼ କଥା ସେଠାରେ ଉପସ୍ଥିତ ଥିବା କୋରେଇ ସମବାୟ ଉର୍ନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର କର ଯେକି ଦୀର୍ଘ ବର୍ଷ ହେବ ଏଠାରେ ରହି ବିଭିର୍ନ୍ନ ପ୍ରକାର ଦୁର୍ନୀତି ରେ ଲିପ୍ତ ରହିବାର ଅଭିଯୋଗ ପରେ ତାଙ୍କୁ ବଦଳି ହୋଇଥିଲା। କିନ୍ତୁ ଦୁଃଖ ର ବିଷୟ ପୁଣି କେମିତି କେଉଁ ଉପାୟରେ ସେ ସେହି ଜାଗାରେ ରହିଲେ,ଏହାକୁ ସେଠାରେ ଉପସ୍ଥିତ ଥିବା ଚାଷୀ ମାନେ ଘୋର ବିରୋଧ କରିବା ଦେଖା ଯାଇଥିଲା।ଚାଷୀ ମାନଙ୍କର ଏହି ବିରୋଧ କୁ ସାମ୍ନା ନକରି ପାରି ଶ୍ରୀ କର ସେଠାରୁ ପଳାଇବାର ଦେଖିବାକୁ ମିଳିଥିଲା।ଆଜିର କାର୍ଯ୍ୟକ୍ରମ ରେ କୋରେଇରୁ ପ୍ରକାଶ ଧଳ,ଅଦେଇତ ଦାସ, ପିନାକୀ ରଞ୍ଜନ ଦାସ, ରଘୁ ମାଝୀ, କାର୍ତ୍ତିକ ସାହୁ, ରଞ୍ଜନ ପ୍ରତିହାରୀ, ଗଣେଷ ମଲ୍ଲିକ,ବିଷ୍ଣୁ ରଥ, ଉଦୟ ପରିଡା ପ୍ରମୁଖ ଶହ ଶହ କର୍ମ କର୍ତ୍ତାଙ୍କ ସହିତ ଚାଷୀ ମାନେ ଉପସ୍ଥିତ ଥିଲେ।

# କଳାହାଣ୍ଡି ଉତ୍ସବ - ୨୦୨୫ ନିମନ୍ତେ ପ୍ରସ୍ତୁତି ବୈଠକ



ଭବାନୀପାଟଣା, ୧୦/୧(ନି.ପ୍ର): କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାରର ବାର୍ତ୍ତାବହ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ଆସନ୍ତା ଜାନୁଆରୀ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଭବାନୀପାଟଣା ଠାରେ ମହାସମାରୋହରେ ଅନୁଷ୍ଠିତ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ, ଉତ୍ସବ ପାଳନ ସବ କମିଟିର ଆବଶ୍ୟକ ପୂର୍ବ ପ୍ରସ୍ତୁତି ଜାରିରହିଛି । ଏହି ଅବସରରେ ଆଜି ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଶ୍ରୀ ଇନ୍ଦ୍ରଜିତ ମହାଖୁଡଙ୍କ ଅଧକ୍ଷତାରେ ପଞ୍ଜିକରଣ, ଆବାସ ଓ ପରିବହନ ବ୍ୟବସ୍ଥା ଉପସମିତି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ କଳାହାଣ୍ଡି ଉତ୍ସବ ୨୦୨୫କୁ ଅଧିକ ଆକର୍ଷଣୀୟ ଓ ସରସ ସୁନ୍ଦର ଭାବରେ ସମସ୍ତଙ୍କ ସହଯୋଗରେ ଜିଲ୍ଲା, ଜିଲ୍ଲା ବାହାରୁ ରାଜ୍ୟ ବାହାରୁ ଆସୁଥିବା ସାଂସ୍କୃତିକ ଦଳର ସଦସ୍ୟ ମାନଙ୍କ ରହିବା, ପରିବହନ ଓ ପଞ୍ଜିକରଣ କେମିତି ସୁନ୍ଦର ଭାବେ ହୋଇପାରିବ ସେହି ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲ୍ଲା ପରିବହନ ଅଧିକାରୀ ଶ୍ରୀ ଗତିକୃଷ୍ଣ ସାମନ୍ତରାୟ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ସୁବୋଧ ଛତ୍ରିଆ, ଉପ ସମିତିର ଉପାଧକ୍ଷ ଶ୍ରୀ ଚିତ୍ତ ରଞ୍ଜନ ପାତ୍ର, ଆବାହକ ଶ୍ରୀ ଆଲୋକ କୁମାର ସାହୁଙ୍କ ସମେତ ଉପ ସମିତିର ଅନ୍ୟ ସଦସ୍ୟ ଓ ସଦସ୍ୟା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଉପ ସମିତିର ସଦସ୍ୟ ନୀଳାଞ୍ଚଳ ପାନ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨ ନମ୍ବର ୱାର୍ଡରେ ସିଟି ଆକ୍ଟିଭେସନ୍ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୦/୧(ନି.ପ୍ର): ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ୧୨ ନମ୍ବର ୱାର୍ଡରେ ସିଟି ଆକ୍ଟିଭେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଏମସି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କର୍ପୋରେଟର ଜୟନ୍ତୀ ସାହୁ, ସମ୍ମାନିତ ଅତିଥି ଭାବେ ଉତ୍ତର ଜୋନ୍ ଡେପୁଟି କମିଶନର ଶଶୀଭୂଷଣ ମହାପାତ୍ର, ୱାର୍ଡ ଅଧିକାରୀ ରବି ନାରାୟଣ ମିଶ୍ର, ସିଓ ସିପ୍ରାରାଣୀ ସାମନ୍ତରାୟ, ବରିଷ୍ଠ ମୁରବି ଜନକର ସାହୁ, କେ କେ ପଣ୍ଡା, ସାମ୍ବାଦିକ ସୁକାନ୍ତ ରାଉତ ପ୍ରମୁଖ ଯୋଗଦେଇ ପ୍ରବାସୀ ଭାରତୀୟଙ୍କୁ ସୁସ୍ୱାଗତ କରିବା ସହିତ ଉଚ୍ଚକୋଟୀର ସମ୍ମାନ ପ୍ରଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଆଇନଜୀବୀ ସମରେନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ, ଝୋଟି, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲକ୍ଷ୍ମୀପ୍ରିୟା ସାହୁ ଓ ବାବୁ ଭାଇ ଟିମର ସଦସ୍ୟମାନେ ପରିଚାଳନା କରିଥିଲେ। ସମାଜସେବୀ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣିରେ ବୁଡ଼ି ମହିଳାଙ୍କ ଅକାଳ ମୃତ୍ୟୁ

ଜଳେଶ୍ୱର,୧୦/୧(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନଛିମପୁର ଗ୍ରାମରେ, ପାଣିରେ ବୁଡ଼ି ଚୁନେଇଁ ଲାଲା ରଣାଙ୍କ ପତ୍ନୀ ଚୁଡା ମଣି ରଣା(୪୮)ର ଅକାଳ ମୃତ୍ୟୁ ଘଟିଛି।ସୂଚନା ଅନୁସାରେ ଗୁରୁବାର ସକାଳେ ଦମ୍ପତି,ନିକଟସ୍ଥ ଦୋକାନକୁ ଚାହା ପିଇବାକୁ ଯାଇଥିଲେ।ସେଠାରୁ ଆସି ପଦାକୁ ଶୌଚ ହେବାକୁ ଯାଇ ଘରକୁ ଫେରି ନଥିଲେ।ବିଳମ୍ବ ହେବାରୁ ଖୋଜାଖୋଜି ପରେ ଘର ସନ୍ନିକଟ ଗାଡ଼ିଆ ରୁ ତାଙ୍କୁ ଠାବ କରା ଯାଇଥିଲା।ସଂଗେ ସଂଗେ ଟଟୋ ଯୋଗେ, ନିକଟସ୍ଥ ଜିକେ ଭଟ୍ଟର ହସ୍ପିଟାଲ କୁ ନିଆ ଯାଇଥିଲା। ସେଠାରେ ଡାକ୍ତର ବହୁ ସମୟ ଧରି ପରୀକ୍ଷା ନିରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ।ତାଙ୍କୁ ଗ୍ରାମ୍ୟ ଶ୍ମଶାନରେ ଏକ ମାତ୍ର ପୁତ୍ର ସପନ କୁମାର ରଣା ମୁଖାଗ୍ନୀ ଦେଇଥିଲେ।ସେ ଦୀର୍ଘଦିନ ଧରି ନିଶା ସେବନ କରି ଆସୁଥିବାରୁ ନିଶାଗ୍ରସ୍ତ ହୋଇ ପାଣି ରେ ଜୀବନ ହାରିଥିବା ଚର୍ଚ୍ଚା ହେଉଛି।

# ଆଦର୍ଶ ପୋଖରୀ ନିଲାମ ପ୍ରକ୍ରିୟା ଘଟଣାକୁ ନେଇ ବିବାଦ

## ଉଚ୍ଚ ନ୍ୟାୟାଳୟ ଆଦେଶକୁ ଅବଜ୍ଞା କରୁଛନ୍ତି ବିଡ଼ିଓ ସରପଞ୍ଚ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ



କେନ୍ଦ୍ରାପଡା, ୧୦/୧(ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବେରୁହାଁ ଗ୍ରାମରେ ଶୁକଦେବ ଶରଣସିଂଙ୍କ ଭୂମିହୀନ ଯୋଜନାରେ ସରକାର ୦.୪ ଡିସିମିଲ ଜାଗା ଦେଇଥିଲେ । ତତ୍ କାଳୀନ ସରପଞ୍ଚ ଏବଂ ଜେଇ ଆଦର୍ଶ ପୋଖରୀ କରି ଜାଗାକୁ ୦.୩ ଡିସିମିଲ ଖୋଳି ଦେଇଥିଲେ ଏବଂ ପୂର୍ବ ସରକାର ଥିବା ବେଳେ କର୍ମୀମାନେ ତାଙ୍କ ଜାଗାକୁ ଆଦର୍ଶ ପୋଖରୀ ଖୋଳି ମିଶେଇ ଦେଇଥିଲେ । ଆଜି ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିନା ନୋଟିସରେ ପୋଖରୀ ନିଲାମ ପ୍ରକ୍ରିୟା କରିଥିଲେ । ଅଭିଯୋଗକାରୀ ଶୁକଦେବ ଶରଣସିଂ କୌଣସି ସୂତ୍ରରୁ ଖବର ପାଇ ପଞ୍ଚାୟତ ଅଫିସରେ ପହଞ୍ଚି ନିଲାମକୁ ବିରୋଧ କରିଥିଲେ ଏବଂ ପଂଚାୟତର ନିର୍ବାହୀ ଅଧିକାରୀ ଜଣକ ଅଭିଯୋଗକାରୀକୁ ନାଲି ଆଖି ଦେଖେଇ ତୁମେ କି ଏ ସେ ନିଲାମ ବନ୍ଦ କରିବାକୁ ତୁମର ଯଦି ତିନି ଡିସିମିଲ ସରକାରୀ ପଟ୍ଟା ପାଇଛ ଏବଂ ଖୋଳି ଦେଇଛନ୍ତି ତାହେଲେ ମୁଁ ପୋତି ତୁମକୁ ଜାଗା ଦେବି । ଏଠି ପ୍ରଶ୍ନ ଉଠୁଛି ଯେ ସରକାରୀ ଅଧିକାରୀ ଜଣଙ୍କ କାହା ସାହାସରେ ଏକଥା କହିଛନ୍ତି ? ଏହା ପରେ ଅଭିଯୋଗକାରୀ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ସରକାରୀ କର୍ମଚାରୀମାନେ ହାଇକୋର୍ଟ ନିର୍ଦ୍ଦେଶକୁ ମାର୍ଶାଘାଇ ବିଡ଼ିଓ, ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଉଚ୍ଚ ନ୍ୟାୟାଳୟ ଆଦେଶକୁ ଅବମାନନା କରିବା ସହିତ ପୋଖରୀ ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା କେତେ ଦୂର ଠିକ ବୋଲି ସାଧାରଣରେ ଚର୍ଚ୍ଚା ଓ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତ କିଛିଦିନ ତଳେ କେନ୍ଦ୍ରାପଡା ଜିଲ୍ଲାପାଳ ହାଇକୋର୍ଟରେ ପକ୍ଷ ରଖି ତିନିମାସ ମଧ୍ୟରେ ସ୍ଥାୟୀ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମାନ୍ୟବର ଉଚ୍ଚ ନ୍ୟାୟାଳୟ କିନ୍ତୁ ବ୍ଲକ ପ୍ରଶାସନ କେମିତି ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶନାମାକୁ ବେଖାତିରି କରି ବିନା ବିଜ୍ଞପ୍ତିରେ ପୋଖରୀ ନିଲାମ ପ୍ରକ୍ରିୟା କରୁଥିଲେ। ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ? ଏଠି ସରପଞ୍ଚ ମହୋଦୟ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ବିଡ଼ିଓ ସାଧାରଣ ଜନତାଙ୍କୁ ନାଲି ଆଖି ଦେଖାଇ ଉଚ୍ଚ ନ୍ୟାୟାଳୟ ଠାରୁ ଆରମ୍ଭ କରି ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ଆଦେଶକୁ ହେଜ୍ଞାନ୍ କରି ନିରାଷୟ ଭୂମିହୀନ ଲୋକଟି ଉପରେ ଅତ୍ୟାଚାର କରୁଛନ୍ତି।

# ସାଇକେଲ ଯୋଗେ ତ୍ରିର୍ଥଯାତ୍ରାରେ ବାହାରିଲେ କେନ୍ଦ୍ରାପଡ଼ାର ଦୁଇ ବରିଷ୍ଠ ନାଗରିକ

## କେନ୍ଦ୍ରାପଡ଼ା ରୁ ମୁମ୍ବାଇ ପର୍ଯ୍ୟନ୍ତ ପ୍ରାୟ ପାଞ୍ଚ ହଜାର କିଲୋମିଟର କରିବେ ଯାତ୍ରା





କେନ୍ଦ୍ରାପଡ଼ା ୧୦/୧(ନି.ପ୍ର): କେନ୍ଦ୍ରାପଡା ପୌରାଅଞ୍ଚଳ ଅନ୍ତର୍ଗତ ଜୟପୁରା ଗ୍ରାମର ୧୨ନମ୍ବର ୱାର୍ଡ ର ୱାର୍ଡ ସଭ୍ୟ ଙ୍କ ପ୍ରତିନିଧି ସେକ ଚାନ୍ଦ ଙ୍କ ନେତୃତ୍ୱ ରେ ସ୍ଥାୟି ବାସିନ୍ଦା ଭାବେ ବସବାସ କରୁଥିବା ଦୁଇ ସଂଖ୍ୟାଲଘୁ ଯୁବକ ମହମ୍ମଦ ମୋକିମ୍(୪୨) ଏବଂ ସେକ୍ ନୁର ଅସଲମ (୪୮) ନାମକ ଦୁଇଜଣ ବ୍ୟକ୍ତି ସାଇକେଲ ଯୋଗେ ମୁମ୍ବାଇର ହାଜିଅଲ୍ଲି ଆଜମେର ବାବାଙ୍କ ଆଶ୍ରିବାଡ ଭିକ୍ଷା ନିମନ୍ତେ ଆଜି ସକାଳ ୯ ଘଣ୍ଟିକା ସମୟରେ କେନ୍ଦ୍ରାପଡ଼ା ପୌରସଂସ୍ଥାରେ ମନସୂର୍ ବାବାଙ୍କ ନିକଟରୁ ଆଶ୍ରିବାଦ ମାଗି ସାରିବା ପରେ ପୌରପାଳିକା ଅଧକ୍ଷାଙ୍କ ପ୍ରତିନିଧି ରଞ୍ଜିତି କୁମାର ସାହୁ (ଧନୀ ଭାଇ) ସେକ୍ ଚାନ୍ଦ, ହିବଜୁ ରେହେମାନ, ସେକ୍ ଅସଲମ୍ ,ଓ ଉପାଧ୍ୟକ୍ଷଙ୍କ ପ୍ରତିନିଧି ସେକ ଇମିରାନ ,ସେକ ନସିମୁଡ଼ିନି ପତାକା ହଲାଇ ଯାତ୍ରା ଶୁଭ ଆରମ୍ଭ କରିଥିଲେ। କୋଟ କାର୍ଯ୍ୟାଳୟ ପ୍ରକୋଷ୍ଟରେ ଲାଗି ରହିଥିବା ବାବା ମନଶୁର ଙ୍କ ଗାଦୀ ନିକଟ ସାଇକେଲ ଯାତ୍ରା ଆରମ୍ଭ କରିଥିଲେ ଏଣୁ ଏହି ଯାତ୍ରା ବିଭିନ୍ନ ସ୍ଥାନରେ ରହିଥ?ବା ମସଜିଦ୍, ମାଦ୍ରାସରେ ରହିସହ ଓ ଖାଦ୍ୟପାନ୍ୟ ବ୍ୟବସ୍ଥା ରଖାଯାଇଛି। ବାରିପଦା, ଝାରଖଣ୍ଡ, ବିହାର, ଉତ୍ତରପ୍ରଦେଶ, ଦିଲ୍ଲୀ, କାଲିଆର୍ ସାରିଫ୍, ଜୟପୁର, ରାଜସ୍ଥାନ୍, ଆଜମେର୍ ସରିଫ୍ ସହିତ ଗୁଜୁରାଟ୍, ନାଗପୁର ଓ ମହାରାଷ୍ଟ୍ର ମୁମ୍ବାଇ ହାଜିଆଲି ରୋଡ୍ ଦେଇ ପ୍ରାୟ ୫ ହଜାର କିଲୋମିଟର ବାଟ ଅତିକ୍ରମ କରିବେ ଆଜ ।ମନଶୁର ବାବାଙ୍କ ପଖରେ ପହନ୍ତିଥିଲେ ବାବାଙ୍କ ଆଶ୍ରୀବାଦ ଭିକ୍ଷାକରି ସାଇକେଲ ଯାତ୍ରା ଆରମ୍ଭ କଲେ।

# ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେପିର ସାଂଗଠନିକ ନେତୃତ୍ୱ ଚୟନ



ଜଳେଶ୍ୱର,୧୦/୧(ନି.ପ୍ର): ଗତ ସାଧାରଣ ନିର୍ବାଚନରେ ବିଜେପି, ଜଳେଶ୍ୱର ବିଧାନ ସଭା ଆସନରୁ ରୁ ଅଳ୍ପକେ ବିଜୟରୁ ବଞ୍ଚିତ ହୋଇଛି। ଆଗାମୀ ଦିନରେ ସଂଗଠନ କୁ ଅଧିକ ମଜବୁତ ଓ କ୍ରିୟାଶୀଳ କରିବା ପାଇଁ ଜିଲ୍ଲା ନେତୃତ୍ୱ, ମଣ୍ଡଳ ସଭାପତି ମନୋନୀତ କରିଛନ୍ତି । ସୂଚନା ଅନୁସାରେ, ଜଳେଶ୍ୱର ବିଜେପି ନଗର ସଭାପତି ଭାବେ,୧୨ ନଂ ୱାର୍ଡ,କାଉନସିଲର ଶିବ ନାରାୟଣ ମହାପାତ୍ର ଙ୍କୁ ଦାୟିତ୍ୱ ମିଳିଛି। ସେହିପରି ନଗର ମଣ୍ଡଳ ପ୍ରତିନିଧି ଭାବେ ଫାଲଗୁନ ପାଣିଗ୍ରାହୀ ଙ୍କୁ ପୁନଃ ଦାୟିତ୍ୱ ଦିଆଯାଇଛି। ସୁବର୍ଣ୍ଣରେଖା ମଣ୍ଡଳ ର ସଭାପତି ଭାବେ ଅନୁପ କୁମାର ପ୍ରଧାନ,ବିଶ୍ୱରୂପ ଦାସ ମଣ୍ଡଳ ପ୍ରତିନିଧି, ରାଇବଣିଆ ମଣ୍ଡଳ ର ସଞ୍ଜୀବ ଜେନା ସଭାପତି, ମଣ୍ଡଳ ପ୍ରତିନିଧି ତରୁଣ ପଟ୍ଟନାୟକ,ସପ୍ତେଶ୍ୱର ମଣ୍ଡଳ ର ସଭାପତି ସଞ୍ଜୀବ ସେନାପତି ଓ ମଣ୍ଡଳ ପ୍ରତିନିଧି ତନ୍ମୟ କୁମାର ଚାନ୍ଦ, ପାଉଁଶ କୁଲି ମଣ୍ଡଳ ରେ ସଭାପତି ଭାବେ ରଜତ ରଞ୍ଜନ ଦାସ ଓ ମଣ୍ଡଳ ପ୍ରତିନିଧି ଭାବେ ସରୋଜ କୁମାର ପ୍ରଧାନ ମନୋନୀତ ହୋଇଛନ୍ତି। ପଶ୍ଚିମ ବାର୍ଡ ମଣ୍ଡଳ ର ସଭାପତି ଓ ପ୍ରତିନିଧି ଅନିବାର୍ଜ କାରଣ ବଶତଃ ଚୟନ ହୋଇନଥିବା ସୁଚନା ମିଳିଛି। ସୂଚନା ଯୋଗ୍ୟ, ଭାରତୀୟ ଜନତା ପାର୍ଟି,ଯୁବ ସଂଗଠକ ଙ୍କ ଥଇଥାନ ଓ ମଣ୍ଡଳ ରେ ପାରଦର୍ଶିତା ଲାଗି, ଦୁଇ ଦୁଇ ଜଣ ନେତୃତ୍ୱ ଙ୍କୁ ଦାୟିତ୍ୱ ଦେଇଥିବା କୁହାଯାଉଛି।

# ପିଣ୍ଟୁ ମ୍ୟୁଜିକ୍ ଡ୍ୟାନସ୍ ଆଣ୍ଡ୍ କଲ୍ଚରାଲ ଏକାଡେମୀର ବାର୍ଷିକ ଉତ୍ସବ ପାଳନ






କେନ୍ଦ୍ରାପଡା, ୧୦/୧(ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ଅନ୍ତର୍ଗତ ଗୋପ ଗାଁ ସ୍ଥିତ ୫ ନଂ ୱାର୍ଡର ଦି କାମ୍ବିରିଜି ବିଦ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲାର ଏକ ଅଗ୍ରଣୀ ନୃତ୍ୟ ଓ ଗୀତ ଏବଂ କଳାସଂସ୍ଥା ପିଣ୍ଟୁ ମ୍ୟୁଜିକ ଆଣ୍ଡ୍ ସାଂସ୍କୃତିକ ଏକାଡେମୀର ପ୍ରାଣ ପ୍ରତିଷ୍ଠାତା ଶ୍ରୀଧର ମଲ୍ଲିକ(ପିଣ୍ଟୁ)ଙ୍କ ଅଧକ୍ଷତାରେ ଏବଂ ଏହି କଳା ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ଅମରବର ବିଶ୍ୱାଳଙ୍କ ସଭାପତିତ୍ୱରେ ତାର ୧୨ତମ ବାର୍ଷିକ ଉତ୍ସବ ୨୦୨୫ ଧୂମ ଧାମ ଓ ଆଡମ୍ବର ପୂର୍ଣ୍ଣ ସହକାରେ ପାଳନ କରା ଯାଇଛି । ଏହି ଅବସରରେ ମୂଖ୍ୟ ଅତିଥୀଭାବେ ପୌରାଧକ୍ଷା ସରୀତା ସାହୁ, ସ୍ଥାନୀୟ କାଉନସିଲର ନୀରାକାର ସ୍ୱାଇଁ, କେମ୍ରିଜ ସ୍କୁଲର ପ୍ରିନିସିପାଲ୍ ସାୟଦ୍ ରଫି ଅହମଦ୍ ରାଜା ପ୍ରମୂଖ କେନ୍ଦ୍ରାପଡାର ଆରାଧ ଦେବତା ପ୍ରଭୁ ସିଦ୍ଧ ବଳଦେବ ଜୀଉଙ୍କ ଫଟୋଚିତ୍ର ନିକଟରେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିବା ବେଳେ ମଞ୍ଚାସୀନ ଅତିଥୀ ମାନଙ୍କୁ କଳା ଅନୁଷ୍ଠାନ ପକ୍ଷରୁ ବଳଦେବଙ୍କ ଫଟୋଚିତ୍ର, ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କାରା ଯାଇଥିଲା ବେଳେ ମଞ୍ଚ ପରିଚାଳନା କରିଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ଜୟଶ୍ରୀ ପତି ଓ ଯୋଗଗୁରୁ ସଞ୍ଜୟ ମଥାନ । ପରେ ପରେ ନୃତ୍ୟ ଏବଂ ଗୀତରେ ୧ମ ୨ୟ ଓ ୩ୟ ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହୋଇଥିବା କୁନି କୁନି କଳାକାର ମାନଙ୍କୁ ମଞ୍ଚସୀନ ଅତିଥୀମାନେ ପ୍ରମାଣପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ପୁରସ୍କୃତ କରିଥିଲେ । ପରିଶେଷରେ ଶତାଧିକ କୁନି କୁନି କଳାକାର ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ନୃତ୍ୟ ଗୀତକୁ ଦୀର୍ଘ ସମୟଧରି ମଞ୍ଚ ସମ୍ମୁଖରେ ଶୀତୁଆ ସନ୍ଧ୍ୟାରେ ବସି ମନଭରି ଉପଭୋଗ କରୁଥିବା ସୁବ୍ରତ ରାଉତ, ସାମ୍ବାଦିକ କୂଳମଣୀ ଲେଙ୍କା, ପ୍ରଫୁଲ୍ଲ ଦାସ ନୀହାର ରଂଜନ ସାହୁ , ମୃତ୍ୟୁଞ୍ଜୟ ପରିଡା, ଶନ୍ତୋଷ ପୋଥାଳ ଏବଂ ବହୁ ମୀନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବହୁ ଅଭିଭାବକଙ୍କ ସମେତ ଶତାଧିକ ଛାତ୍ର ଛାତ୍ରୀ ମାନେ ବସି ମନଭରି ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ

ବଡ଼ସାହି,୧୦/୧(ନି.ପ୍ର): ବୁଧବାର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବଡ଼ସାହିର ନିୟମିତ ସାପ୍ତାହିକ ବୈଠକର କାର୍ଯ୍ୟକ୍ରମ ସମାପ୍ତି ପରେ ସଂଘର ସମସ୍ତ ପଦାଧିକାରୀ ଓ ସଦସ୍ୟ,ସଦସ୍ୟାମାନଙ୍କୁସ୍ଥାନୀୟ ଥାନାର ଥାନାଧିକାରୀ ଉମାଶଙ୍କର ନାୟକ ଥାନା ପରିସରକୁ ଆମନ୍ତ୍ରଣ ଜଣାଇ ସାମୂହିକ ଭାବେ ସଂଘର ମୋଟ ୪୭ଜଣ ସଦସ୍ୟଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କରି ଚା' ପାନରେ ଆପ୍ୟାୟିତ କରିଅଛନ୍ତି। ଏହି କାର୍ଯ୍ୟକ୍ରମରେ ବଡ଼ସାହି ଥାନାର ଅନ୍ୟତମ ଅନୁନିରୀକ୍ଷକ ସତ୍ୟନାରାୟଣ କାଲ୍ଲୁ ଓ କନେଷ୍ଟବଳ ସନ୍ତୋଷ କୁମାର ମହାନ୍ତ ତାଙ୍କୁ ସହଯୋଗ କରିଥିଲେ। ସଂଘର ସଭାପତି ରଣଜିତ କୁମାର ଦାସ,ସମ୍ପାଦକ ସନ୍ତୋଷ କୁମାର ବେହେରା, କୋଷାଧକ୍ଷ ଯୋଗେଶ୍ୱର ମିଶ୍ର ତଥା ଅନ୍ୟାନ୍ୟ ପଦାଧିକାରୀ ଓ ସଦସ୍ୟ ସଦସ୍ୟାଗଣ ବଡ଼ସାହି ଥାନାର ଏହି ମହତ କାର୍ଯ୍ୟ ପାଇଁ ଥାନାର ଭାରପ୍ରାପ୍ତ ନିରୀକ୍ଷକଙ୍କ ସହିତ ସମସ୍ତ କର୍ମଚାରୀଙ୍କୁ ସାଧୁବାଦ ଜ୍ଞାପନ କରିଅଛନ୍ତି। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଘର ସଂଯୋଜକ ତଥା ମୁଖପାତ୍ର ଶଚୀନ୍ଦ୍ର କୁମାର ବିଶ୍ୱାଳ ସଞ୍ଚାଳନ କରିଥିଲେ।

# ଦ୍ୱିତୀୟ ସୁକତେଲ ମହୋତ୍ସବ ଉଦ୍‌ଘାଟିତ

ବଲାଙ୍ଗିର,୧୦/୦୧ - ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ରାମ ମନ୍ଦିର ନିକଟସ୍ଥ ପଡିଆରେ ଦ୍ୱିତୀୟ ସୁକତେଲ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି ମହୋତ୍ସବକୁ ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଭୋଇ ମୁଖ୍ୟ ଅତିଥି ଅନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରିଥିଲେ । ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ସମ୍ମାନିତ ଅତିଥି, ପ୍ରଶାନ୍ତ କୁମାର ମେହେର ପ୍ରବାସୀ କଳା ସଂଗଠକ, ବିଶିଷ୍ଟ କଣ୍ଠ ଶିଳ୍ପୀ ସାସ୍ୱତ କୁମାର ତ୍ରିପାଠି ମୁଖ୍ୟବକ୍ତା, ବିଧୂଭୂଷଣ ସିଂଦେଓ ସଭାପତି ପ୍ରମୁଖ ମଂଚାସିନ ଥିଲେ । ମଳୟ ଆନନ୍ଦ କୁମାର ତ୍ରିପାଠି ସଭା ସଂଯୋଜନା କରିଥିଲେ । ବରିଷ୍ଠ ନେତା ଗୋପାଳ ଜୀ ପାଣିଗ୍ରାହୀ କଳାକାର ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ମହୋତ୍ସବକୁ ନେସ୍‌ନାଲ ସାର୍ଭିସ ଫାଉଣ୍ଡେସନ ଓ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଲୋୟର ସୁକତେଲ ଅବବାହିକାରେ ଗଢିଉଠିଥିବା କଳା, ସଂସ୍କୃତି ଓ ସାହିତ୍ୟ ର ଉତ୍ଥାନ ପାଇଁ ଏହି ପରବ ଆୟୋଜନ କରୁଥିବା ହେତୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ ଏବଂ ଆଗାମୀ ଦିନରେ ସରକାର ଏବଂ ବିଭାଗ ନିଶ୍ଚିତ ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ସମ୍ମାନିତ ଅତିଥି ଶ୍ରୀ ସାହୁ ଏ ଅଂଚଳରେ ଶାନ୍ତି, ଶୃଙ୍ଖଳା ବଜାୟ ରଖି କଳାକାରଙ୍କୁ ଉଚିତ ସମ୍ମାନ ଦେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଶ୍ରୀ ତ୍ରିପାଠି ଲୋକକଳା ବଂଚିଲେ କଳାକାର ବଂଚିବ ଏବଂ ଉଚିତ ସମ୍ମାନ ପାଇବ ବୋଲି ଉପସ୍ଥିତ କଳାକାରଙ୍କୁ ଆହ୍ୱାନ ଦେଇଥିଲେ । ଟ୍ୱିଙ୍କିଲ ମହାପାତ୍ରଙ୍କୁ ସୁକତେଲ ସମ୍ମାନ ପ୍ରଦାନ କରାଯାଇଥିଲା । ଆଜିର ଏହି ସମାରୋହରେ ଶ୍ରୀରାମକୃଷ୍ଣ ଆଶ୍ରମ କଳାହାଣ୍ଡିର ଘୁମୁରା ଦଳ, ଦଣ୍ଡନୃତ୍ୟ, ଜିତେନ୍ଦ୍ରିୟ ହରିପାଲ କଳାକେନ୍ଦ୍ର ବଲାଙ୍ଗିର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ ସୁକତେଲ ଡେମ୍ ର ଏକ ବାଲୁକା କଳା ପ୍ରଦର୍ଶନ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଆବାହକ ଟିଙ୍କୁ ପ୍ରଧାନ, ଶ୍ରୀମୟ ତ୍ରିପାଠି, ହାଡିବନ୍ଧୁ ତ୍ରିପାଠି, ସତ୍ୟନାରାୟଣ ଗହିର, ସଂଜୟ ଆନନ୍ଦ ତ୍ରିପାଠି, କଳା ସଂଗଠକ ଜୟକୃଷ୍ଣ ମିଶ୍ର ପ୍ରମୁଖ ସହଯୋଗ କରିଛନ୍ତି ।

# ହିନ୍ଦୁ ସଙ୍କଟରେ କହିବା ଦ୍ୱାରା ଆମେ ନିଜକୁ ନିଜେ ଲଜ୍ଜିତ କରୁଛୁ

## ସ୍ୱାମୀ ବ୍ରହ୍ମାନନ୍ଦଙ୍କ ଜୟନ୍ତୀରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ବକ୍ତବ୍ୟ

ଭୁବନେଶ୍ୱର : ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ନିଗମ କଳ୍ପତରୁ ଆଶ୍ରମର ବାର୍ଷିକ ଉତ୍ସବ ଓ ପୂଜ୍ୟ ସ୍ୱାମିଜୀଙ୍କ ସ୍ୱନକ୍ଷତ୍ର ଉତ୍ସବ ରୁଦ୍ରବିହାର ଆଶ୍ରମଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ସବିତା ଆଚାର୍ଯ୍ୟ କହିଲେ ଯେ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ସଦ୍‌ଗୁରୁ ଠାକୁର ନିଗମାନନ୍ଦଙ୍କ ପ୍ରତି ଜଣେ ସମର୍ପିତ ପ୍ରାଣ ହୋଇଥିଲେ ମଧ୍ୟ ଜଣେ ସମନ୍ୱୟବାଦୀ ସନ୍ଥ। ସବୁ ଧର୍ମ, ମତ ଓ ପନ୍ଥକୁ ସମ୍ମାନ ଦେଇ ସେ ସବୁ ଧାର୍ମିକ ସଂସ୍ଥାର ପ୍ରଶଂସାର ପାତ୍ର ହୋଇଛନ୍ତି।

ସ୍ୱାଗତ କମିଟିର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଉପସ୍ଥିତ ଭକ୍ତ, ଶିଷ୍ୟ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ଉଦ୍‌ବୋଧନ ଦେଇ କିହଲେ ଯେ, ଆମେ ସନାତନୀ ହିନ୍ଦୁମାନେ ରାଷ୍ଟ୍ରର ରକ୍ଷକ ହୋଇ ସବୁବେଳେ ହିନ୍ଦୁ ସଙ୍କଟରେ ବୋଲି କହିବା ପ୍ରତ୍ୟେକ ରାଷ୍ଟ୍ରବାଦୀ ହିନ୍ଦୁଙ୍କ ପାଇଁ ଲଜ୍ଜାର ବିଷୟ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଶିଷ୍ଟ ଭାଷାତ□ବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, କେନ୍ଦ୍ରୀୟ ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇବାକୁ ଥିବା ପ୍ରଫେସର ଡଃ ବୈଷ୍ଣବ ଚରଣ ସାମଲ, ବିଶିଷ୍ଟ ସଂସ୍କୃତ ବିଦ୍ୱାନ ଡଃ ହରେକୃଷ୍ଣ ଶତପଥି ଓ ଡଃ ପ୍ରଫୁଲ୍ଲ କୁମାର ମିଶ୍ର ସ୍ୱାମିଜୀଙ୍କୁ ଜଣେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପିତ ପ୍ରାଣ ବୋଲି କହିଥିଲେ।

ସ୍ୱାମିଜୀଙ୍କୁ ଶୁଭେଚ୍ଛା ଜଣାଇ ସୁବା□ର ସମ୍ପାଦକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥି, ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ, ସଦ୍‌ଗୁରୁ ଠାକୁର ନିଗମାନନ୍ଦଙ୍କ ଅନୁଷ୍ଠାନର ପ୍ରଫେସର ଗଗନେନ୍ଦ୍ର ଭାଇ ଓ ସୁଧୀର ଭାଇ, ପ୍ରଫେସର ପ୍ରମୋଦ ଆଚାର୍ଯ୍ୟ, ସ୍ୱାମୀ ଶିବଚିଦାନନ୍ଦ ମହାରାଜ, ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଜଣେ ଖୋଲା ହୃଦୟର ସନ୍ଥ ବୋଲି ଅଭିହିତ କରିଥିଲେ। ମାତାମଠ ପୁରୀର ମହନ୍ତ ସୁବଳ ଚରଣ ଦାସ, ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ, ସ୍ୱାମୀ ବ୍ରହ୍ମ ଚିଦାନନ୍ଦ ସ୍ୱାମିଜୀଙ୍କ ଅଗାଧ ଜ୍ଞାନ ଓ ପାଣ୍ଡିତ୍ୟର କଳନା କରିବା ସମ୍ଭବ ନୁହେଁ ବୋଲି କହିଥିଲେ। ଏହି ଅବସରରେ ନିଗମ କଳ୍ପତରୁ ଆଶ୍ରମର ମୁଖପତ୍ର 'ବ୍ରହ୍ମାନନ୍ଦ ସନ୍ଦେଶ' ଓ କବୟିତ୍ରୀ ଗୀତାଞ୍ଜଳି ପାଣିଙ୍କ କବିତା ପୁସ୍ତକକୁ ପୂର୍ବତନ କୁଳପତି ନରେନ୍ଦ୍ର କୁମାର ମିଶ୍ର, ପ୍ରଫେସର ବିଶ୍ୱରଞ୍ଜନ, ବାସ୍ତୁବିତ ଡଃ ମନୋଜ ଲେଙ୍କା, ଡଃ ମିହିର ପଟ୍ଟନାୟକ, ସ୍ୱାମୀ ରାମ ଶରଣାନନ୍ଦ ମହାରାଜ, ସନ୍ତୋଷ ଚୈତନ୍ୟ ମହାରାଜ ଉନ୍ମୋଚନ କରିଥିଲେ।



କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁରୁ ଅନିନ୍ଦିତା ଦାସ ଓ ଗୁରୁ ଚି□ରଞ୍ଜନ ପାଣି ସଙ୍ଗୀତ ପରିବେଷଣ କରିବା ପରେ ଆଶ୍ରମର ପରିଚାଳକ ଆନନ୍ଦ ଚୈତନ୍ୟ ବ୍ରହ୍ମଚାରୀ ସ୍ୱାଗତ ଭାଷଣ ଦେଇଥିଲେ ଓ ଶେଷରେ ଅଧ୍ୟାପିକା ମାନସୀ ଶଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଫେସର ଡଃ ସବିତା ଆଚାର୍ଯ୍ୟ, ଡାକ୍ତର ବାବାଜୀ ଚରଣ ଦାସ, ଶ୍ରୀ ସନ୍ନ୍ୟାସୀ, ପ୍ରଭୁ କଲ୍ୟାଣ ମହାପାତ୍ର, ଡଃ ବଦ୍ରୀ ମିଶ୍ର, କାଳୀ ପ୍ରସାଦ ଶତପଥି, ପାଲାଚାର୍ଯ୍ୟ ମନୋରମା ପଣ୍ଡା, ଶରତ ଚନ୍ଦ୍ର ବିଶ୍ୱାଳ, ବିନାୟକ ମିଶ୍ର, ପାଲାଚାର୍ଯ୍ୟ ବସନ୍ତ କୁମାର ରାଉତ, ଗୌତମ ମହାରଣା ପ୍ରମୁଖଙ୍କୁ ସ୍ମୃତିଫଳକ ଓ ଉ□ରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଡଃ ବଦ୍ରୀନାଥ ପଟ୍ଟନାୟକ, ପ୍ରଫେସର ଡଃ ଶକୁନ୍ତଳା ବଳିୟାରସିଂହ, ଇଂ ସନ୍ତୋଷ ସ୍ୱାଇଁ, ଡଃ ବ୍ରଜବନ୍ଧୁ ପଣ୍ଡା, ଡଃ ସୁରେନ୍ଦ୍ରନାଥ ଦାସ, ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାସ, କବି କମଳ ଜଗନ୍ନାଥ ବାରିକ, ଅମରେନ୍ଦ୍ର ମହାପାତ୍ର, ସହଦେବ ଜୟସିଂହ, ଡଃ ବିଜୟାନନ୍ଦ ସିଂହ, ପ୍ରଫୁଲ୍ଲ ରଥ, ବାବା ଗୁଣନିଧି ଦାସ, ବାମନ ବାବା, ଅଭେଦାନନ୍ଦ ସରସ୍ୱତୀ, ମାଧବାନନ୍ଦ ପୁରୀ, ମାନସ ଚୈତନ୍ୟ, ସିଦ୍ଧେଶ୍ୱର ଚୈତନ୍ୟ, ଡଃ ହରିହର କାନୁନଗୋ, ବିଷ୍ଣୁ ଗିରି, ଦାମୋଦରାନନ୍ଦ ସରସ୍ୱତୀ, ପ୍ରଫେସର ସଞ୍ଜୟ କୁମାର ସାମନ୍ତରାୟ, ସ୍ୱାମୀ ବିଜ୍ଞାନାନନ୍ଦ, ସ୍ୱାମୀ ନିର୍ମଳାନନ୍ଦ, ସ୍ୱାମୀ ସତ୍ୟସ୍ୱରୂପାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସରୋଜ ମହାପାତ୍ର ସ୍ୱାମିଜୀଙ୍କ ଉଦ୍ଦଶ୍ୟରେ ଏକ ଅଭିନନ୍ଦନ ପତ୍ର ପାଠ କରିଥିଲେ।

# ବେଆଇନ୍ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଉପରେ ଚଢାଉ- ଉପଜିଲ୍ଲାପାଳ ଙ୍କ ନେତୃତ୍ୱରେ ୧୧ ଗାଡି ଜବତ୍, ୨୧ ଅଟକ

ଜଳେଶ୍ୱର,୧୦/୧: ଗତ କିଛିମାସ ଧରି ଜଳେଶ୍ୱର ଅଂଚଳର ବିଭିନ୍ନ ସ୍ଥାନରୁ ବେଆଇନ୍ ଓ ଚୋରାରେ ବାଲି, ମାଟି ଓ ମୋରମ ବ୍ୟାପକ ଚାଲାଣ ହୋଇ ଆସୁଅଛି । ୩ଦିନ ତଳେ ଜଳେଶ୍ୱରରେ କେତେକ ମାଫିଆ ତହସିଲଦାରଙ୍କ ସମ୍ମୁଖରେ ଜଣେ କାଉନ୍ ?ସିଲର ଓ ଅନ୍ୟ କେତେକ ଗ୍ରାମବାସୀଙ୍କୁ ମାଡ ମାରି ଆହତ କରିବା ଓ ଏ ସଂପର୍କରେ ପୌରପାଳଙ୍କ ନେତୃତ୍ୱରେ କେତେକ ନିର୍ବାଚିତ ପ୍ରତିନିଧି ଜିଲାଉ ପାଳ ଓ ଉପ ଜିଲ୍ଲା ପାଳଙ୍କ ଦୃଷ୍ଟି ଆକର୍ଷଣ କରିବାପରେ ପ୍ରଶାସନ ଚେଇଁ ଉଠିଛି । ଗତ ବୁଧବାର ବିଳମ୍ବିତ ରାତିରେ ଉପଜିଲାପାଳ ପ୍ରଥମେଶ ରାଜଶିକରେଙ୍କ ନେତୃତ୍ୱରେ ଜିଲା ଖଣି ବିଭାଗର ନେତୃମଣ୍ଡଳୀ ୬୦ନଂ ଜାତୀୟ ରାଜପଥର ଚାଳନ୍ତିଠାରେ ଚଢାଉ କରିଥିଲେ ।ଭୋର ସମୟରେ ଯାଉଥିବା ୯ଟି ଡମ୍ପର, ୧ଟି ଟ୍ରାକ୍ଟର ଓ ୧ଟି ଜେସିବିକୁ ଜବତ୍ କରିଥିବା ଜଣାଯାଇଛି । ଏହି ଗାଡିଗୁଡିକରେ ଥିବା ୨୧ଜଣ କର୍ମଚାରୀଙ୍କୁ ମଧ୍ୟ ଅଟକ ରଖାଯାଇ ଥାନାରେ ଦୀଆଯାଇଛି। ତ୍ୱରିତ ବେଗରେ ଖବର ପ୍ରଚାରିତ ହେବାପରେ ଶହ ଶହ ମାଟି, ବାଲି, ମୋରମ ବୋଝେଇ ଡମ୍ପର, ହଓ୍ୱେବା, ଟ୍ରାକ୍ଟର ବିଭିନ୍ନ ସ୍ଥାନରେ ଲୁଚିଯାଇଥିବା ଜଣାଯାଇଛି । ଖଣି ବିଭାଗ ପକ୍ଷରୁ ୧୧ଟି ଗାଡି ସହିତ ଅଟକ ୨୧ଜଣଙ୍କୁ ଜଳେଶ୍ୱର ଥାନାରେ ରଖାଯାଇ ପଚରାଉଚରା କରାଯାଉଛି । ଜଳେଶ୍ୱରର ମକରମପୁର, ଚାଳନ୍ତି, ଦକ୍ଷିଣ ପ୍ରହରାଜପୁର, ବେହେରାସାହି, ଗୁଆଗଡିଆ, ଗୋପାଳ ପ୍ରସାଦ, କାଦରାୟାଁ, ଶିଖରପୁର, ରାୟାଁରାମଚନ୍ଦ୍ରପୁର, କଣ୍ଟାପାଳ ଇତ୍ୟାଦିରୁ ବ୍ୟାପକ ଚୋରାବାଲି ରାଇବଣିଆର ବିଭିନ୍ନ ସ୍ଥାନରୁ ଚୋରା ମୋରମ ଓ ମାଟି ପ୍ରତିଦିନ ଚାଲାଣ ହୋଇ ଆସୁଛି । ରାତିରେ ଗାଡିଗୁଡିକ ଯାତାୟାତ କରିବା ଯୋଗୁଁ ରାତିରେ ଲୋକେ ଶୋଇବାରେ ବ୍ୟାଘାତ ସୃଷ୍ଟି ହେଉଛି । ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ଏପରି ଚଢାଉ କରିଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି । ଏ ସଂପର୍କରେ ଉପଜିଲାପାଳଙ୍କ ମତାମତ ଲୋଡିବାରୁ ସେ ଅତିରିକ୍ତ ଉପଜିଲାପାଳଙ୍କ ସହିତ ଖଣିବିଭାଗର କର୍ମକର୍ତ୍ତାଙ୍କୁ ନେଇ ବିଭିନ୍ନ ବାଲି ସୈରାତ ବୁଲିଥିବା ବେଳେ ବେଆଇନ୍ ବାଲି ପରିବହନ କରୁଥିବା ଟ୍ରାକ୍ଟରକୁ ଧରିବାରେ ସକ୍ଷମ ହୋଇପାରି ନଥିଲେ । କେତେକ ଟ୍ରାକ୍ଟର ନକଲି ଟ୍ରାଞ୍ଜିଟ ପାସ୍ ?ରେ ବାଲି ପରିବହନ କରୁଥିବାର ମଧ୍ୟ ଜାଣିବାକୁ ପାଇଥିବା ପ୍ରକାଶ କରିଛନ୍ତି । ଚାଳନ୍ତି, ମହମ୍ମଦନଗରପାଟଣା, ସେକସରାଇରେ ଥିବା ବେଆଇନ୍ ବାଲି ମହଜୁଦକୁ ଜବତ୍ କରିଥିବା ମଧ୍ୟ କହିଛନ୍ତି । ସୂଚନା ଯୋଗ୍ୟ ଜଳେଶ୍ୱର ମ୍ୟୁନିସିପାଲଟି ଉପକଣ୍ଠରେ, ବାଲି ମାଫିଆ ଙ୍କ କାଉନସିଲର ଓ ସାଥୀ ଙ୍କୁ ଆକ୍ରମଣ ଘଟଣାରେ ଜିଲ୍ଲା ପ୍ରଶାସନ ନିକଟରେ, ପୌରପରିଷଦ, ଫେରାଦ ହୋଇଥିଲେ।

# ସଂପାଦକୀୟ

## ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉ

କରୋନା କାଳରେ ମଧ ଦେଶର ବିକାଶ ହାର ସାଢ଼େ ଦଶ ପ୍ରତିଶତ ଉପରେ ରହିପାରେ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିଜର ଅପ୍ରେଲ ତ୍ରୈମାସିକ ଆର୍ଥିକ ନୀତି ସମୀକ୍ଷା ପରେ କହିଥିଲେ। ସଂକ୍ରମଣ ବୃଦ୍ଧି ସହିତ ଦେଶର ଅଧିକାଂଶ ରାଜ୍ୟରେ ଆଂଶିକ ଲକ୍‌ଡାଉନ ଲାଗିଥିବା ବେଳେ ସରକାର ଆର୍ଥିକ କାରବାର ଚଳାଇ ରଖିବା ଲାଗି ବ୍ୟବସ୍ଥା ଘୋଷଣା କରିଛନ୍ତି। ଦେଶର କର୍ପୋରେଟ ପ୍ରତିନିଧି କନଫେଡେରେସନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି ପକ୍ଷରୁ ଦେଶର ୧୫୦ ଟପ୍ ସିଇଓ ମାନଙ୍କର ଏକ ସର୍ଭେ ହୋଇଥିଲା। କରୋନାର ଦ୍ୱିତୀୟ ଲହର ବେଳେ ବ୍ୟବସାୟ ଓ ଉଦ୍ୟୋଗ ସେଭଳି ପ୍ରଭାବିତ ହୋଇନି ବୋଲି ସେମାନେ ମତ ଦେଇଥିଲେ। ତେବେ ମୁଦ୍ରାସ୍ଫୀତି ବୃଦ୍ଧି ଓ ଜିଡ଼ିପି ତଳକୁ ଯିବା ନେଇ ସେମାନେ ଭିନ୍ନ ଭିନ୍ନ ମତ ଦେଇଥିଲେ। ବର୍ତ୍ତମାନ ପେଟ୍ରୋଲ ଓ ଡିଜେଲ ଦର ଲଗାତାର ବଢ଼ିବାରେ ଲାଗିଛି। ଏହାକୁ ତାଳ ଦେଇ ମୁଦ୍ରାସ୍ଫୀତି ମଧ ବଢୁଛି। ଲୋକଙ୍କ ମଧରେ ତ୍ରାହି ତ୍ରାହି ଡାକ। ଦରଦାମ କମିବାର ନାଁ ଗନ୍ଧ ନାହିଁ। କେଉଁଠି ଥମିବ କେହି କହିପାରୁନାହାନ୍ତି। କରୋନା ଯୋଗୁ କୋଟି କୋଟି ଲୋକ ରୋଜଗାର ହରାଇ ଆଜି ବେକାର। ସେହିପରି ସରକାରୀ କର୍ମଚାରୀଙ୍କର ବେତନ କଟାଯାଉଛି। ଘରୋଇ କମଚାରୀଙ୍କ କଥା କିଏ ପଚାରେ। ସେମାନେ ଯେଉଁ ଦୟନୀୟ ସ୍ଥିତିରେ ରହିଛନ୍ତି ସେକଥା ସେମାନେ ହିଁ କହିପାରିବେ। କରୋନା ସଂକ୍ରମଣ ଯୋଗୁ କୋଟି କୋଟି ଲଘୁ , ସୂକ୍ଷ୍ମ ଓ ମଧମ ଉଦ୍ୟୋଗ ହୁଏତ ବନ୍ଦ ହୋଇଗଲାଣି ଅଥବା ବନ୍ଦ ହେବା ସ୍ଥିତିରେ ଆସି ପହଞ୍ଚିଗଲାଣି। ଯଦିଓ ବ୍ୟାଙ୍କରୁ ପୁଣି ଋଣ ନେଇ ନିଜର ଉଦ୍ୟୋଗକୁ ପୁନରୁଜ୍ଜୀବିତ କରିବା ଲାଗି କେନ୍ଦ୍ର ସରକାର ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି ସତ କିନ୍ତୁ ଋଣ ନେବାକୁ କେହି ମଙ୍ଗୁ ନାହାନ୍ତି, କି ବ୍ୟାଙ୍କଗୁଡ଼ିକ ଋଣ ଦେବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। କାରଣ କରୋନାର ଅନିଶ୍ଚିତତା ଭିତରେ ବକେୟା ଋଣ ଅର୍ଥ ଫେରିପାରିବା ନେଇ ବ୍ୟାଙ୍କଗୁଡ଼ିକ ସନ୍ଦିହାନ ଅଛନ୍ତି। ସୁଧ ହାର ସର୍ବନିମ୍ନ ସ୍ତରରେ ଥିଲେ ମଧ ବ୍ୟବସାୟୀମାନେ ଋଣ ନେବାକୁ ଆଗ୍ରହ ଦେଖାଉ ନ ଥିବାରୁ କ୍ଷୁଦ୍ର, ଲଘୁ ଓ ମଧମ ଉଦ୍ୟୋଗ ଚାଲୁ ହେବା ନେଇ ଅନିଶ୍ଚିତତା ଲାଗି ରହିଛି। କରୋନାକୁ ନେଇ ସମସ୍ତଙ୍କ ମନରେ ଆଶଙ୍କା ରହିଛି। ଏହା କେବେ ଶେଷ ହେବ କେହି କହିପାରୁନାହାନ୍ତି। ଏପରି ସ୍ଥିତିରେ ଋଣ ନେଇ ବେପାର ବଢ଼ାଇବାର ରିସ୍କ ବା ବିପଦ ମୁଣ୍ଡାଇବାକୁ ବ୍ୟବସାୟୀମାନେ ପଛଘୁଞ୍ଚା ଦେଉଛନ୍ତି। ଏଭଳି ଏକ ପରିବେଶ ଭିତରେ ରିଜର୍ଭ ବ୍ୟାଙ୍କର ଆକଳନ ନେଇ ସନ୍ଦେହ ଉପୁଜିବା ସ୍ୱାଭାବିକ। ତେବେ ଆର୍ଥିକ ସମାବେଶ ଉପରେ ଭରସା କରି ଆର୍‌ବିଆଇ ଏଭଳି ଆକଳନ କରିଥିବା ମନେ ହେଉଛି। ଗତ କିଛି ବର୍ଷ ମଧରେ ଦେଶରେ ବାଣିଜ୍ୟିକ, ବ୍ୟବସାୟିକ ଅସମାନତା ଦେଖାଯାଉଛି। କେତେକ ଉଦ୍ୟୋଗ ପରିବାର ଦିନକୁ ଦିନ ନିଜର ସମ୍ପତ୍ତି ବଢ଼ାଇ ଚାଲୁଥିବା ବେଳେ କେତେକ ଉଦ୍ୟୋଗ ନିଜର ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଛି। ସେହିପରି ଇଣ୍ଟରନେଟ ଜରିଆରେ ଦେଶବିଦେଶର ବହୁ କମ୍ପାନୀ କରୋନା କାଳରେ ବେଶ ଫାଇଦା ମାରିନେଇଛନ୍ତି। ସେହିପରି ବିକ୍ରି କ୍ଷେତ୍ରରେ ବହୁ ଅନୀୟମିତତା ଦେଖାଯାଇଛି। ଏହି କାରଣରୁ ବ୍ୟବସାୟିକ କ୍ଷେତ୍ରରେ କାରବାରରେ ଅସନ୍ତୁଳ ସୃଷ୍ଟି ହୋଇଛି। ଏହାକୁ ଆର୍‌ବିଆଇ କିପରି ସନ୍ତୁଳନ କରିବ ଦେଖିବାକୁ ହେବ। ଏବେ ଚାହିଦା କମିଯାଇଛି ବୋଲି ଆର୍‌ବିଆଇ ସ୍ୱୀକାର କରିଛି। ଏହାର ପ୍ରଭାବ ଉତ୍ପାଦନ ଉପରେ ପଡିବ ଏହା ସ୍ୱତଃସିଦ୍ଧ କଥା। ବଜାରକୁ ଗତିଶୀଳ କରିବା ବର୍ତ୍ତମାନ ସମୟର ଆବଶ୍ୟକତା। ଅର୍ଥବ୍ୟବସ୍ଥା ସେତେବେଳେ ଦୃଢ଼ ହେବ ଯେତେବେଳେ ଲୋକଙ୍କ କ୍ରୟଶକ୍ତି ବଢ଼ିବ ଓ ରୋଜଗାର ଅଧିକମାତ୍ରାରେ ସୃଷ୍ଟି ହେବ। ବର୍ତ୍ତମାନ ସ୍ଥିତି ଏଭଳି ଅବସ୍ଥାରେ ପହଞ୍ଚିଯେ ଉଦ୍ୟୋଗ, ଶିଳ୍ପ ସଂସ୍ଥାଗୁଡ଼ିକରେ ନୂଆ ନିଯୁକ୍ତି ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ପୁରୁଣା ଯେତିକି ଅଛି ସେଥିରୁ ମଧ ଛଟେଇ କରିଦିଆଯାଉଛି। ଫଳରେ ଲୋକଙ୍କର ଆୟ କମିଯାଇଛି ଅଥବା ନାହିଁ କହିଲେ ଚଳେ। ନିଜର ଗୁଜରାଣ ମେଣ୍ଟାଇବାକୁ ଯାଇ ଚାକରି ହରାଇଥିବା ବ୍ୟକ୍ତି ଅନ୍ୟ କାମ କରିବାକୁ ବାଧ ହେଉଛି। ଏଭଳି ସ୍ଥିତିରେ ଲୋକଙ୍କ ନିକଟରେ ଅର୍ଥର ଘୋର ଅଭାବ ଦେଖାଦେଉଛି। ସେମାନେ ଏହି କାରଣରୁ ନିଜର ଖର୍ଚ୍ଚ କମାଇବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ବଡ଼ ପୁଞ୍ଜିପତି ମାନେ ନିଜ ଉଦ୍ୟୋଗରେ ନୂଆ ନିଯୁକ୍ତି କରିବାକୁ ହେବ। ଏହା ହେଲେ ଲଘୁ, କ୍ଷୁଦ୍ର ଓ ମଧମ ଶିଳ୍ପରେ ମଧ ଅଧିକ ନିଯୁକ୍ତି ସୃଷ୍ଟି ହେବ। ଫଳରେ ଲୋକଙ୍କ ନିକଟରେ ଖର୍ଚ୍ଚ କରିବା ଯୋଗ୍ୟ ଅର୍ଥ ଆସିବ ଏବଂ ଲୋକଙ୍କ କ୍ରୟଶକ୍ତି ବଢ଼ିଲେ ଉତ୍ପାଦନ ବଢ଼ିବ ଏବଂ ଦେଶର ଅର୍ଥନୀତି ଗତିଶୀଳ ହୋଇପାରିବ। ଅର୍ଥନୀତିର ଏହି ଶୃଙ୍ଖଳକୁ ପୁଣି ଆରମ୍ଭ କରାଯାଇପାରିବେ ତେବେ ଯାଇ ଦେଶର ଅର୍ଥବ୍ୟବସ୍ଥା ପୁଣି ଗତିଶୀଳ ହେବ।

# କୃତ୍ରିମ ଅମରତ୍ୱ: ମନୁଷ୍ୟ ୧୫୦ ବର୍ଷ ଯାଏ ବଂଚିପାରିବ

ଯଦି ଆମେ ୮୦ ବର୍ଷ ବୟସରେ ଜନ୍ମଧାରଣ କରି ଧୀରେ ଧୀରେ ୧୮ ବର୍ଷ ଆଡ଼କୁ ଗତି କରିବା, ତେବେ ଜୀବନ ଅନିର୍ଦ୍ଦିଷ୍ଟ କାଳ ଯାଏ ସୁଖଶୀଳ ହୋଇ ରହିପାରିବ ବୋଲି ଆମେରିକାର ଖ୍ୟାତନାମା ସାହିତ୍ୟିକ ମାର୍କ ଟ୍ୱେନ୍ ଦେଇଥିବା ବକ୍ତବ୍ୟ ଯୁଗେ ଯୁଗେ ଏକ ପରିକଳ୍ପନା ହୋଇ ରହିଆସିଛି। ତାହାକୁ ଭିତି କରି ଆମ ମନୁଷ୍ୟ ସମାଜ ଯୁବସୁଲଭ ଠାଣିରେ ଅମର ହୋଇ ବଂଚି ରହିବାର ବାସ୍ତବ ରୂପରେଖ ଶତାବ୍ଦୀ ଶତାବ୍ଦୀ ଧରି ଖୋଜି ଚାଲିଛି। ତେବେ ମନୁଷ୍ୟ ବାସ୍ତବରେ ସର୍ବାଧିକ କେତେ ଦିନ ଯାଏ ବଂଚିପାରିବ, ତାହାର ଉତର ବାହାର କରିବାକୁ ସିଙ୍ଗାପୁରର କିଛି ଗବେଷକ ସେମାନଙ୍କର ଅନୁଧାନ ଜାରି ରଖିଛନ୍ତି। ଏ ପରିପ୍ରେକ୍ଷୀରେ ମନୁଷ୍ୟ ୧୨୦ରୁ ୧୫୦ ବର୍ଷ ଯାଏ ଜୀବନ ଧାରଣ କରିପାରିବ ବୋଲି ଜିରୋ ନାମକ ଜୈବପ୍ରଯୁକ୍ତି କମ୍ପାନୀର ଏହି ଗବେଷକମାନେ କହିଛନ୍ତି। ନେଚର କମ୍ୟୁନିକେସନ ନାମକ ପତ୍ରିକାରେ ପ୍ରକାଶିତ ସେମାନଙ୍କର ରିପୋର୍ଟ ଅନୁଯାୟୀ, ମୃତ୍ୟୁ ଜୀବନର ଏକ ଅନ୍ତର୍ଭୁକ୍ତ ବା ସ୍ୱାଭାବିକ ଜୈବ ଗୁଣ ଯାହା ବିଭିନ୍ନ ଚାପ ଉପରେ ନିର୍ଭର କରିନଥାଏ। ଆମେରିକା, ରୁଷିଆ ଓ ବ୍ରିଟେନର ବିଭିନ୍ନ ଗୋଷ୍ଠୀର ସ୍ୱାସ୍ଥ୍ୟ ସଂକ୍ରାନ୍ତ ତଥ୍ୟାବଳୀକୁ ତର୍ଜମା କରି ସେମାନେ ଏପରି ନିର୍ଯାସ ପାଇପାରିଛନ୍ତି। ଲୋକେ ପ୍ରତ୍ୟହ ନେଉଥିବା ବିଭିନ୍ନ ପଦକ୍ଷେପ ସାଙ୍ଗକୁ ସେମାନଙ୍କ ରକ୍ତକଣିକା ସଂଖ୍ୟାରେ ସଂଘଟିତ ପରିବର୍ତନକୁ ସେମାନେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଥିଲେ। ମନୁଷ୍ୟର ବୟସ ବଢ଼ିବା ଦ୍ୱାରା ଏପରି ସାର୍ବଜନୀନ ଉପାଦାନ ପ୍ରଦର୍ଶନ କରିଥାଏ ଯାହା ବିଘଟନ ପାଇଁ କାର୍ଯ୍ୟ କରୁଥିବା ଜଟିଳ ପ୍ରକ୍ରିୟା ସହ ସମତୁଲ ବୋଲି ସେମାନେ କହିଛନ୍ତି। ତେଣୁ ବୟସ ବଢ଼ିବା ସହ କୌଣସି ରୋଗ ବାହାରେ ବି ଶରୀରରେ କ୍ଷୟପ୍ରାପ୍ତ ରକ୍ତକଣିକା ସଂଖ୍ୟାର ଭରଣା ପାଇଁ ସାମର୍ଥ୍ୟ କମି କମି ଆସିଥାଏ। ରକ୍ତକଣିକା ସଂଖ୍ୟାରେ ଏପରି ଅଧୋଗତି ହିଁ ସ୍ୱାଭାବିକ ମୃତ୍ୟୁର ଆଗମନକୁ ନିର୍ଦ୍ଧାରଣ କରିଥାଏ। ଏପରି ରକ୍ତକଣିକା ହ୍ରାସରେ ଭରଣା କରିବାର ସାମର୍ଥ୍ୟ ୧୨୦ରୁ ୧୫୦ ବର୍ଷ ଭିତରେ ସମ୍ପୂର୍ଣ୍ଣ ଲୋପ ପାଇଯାଇଥାଏ।

ଆମ ଶାସ୍ତ୍ର ପୁରାଣଗୁଡ଼ିକରେ ଦେବତା, ରାକ୍ଷସ ଓ ମନୁଷ୍ୟମାନଙ୍କର ଅମରତ୍ୱ ନେଇ ଅନେକ କାହାଣୀ ରହିଛି। ଏବେ ବି ଅନେକ ଲୋକ ଅମର ହେବାକୁ ହୁଏତ ଚାହୁଁଥିବେ, କିନ୍ତୁ ଏହା ଅକାଟ୍ୟ ଯେ ମର୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ସେଇ କାରଣରୁ ବୋଧହୁଏ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏବେ ବାସ୍ତବ ଅମରତ୍ୱ ନୁହେଁ, ମଣିଷ କୃତ୍ରିମ ଅମରତ୍ୱର ଉପାୟ ସୃଷ୍ଟି କରିଛି। ଫେସ୍‌ବୁକ ଭଳି ସାରା ପୃଥିବୀର ଲୋକଙ୍କୁ ପ୍ରତି ମୁହୂର୍ତରେ ଏକାଠି ଯୋଡୁଥିବା ସୋସିଆଲ ନେଟୱାର୍କିଂ ସାଇଟଗୁଡ଼ିକ ଏଭଳି ଏକ କୃତ୍ରିମ ଦୁନିଆ ସୃଷ୍ଟି କରିଛନ୍ତି, ଯେଉଁଠି ଅନେକ ବାସ୍ତବ ମୃତ୍ୟୁ ପରେ ବି ଅମର ହୋଇ ରହିଛନ୍ତି ଅର୍ଥାତ୍ ସେମାନଙ୍କର ଡିଜିଟାଲ ଆତ୍ମା ବଂଚି ରହିଛି। କଥା ହେଉଛି, ଫେସ୍‌ବୁକ୍‌ରେ ଏଭଳି କୋଟି କୋଟି ମୃତ ଲୋକଙ୍କ ଖାତା ସକ୍ରିୟ ରହିଛି, ଯେଉଁମାନେ ଏ ଧରା ଧାମରୁ କେବେଠୁ ବିଦାୟ ନେଇସାରିଲେଣି। ନିକଟରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ ଫେସ୍‌ବୁକ୍ ଆରମ୍ଭ ହେବାର ଆଠ ବର୍ଷ ପରେ ପ୍ରାୟ ୩ କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କ ମୃତ୍ୟୁ ଘଟିଥିଲା। ଅନୁମାନ ଅନୁଯାୟୀ ପ୍ରତିଦିନ ପ୍ରାୟ ୮ ହଜାର ଫେସ୍‌ବୁକ୍ ସଦସ୍ୟଙ୍କ ମୃତ୍ୟୁ ହୋଇଥାଏ। କିନ୍ତୁ ସେହି ବ୍ୟକ୍ତି ମାନଙ୍କୁ ଜନ୍ମଦିନ ଶୁଭେଚ୍ଛା ପଠାଇବା ପାଇଁ ଅନ୍ୟ

**ବିପିନ୍ ବିହାରୀ ରାଉତ**

ସଦସ୍ୟମାନଙ୍କୁ ଫେସ୍‌ବୁକ୍ ପକ୍ଷରୁ ମନେ ପକାଇ ଦିଆଯାଇଥାଏ। ପ୍ରକୃତରେ ଏଥିପାଇଁ ଏହି ସାଇଟ୍ ବା ତାର କର୍ତୃପକ୍ଷଙ୍କୁ ଦୋଷ ଦେଇ ହେବନାହିଁ, କାରଣ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଖଞ୍ଜାଯାଇଛି। ଫେସ୍‌ବୁକ୍ ବ୍ୟବହାରକାରୀର ମୃତ୍ୟୁ ହେଲେ ତାର ସୂଚନା ତା ଖାତା (ଆକାଉଂଟ)ରେ ଦିଆଯିବା ଆବଶ୍ୟକ। ତାପରେ ତାହା ସ୍ମୃତି ଖାତା ହୋଇଯାଏ ଓ ସେହି ବ୍ୟକ୍ତିର ଜନ୍ମଦିନ ଶୁଭେଚ୍ଛା ପଠାଇବା ବନ୍ଦ ହୋଇଯାଏ। ସମସ୍ୟା ହେଉଛି, କୋଟି କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କର ଇତିମଧ୍ୟରେ ମୃତ୍ୟୁ ହୋଇଥିଲେ ହେଁ ସେମାନଙ୍କର ଖାତା ସ୍ମୃତି ହେବା ପାଇଁ ଯେଉଁ ବ୍ୟବସ୍ଥାଟି ରହିଛି, ଜାଣତ ବା ଅଜାଣତରେ ତାର ଠିକ ଉପଯୋଗ ହେଉନାହିଁ। ଆହୁରି ମଧ ଅନେକ ମୃତକଙ୍କ ଖାତାରୁ ସେମାନଙ୍କ ସମ୍ପର୍କୀୟ ସକ୍ରିୟ ରଖୁଥିବା ଜଣାଯାଏ। କେବଳ ସେତିକି ନୁହେଁ, ପାଶ୍ଚାତ୍ୟ ଜଗତରେ ଏଭଳି ଡିଜିଟାଲ ଆତ୍ମାକୁ ଅମର ରଖିବା ପାଇଁ ଅର୍ଥାତ୍ ସେହି ବ୍ୟକ୍ତିର ଇଣ୍ଟରନେଟ ଉପସ୍ଥିତିକୁ ସକ୍ରିୟ ରଖିବା ପାଇଁ ସେବା ଯୋଗାଇବାକୁ ମଧ କେତେକ କମ୍ପାନୀ ଖୋଲିଗଲାଣି। ଧରାଧାମରୁ ବିଦାୟ ନେଇସାରିଥିଲେ ହେଁ ଜଣକର ଡିଜିଟାଲ ଅସ୍ତିତ୍ୱ ବା ଡିଜିଟାଲ ଆତ୍ମା ଦୁନିଆରେ ବିଚରଣ କରୁ ବୋଲି ଚାହୁଁଥିବା ଲୋକେ ଉଭଟ ହେଲେ ବି ଏଭଳି ସେବାକୁ ଆପଣାଇଛନ୍ତି।

ଶରୀରର ମୃତ୍ୟୁ ହେଲେ ବି ମଣିଷର ଡିଜିଟାଲ ଅବତାରକୁ ବଂଚାଇ ରଖାଯାଉଛି ଏଇଥିପାଇଁ ଯେ ଭବିଷ୍ୟତରେ କୌଣସି ବ୍ୟକ୍ତି ସେସବୁ ତଥ୍ୟ, ଫଟୋ ବା ଭିଡ଼ିଓକୁ ଆଧାର କରି ତା ସହ ସମ୍ବନ୍ଧ ଯୋଡ଼ି ପାରିବ। ତାର ଆଚାର, ବିଚାର ଆଦି ସମ୍ପର୍କରେ ଅବହିତ ହୋଇପାରିବ। ଆଜିକାଲି କୋଟି କୋଟି ଲୋକ ଫେସ୍‌ବୁକ୍‌ରେ କଥା, ଚିତ୍ର ବା ଭିଡ଼ିଓ ଉପସ୍ଥାପନ କରି ଆତ୍ମକଥା ଜଣାଇବାକୁ ଏକ ଦୈନନ୍ଦିନ କାର୍ଯ୍ୟରେ ପରିଣତ କରିଦେଲେଣି। ଯଦି ସେମାନଙ୍କ ମୃତ୍ୟୁର ଅନେକ ବର୍ଷ ପରେ କେହି ବନ୍ଧୁ ସେଗୁଡ଼ିକୁ ଦେଖେ, ତାହା ସଂପୃକ୍ତ ବ୍ୟକ୍ତିଟିର ଉପସ୍ଥିତିକୁ ଅନୁଭବ କରାଇଦେବ। ତେଣୁ ଫେସ୍‌ବୁକ୍‌ରେ ଡିଜିଟାଲ ଆତ୍ମାର ଏ ଅମରତ୍ୱ ଅନେକଙ୍କ ପାଇଁ ସାନ୍ତ୍ୱନାର ବିଷୟ ବୋଲି କୁହାଯାଉଛି।

ଆଧୁନିକ ସୂଚନା ପ୍ରଯୁକ୍ତି ଉଦ୍ୟୋଗ ଏହି ଡିଜିଟାଲ ଆତ୍ମାକୁ ଦୀର୍ଘଜୀବୀ କରିବା ପାଇଁ ମଧ ବିଭିନ୍ନ ପ୍ରକାର ଉପାୟ ବାହାର କରୁଛି। କେତେକ ବୈଜ୍ଞାନିକ ଏଭଳି ରୋବଟ ତିଆରି କରୁଛନ୍ତି, ଯେଉଁମାନେ ମୃତ ବ୍ୟକ୍ତି ଭଳି ଦିଶିବେ ଓ ସେମାନଙ୍କ ଭଳି କଥା ବି କହିବେ। ଏହାଦ୍ୱାରା ମୃତକଟି ଅନ୍ୟମାନଙ୍କ ପାଇଁ ଅମର ହୋଇ ରହିବ। ଏହି କୃତ୍ରିମ ଅମରତ୍ୱ ଅନେକଙ୍କୁ ଆକର୍ଷଣୀୟ ଓ ମଜାଦାର ଲାଗୁଥାଇପାରେ। ମାତ୍ର ଏହା ଭିତରେ ଯେ ମନର ଦୁର୍ବଳତା ଲୁଚିରହିଛି, ଯାହା ତା ପାଇଁ ବିପଜ୍ଜନକ ତାହା ଜାଣିବା ଆବଶ୍ୟକ। ଜନ୍ମ ହେଲେ ମୃତ୍ୟୁ ଅନିବାର୍ଯ୍ୟ। ଜୀବନ ଯେତିକି ଜରୁରୀ, ମୃତ୍ୟୁ ବି ସେତିକି ଜରୁରୀ। ମଣିଷ ନିଜକୁ ସାନ୍ତ୍ୱନା ଦେବା ପାଇଁ କୃତ୍ରିମ ଅମରତ୍ୱ ସୃଷ୍ଟି ତାକୁ ଦିନେ ଯେ କବରଖାନାର ଭୂତ ହୋଇ ନ ଡରାଇବ, ତାହା କହିହେବ ନାହିଁ। ଡିଜିଟାଲ କବରଖାନାରେ ଥିବା କୋଟି କୋଟି ମୃତକଙ୍କ ସୂଚନା ଆମର ବାସ୍ତବ ପୃଥିବୀକୁ ମଧ ପ୍ରଭାବିତ କରିପାରେ ଅର୍ଥାତ୍ ମଣିଷର ଖୁସିକୁ ବଢ଼ାଇଦେବା ବଦଳରେ ସୁଖୀ ମଣିଷଟିକୁ ମଧ ଖୁବ୍ ଦୁଃଖୀ କରିଦେଇପାରେ। ମୃତ୍ୟୁକୁ ସ୍ୱାଭାବିକ ଭାବେ ମଣିଷ ଗ୍ରହଣ କରିବା ହିଁ ତା ପାଇଁ ଶ୍ରେୟସ୍କର। କୃତ୍ରିମ ଅମରତ୍ୱ କେବଳ ଏକ ଅବୋଧ ପରିକଳ୍ପନା।

*ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ*

# ମାନସିକ ସ୍ୱାସ୍ଥ୍ୟ ଓ ଯୋଗ

ବର୍ତ୍ତମାନ ସବୁଠାରେ, ସବୁ କ୍ଷେତ୍ରରେ ବ୍ୟସ୍ତତା ଆମେ ଦେଖୁଛୁ। ତେଲ ଲୁଣ ସଂସାରକୁ ଚଳାଇବା ନିମିତ୍ତ ବୃତିଗତ କ୍ଷେତ୍ର ତ ନିଶ୍ଚୟ କିନ୍ତୁ ସାଧାରଣ ସଚେତନତାର ଅଭାବରୁ ମାନସିକ ସ୍ଥିତି ବିଗିଡ଼ି ଯାଏ। ପ୍ରଥମ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ କିନ୍ତୁ ତଥାକଥିତ ଝଡ଼ାଫୁଙ୍କା, ଗୁଣି ଗାରେଡ଼ିରୁ ଫେଲ ହେଲା ପରେ ଯେଉଁମାନେ ବି ଆସନ୍ତି ସେମାନଙ୍କ ପାଇଁ ଆମର ଚିକିତ୍ସା ବ୍ୟବସ୍ଥା ସ୍ୱତନ୍ତ୍ର ରହିଥାଏ। ଏହି ଲେଖକ ମନକଥା ଜାଣନ୍ତୁ ମାଧ୍ୟମରେ ମାନସିକ ରୋଗର ସମସ୍ତ ଦୃଷ୍ଟିକୋଣକୁ ଚିନ୍ତନ କରିବା ସହ ଆବଶ୍ୟକୀୟ ପରାମର୍ଶ ଓ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଇଛି। ମାନସିକା ବିଶାଦ, ଅବସାଦ, ହତୋତ୍ସାହ ହେଉ ବା ବର୍ତମାନ ସମୟରେ କୁହାଯାଉଥିବା ମାନିଆ ବୋଇଲେ ଅତ୍ୟଧିକ ମାନସିକ ଉତ୍‌ଫୁଲ୍ଲତା, ଉନ୍ମଦତା। ନିଜକୁ ସନ୍ଦେହକରି ବିଭିନ୍ନ ଭୟକୁ ଆଚ୍ଛାଦିତ କରୁଥିବା ରୋଗୀମାନଙ୍କ ପାଇଁ ପ୍ରସଙ୍ଗ ହେଉଛି ସିଜୋଫ୍ରେନିଆ। ତେବେ ଅତ୍ୟଧିକ ଛାନିଆ କୁହାଯାଉଥିବା ଆଙ୍ଗଜାଇଟି ଏବଂ ନିର୍ଦ୍ଦିଷ୍ଟ ସ୍ଥାନ, ବସ୍ତୁ ଓ କାର୍ଯ୍ୟ ପ୍ରଭୃତିକୁ ଦେଖି ଯେଉଁ ଅହେତୁକ ଭୟ ପରିଦର୍ଶିତ ହୋଇଥାଏ ତାହା ହେଉଛି ଫୋବିୟା। ଯଦିଓ ହିଷ୍ଟେରିଆ, ନିଶା, ନିଦ ନ ହେବା, ସ୍ୱପ୍ନ, ଯୌନ ସମସ୍ୟା ପରି ବିଭିନ୍ନ ପ୍ରସଙ୍ଗରେ ଏହି ଗଣମାଧମ ଦ୍ୱାରା ସଚେତନତାର ବାର୍ତା ଦେଉଛି ସର୍ବଦା ନିଜର ନିୟମିତ ଚିକିତ୍ସକଙ୍କ ଉପରେ ବିଶ୍ୱାସ ରଖିବା ସହ ସଚେତନତାର ବାର୍ତା ପ୍ରସାର କରିବା। ଅନେକ ହୁଏତ ଜାଣିନଥାନ୍ତି ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ବା ପରାମର୍ଶ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା କରିଥାଏ ପରିପାର୍ଶ୍ୱିକ ଅବସ୍ଥିତି। ତଥାକଥିତ ପ୍ରାଣାମୟ ହେଉ ବା ଯୋଗାଭ୍ୟାସ ଏହା ନିଶ୍ଚିନ୍ତ ଭାବରେ କେବଳ ରୋଗୀ ନୁହଁନ୍ତି ସମସ୍ତଙ୍କ ପାଇଁ ଏକ ଆନନ୍ଦର ସୁଯୋଗ। ପ୍ରଶ୍ନ ଉଠୁଛି ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଯୋଗର ପ୍ରାସଙ୍ଗିକତା କ'ଣ ରହିଛି ? ଏହା ଅଟଳ ସତ୍ୟ ଯେ ଯୋଗ ହେଉ ବା ପ୍ରାଣାୟମ, ସୂର୍ଯ୍ୟ ନମସ୍କାର ହେଉ ବା ସମ୍ମାନଜନକ ଦଣ୍ଡବୁଲା ଏହି କ୍ଷେତ୍ରରେ ସ୍ୱତନ୍ତ୍ରତା ରଖିଥାଏ। ମାନସିକ ରୋଗକୁ ସମ୍ମୁଖୀନ ହେଉଥିବା ରୋଗୀମାନେ ନିଶ୍ଚିନ୍ତ ଭାବରେ ଏହି ରୋଗର ସର୍ବୋତମ ଚିକିତ୍ସକଙ୍କୁ ସାକ୍ଷାତ କରିବା। ଏବଂ କୌଣସି କ୍ଷେତ୍ରରେ ବି ନିଜ ପୂର୍ବ ସମୟର ମୁହୂର୍ତକୁ ଲୁଚାଇବା ନାହିଁ। ସାମ୍ପ୍ରତିକ ସମୟରେ କର୍ମ ବ୍ୟସ୍ତତା ବା ଚୁଲି ଚଟୁର ଦାୟିତ୍ୱ ଭିତରେ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ଜଣେ ଚରିତ୍ର ହେଉ କିନ୍ତୁ ଏହା ହିଁ ପ୍ରୟୋଜନ ଯେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯୋଗର ପ୍ରାସଙ୍ଗିକତାକୁ ଉପଲବ୍ଧି କରିବା। ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ଏବେ ବିଭିନ୍ନ ପାଶ୍ଚାତ୍ୟ ଦେଶରେ ଯୋଗକୁ ଗୁରୁତ୍ୱ ଦେଇଛି। ବର୍ତମାନର ସମାଜ, ପରିବେଶ ଏବଂ ପରିପାର୍ଶ୍ୱ ଅବସ୍ଥିତିର କ୍ଷେତ୍ର ଯାହା ନିଜ ବ୍ୟକ୍ତିଗତ ଜୀବନରେ ଯୋଗ କରିବା ନିଶ୍ଚିନ୍ତ ଭାବେ

**ଡାକ୍ତର ସମ୍ରାଟ କର**

ବାଞ୍ଛନୀୟ। ବିଶେଷକରି ମାନସିକ ରୋଗ ଚିକିତ୍ସା ପାଇଁ ଛଟପଟ ହେଉଥିବା ପରିପାର୍ଶ୍ୱିକ ସ୍ଥିତି ଥିଲେ ବି ଏହାର କୌଣସି ସମାଧାନ ହୋଇପାରିନଥାଏ। କାରଣ ମାନସିକ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଜଣେ କୌଣସି କ୍ଷେତ୍ରକୁ ନଲୁଚାଇ ଚିକିତ୍ସକଙ୍କୁ ସୂଚନା ଦେବା ଜରୁରୀ। ମାନସିକ ରୋଗ କ୍ଷେତ୍ର ବୋଇଲେ ମୁଣ୍ଡର କୌଣସି କ୍ଷତି ବା ଆଉ କିଛି ବି ନୁହେଁ। କିନ୍ତୁ କଥା ହେଉଛି ମାନସିକ ରୋଗ କ୍ଷେତ୍ରରେ ଯେଉଁମାନେ ସାମ୍ନାକୁ ଆସିପାରୁଛନ୍ତି ଏହାଙ୍କୁ ନେଇ ଏକ ସଚେତନତାର ବାର୍ତା ପ୍ରଦାନ କରିବା। ମାନସିକ ରୋଗକୁ ସନ୍ତୁଳି ହେଉଥିବା ଚରିତ୍ରଟି ଯଦି ନିଜ ପୂର୍ବ ଦିନର କଥାକୁ ମନେପଡ଼େ ତାହେଲେ ସେ ଓହରି ଯିବା କଥା। କିନ୍ତୁ ଦୈବୀ ପ୍ରୀତି, ପାପଭିତି, ସଂଘନୀତି ନ୍ୟାୟରେ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାବା ବାଞ୍ଛନୀୟ। ଏହିପରି କ୍ଷେତ୍ରରେ ଚିକିତ୍ସାର ବ୍ୟବସ୍ଥା ଦୀର୍ଘ କାଳୀନ ସତ୍ୟ ହେଲେ ଏହି କ୍ଷେତ୍ର ପାଇଁ ଯେହେତୁ ମୁଁ ମାର୍ଗଦର୍ଶନ କରୁଛି ତେଣୁ ଏହା ହିଁ କହିବି ଯେ ମାନସିକ ରୋଗୀଙ୍କ ପାଇଁ ଯୋଗ ପ୍ରାଣାୟମର ଆବଶ୍ୟକତା ରହିଛି। ଆମ୍ଭର ପ୍ରାଚୀନ ଆଧାତ୍ମିକ ସଂସ୍କୃତି ହେଉ ବା ଚରକଙ୍କ ସ୍ୱାସ୍ଥ୍ୟ ଚିକିତ୍ସା। ସବୁ କ୍ଷେତ୍ରରେ ଆମ ପାଇଁ ବଡ଼ ପ୍ରାସଙ୍ଗିକତା ରହିଥାଏ ନିଜ ରୋଗୀଟି ପାଇଁ ଅହର୍ନିଶ ତତ୍ୱାବଧାନ। ଭାରତର ପ୍ରଧାନମନ୍ତ୍ରୀ ଜୁନ ଏକୋଇଶିକୁ ଯୋଗ ଦିବସ ଭାବେ ମାନ୍ୟତା ଓ ଗ୍ରହଣୀୟତାର ଯେଉଁ ନିୟମ କରିଥିଲେ ତାହା ଆଜି ସଫଳ ହୋଇଛି। ଚିକିତ୍ସା କ୍ଷେତ୍ରକୁ ବାଦ ଦେଲେ ବ୍ୟକ୍ତିଗତ ଜୀବନ କ୍ଷେତ୍ରରେ ଏହି ଯୋଗର ନିଶ୍ଚିନ୍ତ ଆବଶ୍ୟକତା ରହିଛି। ଏହି ଲେଖକ ଚିକିତ୍ସା ପରାମର୍ଶ କ୍ଷେତ୍ରରେ ଅନୁଭବ ବି କରିଛି ଯେ ଯୋଗ ପ୍ରାଣାୟମର ପ୍ରାସଙ୍ଗିକତା କ'ଣ ? ତେବେ ଯାହାହେଉନା କାହିଁକି ଯୋଗ ଦିବସରେ ଆମ ମାନଙ୍କ ଭିତରେ ଏକ ସଚେତନତାର ବାର୍ତା ପ୍ରତିଷ୍ଠା ହେଉ ଏବଂ ଆମ ମହାନ ଆର୍ଯ୍ୟ ସଂସ୍କୃତିର ବିଚାର ଚିନ୍ତନ ଏହି ଯୋଗକୁ ଗ୍ରହଣ କରିବା ଦ୍ୱାରା ଏହାର ପ୍ରାସଙ୍ଗିକତା ଉଲ୍ଲେଖ ରହିବ।

*ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼, କଟକ*

# ରାମାୟଣର ୧୧ଟି ସ୍ଥାନ

ଯୁଗ ଯୁଗ ଧରି ରାମାୟଣ ଆଧାତ୍ମିକ ଶ୍ରଦ୍ଧାଳୁ ମାନଙ୍କୁ ନିଜ ଦିବ୍ୟମୟ ଜୀବନ ପାଇଁ ରାସ୍ତା ଦେଖାଉଛି। ସେହିପରି ରାମାୟଣ ସହିତ ଏଗାଟି କ୍ଷେତ୍ର, ଘଟଣାବଳୀ ସଂଯୋଗ ହୋଇ ରହିଛି। ଏହାରି ଉପରେ ଆସନ୍ତୁ ଆଲୋକପାତ କରିବା।

ଅଯୋଧ୍ୟା : ଅଯୋଧ୍ୟା ହେଉଛି ସେହି ନଗରୀ, ଯେଉଁଠାରେ ଭଗବାନ ରାମ ମନୁଷ୍ୟ ଶରୀର ଧରି ଜନ୍ମ ହୋଇଥିଲେ ଏବଂ ସେହି ସ୍ଥାନ ଯେଉଁଠାରୁ ତାଙ୍କର ୧୪ ବର୍ଷର ବନବାସ ଆରମ୍ଭ ହୋଇଥିଲା। ଅଯୋଧ୍ୟା କୋଶଳ ରାଜ୍ୟର ରାଜଧାନୀ ଥିଲା। ଏହି ରାଜ୍ୟର ଇକ୍ଷାକୁ ରାଜବଂଶରେ ଭଗବାନ ରାମ ଜନ୍ମଗ୍ରହଣ କରିଥିଲେ। ଅଯୋଧ୍ୟାର ଦକ୍ଷିଣ ଭାଗର ଶେଷ ଅଂଶରେ ଥିବା ରାମକୋଟ ହିଁ ଭଗବାନ ରାମଙ୍କ ଅନ୍ତୁଡ଼ିଶାଳ।

ଜନକପୁର : ଜନକପୁର ହେଉଛି ରାମାୟଣର ସେହି ସ୍ଥାନ ଯେଉଁଠାରେ ମା'ସୀତା ଜନ୍ମ ନେଇଥିଲେ ଏବଂ ଭଗବାନ ରାମଙ୍କୁ ବିବାହ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ ଜନକପୁରର ରାଜା ଜନକ ମରୁଡ଼ିରୁ ରକ୍ଷା ପାଇବା ପାଇଁ ଏହି ଜମି କର୍ଷଣ କରିଥିଲେ ଏବଂ କର୍ଷଣ ସମୟରେ ମାଟି ଭିତରୁ ଏକ ପେଡ଼ି ପାଇଥିଲେ, ଯେଉଁଥିରେ ସୀତା ଥିଲେ। ସେହି କାରଣରୁ ଏହାକୁ ସୀତାମାଢ଼ି ମଧ କୁହାଯାଏ।

ପ୍ରୟାଗ : ଭଗବାନ ରାମ ପତ୍ନୀ ସୀତା ଏବଂ ଭାଇ ଲକ୍ଷ୍ମଣଙ୍କ ସହ ଏହି ସ୍ଥାନରୁ ଗଙ୍ଗାନଦୀ ପାର ହୋଇଥିଲେ ନିଜ ରାଜ୍ୟର ସୀମା ବାହାରକୁ ଯିବା ପାଇଁ। ରାମାୟଣର ବର୍ଣ୍ଣନା ଅନୁଯାୟୀ ଏହି ତିନିଜଣ ଆଗକୁ ଯିବା ପୂର୍ବରୁ ଋଷି ଭରଦ୍ୱାଜଙ୍କ ଆଶ୍ରମରେ କିଛି ସମୟ କଟାଇଥିଲେ।

ଚିତ୍ରକୂଟ : ଏହି ସ୍ଥାନ ରାମାୟଣରେ ରାମ ଓ ଭରତଙ୍କ ମିଳନର ସ୍ଥଳ ଭାବରେ ବର୍ଣ୍ଣିତ। ଏହି ସ୍ଥାନରେ ଭରତ ଭଗବାନ ରାମଙ୍କୁ ଦଶରଥଙ୍କ ପରଲୋକ ସମ୍ପର୍କରେ ସୂଚନା ଦେବା ସହ ଅଯୋଧ୍ୟା ଫେରି ରାଜ୍ୟ ଶାସନ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଯେତେବେଳେ ରାମ ୧୪ ବର୍ଷ ବନବାସ ପାଇଁ ଅଟଳ ରହିଲେ ସେତେବେଳେ ସେ ଏହିଠାରେ ହିଁ ରାମଙ୍କ ପାଦୁକା ଗ୍ରହଣ କରିଥିଲେ ଏବଂ ରାମ ଅଯୋଧ୍ୟାକୁ ଫେରିବା ପର୍ଯ୍ୟନ୍ତ ଏହି ପାଦୁକାକୁ ରାଜ ସିଂହାସନରେ ସ୍ଥାପନ କରିଥିଲେ।

ଦଣ୍ଡକାରଣ୍ୟ : ଦଣ୍ଡକାରଣ୍ୟ ରାମାୟଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହିଠାରେ ରାବଣର ଭଉଣୀ ସୁପର୍ଣ୍ଣଖା ରାମଙ୍କୁ ଦେଖି ତାଙ୍କ ପ୍ରେମରେ ପଡ଼ିଥିଲା। କିନ୍ତୁ ଯେତେବେଳେ ରାମ ତାକୁ ସ୍ୱୀକାର କରିବାକୁ ମନା କରିଦେଲେ ସେ ନିଜ ଅନ୍ୟ ଦୁଇଭାଇ ଖର ଏବଂ ଦୁଷଣଙ୍କୁ ରାମଙ୍କୁ ଆକ୍ରମଣ ପାଇଁ ପଠାଇଥିଲା, ଯେଉଁମାନେ କି ରାମଙ୍କ ସହ ଯୁଦ୍ଧରେ ପ୍ରାଣ ହରାଇଥିଲେ। ହିନ୍ଦୁ ପୁରାଣ ଅନୁଯାୟୀ ଏହି ସ୍ଥାନ ଗୁରୁତ୍ୱପୂର୍ଣ୍ଣ, କାରଣ ମନୁଷ୍ୟ ନିଜର କୁକର୍ମ ପାଇଁ ପ୍ରାୟଶ୍ଚିତ କରିବା ନିମନ୍ତେ ଏହି ସ୍ଥାନକୁ ସର୍ବୋତମ ବିବେଚିତ କରାଯାଏ। ବର୍ତମାନ ରାମାୟଣ ବର୍ଣ୍ଣିତ ଘୋର ଜଙ୍ଗଲ ଦଣ୍ଡକାରଣ୍ୟ ରହିଛି ଛତିଶଗଡ଼-ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶରେ ମିଳିତ ଭାବରେ।

ପଂଚବଟୀ : ଦଣ୍ଡକାରଣ୍ୟ ଜଙ୍ଗଲ ମଧରେ ଯେଉଁ ସ୍ଥାନରେ ଭଗବାନ ରାମ ଏକ କୁଟୀର ସ୍ଥାପନ କରି ପତ୍ନୀ ସୀତା ଏବଂ ଭାଇ ଲକ୍ଷ୍ମଣଙ୍କ ସହ ରହୁଥିଲେ ବନବାସ କାଳରେ ସେହି ସ୍ଥାନ ରାମାୟଣରେ ପଂଚବଟୀ ଭାବରେ ବର୍ଣ୍ଣିତ। ଏହି ସ୍ଥାନକୁ ତପବନ ମଧ କୁହାଯାଏ।

କିଷ୍କିନ୍ଧା : ରାମାୟଣରେ ଏହା ବାନରମାନଙ୍କ ରାଜ୍ୟ ଭାବରେ ବର୍ଣ୍ଣିତ। ଏହି ସ୍ଥାନର ବର୍ଣ୍ଣନା ରାମାୟଣ ସହ ମହାଭାରତରେ ମଧ ନିଖୁଣ ଭାବରେ ରହିଛି। ବର୍ତମାନ ଏହି ବାନରଙ୍କ ରାଜ୍ୟ କର୍ଣ୍ଣାଟକର ହାମ୍ପି ନିକଟସ୍ଥ ତୁଙ୍ଗଭଦ୍ରା ନଦୀ ଆଖପାଖରେ ରହିଛି।

ଋଷ୍ୟମୁଖ ପର୍ବତ : ରାମାୟଣରେ ଏହା ରାମଙ୍କ ସହ

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**

ହନୁମାନଙ୍କ ଭେଟସ୍ଥଳୀ। ଯେତେବେଳେ ରାମ ଏବଂ ଲକ୍ଷ୍ମଣ ଅପହୃତା ସୀତାଙ୍କୁ ଖୋଜି ଖୋଜି ଏଠାରେ ପହଂଚିଥିଲେ ସେତେବେଳେ ହନୁମାନଙ୍କ ସହ ତାଙ୍କର ଭେଟ ହୋଇଥିଲା। ଏହି ଋଷ୍ୟମୁଖ ପର୍ବତରେ ସୁଗ୍ରୀବ ଏବଂ ହନୁମାନ ବାଳୀକୁ ଭୟ କରି ଲୁଚିଥିଲେ। ଋଷ୍ୟମୁଖ ପର୍ବତ ସହ ସଲଗ୍ନ ହୋଇ ରହିଛି ଅଞ୍ଜନେୟ ପର୍ବତ। ରାମାୟଣରେ ଏହି ପର୍ବତର ଗୁରୁତ୍ୱ ବର୍ଣ୍ଣନା କରାଯାଇଛି, କାରଣ ଏହି ପର୍ବତରେ ହନୁମାନ ଜନ୍ମ ନେଇଥିଲେ।

ରାମେଶ୍ୱରମ୍ : ରାମାୟଣରେ ବର୍ଣ୍ଣିତ ଏହି ସ୍ଥାନରୁ ବାନରସେନା ରାମ ଲଙ୍କାରେ ପହଂଚିବା ପାଇଁ ରାମସେତୁ ନିର୍ମାଣ ଆରମ୍ଭ କରିଥିଲେ। ବିଶ୍ୱାସ କରାଯାଏ ଲଙ୍କାରୁ ଫେରିବା ପରେ ଦେବୀ ସୀତା ଏଠାରେ ଏକ ଶିବଲିଙ୍ଗ ସ୍ଥାପନ କରିଥିଲେ। ଏହିଠାରେ ରାମ ତାଙ୍କୁ ବ୍ରହ୍ମହତ୍ୟା ଦୋଷରୁ ମୁକ୍ତ କରିବା ପାଇଁ ଶିବଙ୍କୁ ଆରାଧନା କରିଥିଲେ। ରାମେଶ୍ୱରମ୍‌ର ରାମସେତୁ ଚୂନ ପଥରର ଏକ ଶୃଙ୍ଖଳ। ଯାହାକି ତାମିଲନାଡୁର ରାମେଶ୍ୱରମ୍ ଉପଦ୍ୱୀପ ଏବଂ ଶ୍ରୀଲଙ୍କାର ମାନାର ଦ୍ୱୀପକୁ ସଂଯୁକ୍ତ କରିଛି।

ଅଶୋକ ବାଟିକା : ଅଶୋକ ବାଟିକା ରାମାୟଣରେ ବର୍ଣ୍ଣିତ ଏକ ପୁଷ୍ପ ଉଦ୍ୟାନ। ଏହି ଉଦ୍ୟାନ ଥିଲା ରାକ୍ଷସରାଜ ରାବଣଙ୍କର। ସୀତାଙ୍କୁ ପଂଚବଟୀରୁ ଅପହରଣ କରି ଆଣିବା ପରେ ରାବଣ ତାଙ୍କୁ ଏହି ସ୍ଥାନରେ ରଖିଥିଲା। ସୀତା ରାବରଣ ମହଲରେ ରହିବାକୁ ମନା କରି ଏହି ଉଦ୍ୟାନର ଏକ ଅଶୋକ ବୃକ୍ଷ ତଳେ ବସିଥିଲେ, ତେଣୁ ଏହି ସ୍ଥାନ ଅଶୋକ ବାଟିକା।

ତାଲାଇମାନାର : ଭଗବାନ ରାମ ଶ୍ରୀଲଙ୍କାରେ ଯେଉଁ ସ୍ଥାନରେ ପ୍ରଥମେ ପାଦ ଦେଇଥିଲେ ସେଇ ସ୍ଥାନ ତାଲାଇମାନାର। ଏହିଠାରେ ହିଁ ରାବଣର ଶକ୍ତିଶାଳୀ ସେନାଙ୍କ ସହ ରାମଙ୍କର ଯୁଦ୍ଧ ଆରମ୍ଭ ହୋଇଥିଲା। ଏହି ଯୁଦ୍ଧ ପରେ ରାମ ରାବଣଙ୍କୁ ବଧ କରି ବିଭୀଷଣଙ୍କୁ ଲଙ୍କାର ରାଜଗାଦିରେ ବସାଇଥିଲେ।

ଲେପାକ୍ଷି : ଆନ୍ଧ୍ରପ୍ରଦେଶରେ ଲେପାକ୍ଷି ନାମକ ଏକ ସ୍ଥାନ ରହିଛି। ରାମାୟଣରେ ରାବଣ ଦ୍ୱାରା ସୀତା ଅପହୃତ ହେଉଥିବାର ଚାକ୍ଷୁଷ ପ୍ରମାଣ ଜଟାୟୁ ସୀତାଙ୍କୁ ଉଦ୍ଧାର କରିବା ପାଇଁ ରାବଣ ସହ ଏଠାରେ ଯୁଦ୍ଧ କରିଥିଲେ ଓ ଏହି ସମ୍ବାଦ ରାମଙ୍କୁ ଜଣାଇବା ପାଇଁ ଭୀଷଣ ଆହତ ଅବସ୍ଥାରେ ଏଠାରେ ଅପେକ୍ଷା କରିଥିଲେ।

ହାମ୍ପି : ସେହି ସ୍ଥାନ ଯେଉଁଠାରେ ରାମ ହନୁମାନଙ୍କୁ ଭେଟିଥିଲେ। ଇତିହାସରେ ମଧ ଏହା ବିଜୟର ସ୍ଥାନ ଭାବରେ ଉଲ୍ଲେଖ ରହିଛି। ଏହି ସ୍ଥାନରେ ପାର୍ବତୀ ଶିବଙ୍କୁ ବିବାହ କରିଥିଲେ ବୋଲି ମଧ ପୁରାଣରେ ବର୍ଣ୍ଣନା ରହିଛି।

ସୀତା କଟୱା : ଯେତେବେଳେ ରାବଣ ସୀତାକୁ ଅପହରଣ କରିନେଇଥିଲେ ସେତେବେଳେ ସେ ତାଙ୍କୁ ଏକ ସ୍ଥାନରେ ରଖିଥିଲେ ଯାହା ବର୍ତମାନ ସୀତା କଟୱା ନାମରେ ଖ୍ୟାତ।

ଦିବୁରୁମ୍ପୋଲା : ଦିବୁରୁମ୍ପୋଲା ଶବ୍ଦର ଅର୍ଥ ଶପଥର ସ୍ଥାନ। ଏହି ସ୍ଥାନ ରହିଛି ଶ୍ରୀଲଙ୍କାରେ। ରାବଣ ସହ ଯୁଦ୍ଧରେ ବିଜୟୀ ହୋଇ ଫେରିବା ପୂର୍ବରୁ ସୀତା ସେଠାରେ ଅଗ୍ନି ପରୀକ୍ଷା ଦେଇଥିଲେ।

କାନିଆ ଉଷ୍ଣପ୍ରସ୍ରବଣ : ଶ୍ରୀଲଙ୍କାର ତ୍ରିଙ୍କୋମାଲିରେ ଥିବା କାନିଆ ଉଷ୍ଣପ୍ରସ୍ରବଣ ଠାରେ ସାତଟି ଉତପ୍ତ ଜଳର କୂପ ରହିଛି। ପ୍ରତ୍ୟେକଟି କୂପ ୩-୪ଫୁଟ ଗଭୀର। ବିଶ୍ୱାସ କରାଯାଏ ରାବଣ ନିଜେ ଏହି କୂପଗୁଡ଼ିକ ନିର୍ମାଣ କରାଇଥିଲେ।

ଉଷାଙ୍ଗୋଦା : ଶ୍ରୀଲଙ୍କାରେ ଥିବା ଏହି ସ୍ଥାନକୁ ରାବଣ ନିଜର ପୁଷ୍ପକ ବିମାନ ରଖିବା ପାଇଁ ବ୍ୟବହାର କରୁଥିଲେ ବୋଲି ବିଶ୍ୱାସ କରାଯାଏ।

ବିଶ୍ରାକ : ବିଶ୍ୱାସ କରାଯାଏ ଏହି ସ୍ଥାନ ରାବଣଙ୍କ ଜନ୍ମସ୍ଥାନ। ଏହି ଛୋଟ ଗାଁ ରହିଛି ଉତରପ୍ରଦେଶରେ। ଭାରତରେ ଥିବା ଅଳ୍ପ କେଇଟି ରାବଣ ମନ୍ଦିର ମଧରୁ ଗୋଟିଏ ଏଠାରେ ଅଛି।

ମାଣ୍ଡସୌର : ମଧପ୍ରଦେଶର ଦଶାପୁର ବା ମାଣ୍ଡସୌର ରାମାୟଣର ବର୍ଣ୍ଣନା ଅନୁଯାୟୀ ରାବଣଙ୍କ ପତ୍ନୀ ମନ୍ଦୋଦରୀଙ୍କ ଜନ୍ମ ସ୍ଥାନ।

ଧନୁଷକୋଡି : ତାମିଲନାଡୁର ପାମ୍ବନ୍ ଦ୍ୱୀପରେ ଏକଦମ୍ ଶେଷ ମୁଣ୍ଡରେ ଥିବା ଏକ କ୍ଷୁଦ୍ର ଗାଁ ଧନୁଷକୋଡି। ରାମ ଏହିଠାରୁ ସେତୁବନ୍ଧ ଆରମ୍ଭ କରିବାକୁ ବାନରସେନାଙ୍କୁ ପରାମର୍ଶ ଦେଇଥିଲେ ବୋଲି ବିଶ୍ୱାସ କରାଯାଏ।

ନିଲାୱାରୀ : ନିଲାୱାରୀ ଜାଫନାର ଏକ ବିଖ୍ୟାତ ଗ୍ରାମ। ବିଶ୍ୱାସ କରାଯାଏ ଯେତେବେଳେ ବାନରସେନା ଲଙ୍କାରେ ଜଳାଭାବର ସମ୍ମୁଖୀନ ହେଲେ ସେତେବେଳେ ରାମ ପୃଥିବୀ ବକ୍ଷକୁ ଏକ ଶର ମାରି ଏହି ଜଳଉତ୍ସ ସୃଷ୍ଟି କରିଥିଲେ। ଏହି କୂପର ଗଭୀରତା ଆଜି ମଧ ମପାଯାଇ ପାରିନାହିଁ ଏବଂ ଏହି କୂପର ଜଳ କେବେ ମଧ ଶୁଖିନାହିଁ।

ନାଗଫେଣୀ ଗୁମ୍ଫା : ଶ୍ରୀଲଙ୍କାର ସିଗିରିଆରେ ଏକ ଗୁମ୍ଫା ରହିଛି ଯାହାର ପ୍ରାକୃତିକ ଆକାର ନାଗସାପର ଫଣା ପରି। ଏହି ଗୁମ୍ଫାରେ ମଧ କିଛିଦିନ ପାଇଁ ରାବଣ ସୀତାଙ୍କୁ ବନ୍ଦୀ କରିଥିଲା ଓ ଅସୁରୀମାନେ ସେଠାରେ ତାଙ୍କୁ ଜଗି ରହିଥିଲେ।

*ଶିଖରପୁର ଉପରସାହି, କଟକ*

# ଅଧିକ ଚା' ହୋଇପାରେ ସମସ୍ୟା



କେମୋମାଇଲ ଟି ବା ହର୍ବାଲ ଚା ପିଅନ୍ତୁ। ଏ ହ । ଆପଣଙ୍କ ଅଧିକ ଚା ପିଇବାର ଅଭ୍ୟାସକୁ କମେଇବ ଓ ଏହା ସହିତ ଚା ନିଶାକୁ ଧିରେ ଧିରେ କମାଇବାରେ ସାହାଜ୍ୟ କରିବ। ଏହା ଛଡ଼ା ଚା'ର ଏହି ଅପ୍ସନ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର ମଧ ହୋଇଥାଏ। ୪. ଏହି ଖରାପ ଅଭ୍ୟାସରୁ ଦୂରେଇବା ପାଇଁ ଯେତେବେଳେ ଆପଣଙ୍କ ଚା ପିଇବା ପାଇଁ ଇଚ୍ଛା ହେଉଛି ସେହି ସମୟରେ ଆପଣ ଫଳରସ ପିଅନ୍ତୁ। ଏହାଦ୍ୱାରା ଆପଣଙ୍କ ପାଚନତନ୍ତ୍ର ସଫା ରହିବା ସହିତ ଆପଣ ସୁସ୍ଥ ରହିବେ। ଏହି କାରଣରୁ ଆପଣଙ୍କ ମନୋଭାବ ମଧ ପରିବତନ ହୋଇଯିବ। ୫. କୌଣସି ଡିଟକ୍ସ ଡ୍ରିଙ୍କକୁ ଆପଣଙ୍କ ଖାଦ୍ୟାଭ୍ୟାସରେ ସାମିଲ କରନ୍ତୁ, ଯାହାକୁ ଆପଣ ଦିନ ସାରା ପିଇ ପାରିବେ। ଏହା ଦ୍ୱାରା ଆପଣଙ୍କ ଶରୀରରେ ଥିବା ବିଷାକ୍ତ ପଦାର୍ଥ ନିଷ୍କାସିତ ହେବା ସହିତ ଅଧିକ ପିଇବାର ଅଭ୍ୟାସରୁ ମଧ୍ୟ ମୁକ୍ତି ମିଳିବ। ଏହାଛଡ଼ା ଏହି ପାନୀୟ ଆପଣଙ୍କ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ଅବସ୍ଥାରେ ରଖିବାରେ ସାହାଜ୍ୟ କରିବ।



# କଳକାରଖାନା

କଳକାରଖାନା ଏକ ଯୁଗ୍ମଶବ୍ଦ। କଳକାରଖାନା। ଏହା ମୂଳତଃ କାରଖାନାକୁ ବୁଝାଏ। କାରଖାନା କହିଲେ ଆମେ ସାଧାରଣତଃ ଭାବୁ ଯେ ଏହା ଏକ ପରିସର ଯେଉଁ ସ୍ଥାନରେ କ'ଣ ସବୁ କଳ ମାଧ୍ୟମରେ ତିଆରି ହୁଏ, ଠନ୍ ଠାନ୍ ଶବ୍ଦ ଶୁଭେ, ତା' ଭିତରେ ଥିବା ଚିମ୍‌ନିରୁ ଭକ୍ ଭକ୍ ହୋଇ ଧୂଆଁ ଉଠୁଥାଏ। ଶ୍ରମିକମାନେ ଭିତରକୁ ଯାଆନ୍ତି, କାମ ସାରି ଫେରନ୍ତି। ତେଣୁ କାରଖାନା ଭିତରେ ଏତେ କଥା ଥିଲେ ବି ମୂଳ ଥାଏ କଳ। କାରଣ ଶିଳ୍ପ ସଭ୍ୟତା ଆସିବା ପରଠାରୁ ମଣିଷମାନଙ୍କ ଅପେକ୍ଷା କଳ ବା ମେସିନ୍ ହିଁ ଅଧିକ ଜିନିଷ ପ୍ରସ୍ତୁତ କରିଥାଏ। ମଣିଷମାନେ ତା'ର ସହାୟକ ପାଲଟନ୍ତି। କଳ ବିଗିଡ଼ି ଗଲେ ବା କଳ ଚଳେଇବାର ଜାଳେଣି ସରିଗଲେ ଯେତେ ମଣିଷ ଥିଲେ ବି କଳ କାର୍ଯ୍ୟକ୍ଷମ ହୁଏ ନାହିଁ। କାରଖାନା ବନ୍ଦ ହୋଇଯାଏ। ଅତଏବ କାରଖାନା ସହ କଳ ଶବ୍ଦଟି ଅଙ୍ଗାଙ୍ଗୀ ଭାବରେ ଯୋଡ଼ା। ତେବେ ସବୁ କାରଖାନାରେ ଆଉ ଧୂଆଁ ଉଠିବା କଥା ନାହିଁ। କିଛି କିଛି କାରଖାନାରେ ଏମିତି କାର୍ଯ୍ୟ ହୁଏ ଯେଉଁଠାରେ କଳ ଅପେକ୍ଷା ମଣିଷର ମସ୍ତିଷ୍କ ଓ ହାତ ଅଧିକ କାମ କରିଥାଏ।

# ଶ୍ରୀଫଳର ମହତ୍ତ୍ୱ



*ଦେବାଦେବୀଙ୍କୁ ନଡିଆ ଭୋଗ ଖୁବ ପ୍ରିୟ ବୋଲି ମାନ୍ୟତା ରହିଛି। ତେଣୁ ପୂଜାରେ ନଡିଆ ଅର୍ପଣ ପରେ ଏହାକୁ ସଭିଁଙ୍କୁ ବଣ୍ଟା ଯାଏ। ନଡିଆ ପାଣି ମଧ ଖୁବ ପବିତ୍ର ଓ ଶୁଦ୍ଧ। ନଡିଆ ପାଣି ଘରୁ ନକରାତ୍ମକ ଶକ୍ତିକୁ ନଷ୍ଟ କରିଥାଏ। ନଡିଆ ପାଣି ପିଇବା ଦ୍ୱାରା ଅନେକ ରୋଗ ମଧ ଦୂର ହୋଇଥାଏ।*

ହିନ୍ଦୁ ଧର୍ମରେ ଯେକୌଣସି ଶୁଭକାର୍ଯ୍ୟ ପୂର୍ବରୁ ନଡିଆ ଭାଙ୍ଗିବାର ପରମ୍ପରା ବହୁ ପୁରାତନ କାଳରୁ ଚାଲୁ ରହିଛି। ଦେବାଦେବୀଙ୍କ ଆରାଧନା, ଗୃହ ପ୍ରବେଶ, ବିବାହ ସମାରୋହ, ବ୍ରତଘର ଭଳି ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ନଡିଆର ନିଶ୍ଚିତ ଭାବେ ପ୍ରୟୋଗ କରାଯାଇଥାଏ। କୁହାଯାଏ ନଡିଆ ବିନା କୌଣସି ଧାର୍ମିକ ଓ ଶୁଭ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥାଏ। ମାତ୍ର ଖୁବ କମ ଲୋକେ ଜାଣି ଥିବେ ଶୁଭକାର୍ଯ୍ୟରେ କେଉଁ କାରଣରୁ ନଡିଆ ଭଙ୍ଗାଯାଇଥାଏ। ଏହା ପଛରେ କି କାରଣ ରହିଛି। ଜାଣନ୍ତୁ.. ହିନ୍ଦୁ ଧର୍ମରେ ନଡିଆକୁ ପବିତ୍ର ଫଳ ବୋଲି କୁହାଯାଏ। ସମସ୍ତ ଧାର୍ମିକ ଆୟୋଜନ,ଅନୁଷ୍ଠାନରେ ନଡିଆର ବ୍ୟବହାର କରାଯାଇଥାଏ। ନଡିଆ ସୌଭାଗ୍ୟ ଓ ସମୃଦ୍ଧିର ପ୍ରତୀକ। ଦେବାଦେବୀଙ୍କୁ ନଡିଆ ଭୋଗ ଖୁବ ପ୍ରିୟ ବୋଲି ମାନ୍ୟତା ରହିଛି। ତେଣୁ ପୂଜାରେ ନଡିଆ ଅର୍ପଣ ପରେ ଏହାକୁ ସଭିଁଙ୍କୁ ବଣ୍ଟା ଯାଏ। ନଡିଆ ପାଣି ମଧ ଖୁବ ପବିତ୍ର ଓ ଶୁଦ୍ଧ। ନଡିଆ ପାଣି ଘରୁ ନକରାତ୍ମକ ଶକ୍ତିକୁ ନଷ୍ଟ କରିଥାଏ। ନଡିଆ ପାଣି ପିଇବା ଦ୍ୱାରା ଅନେକ ରୋଗ ମଧ ଦୂର ହୋଇଥାଏ। ନଡିଆକୁ ଶ୍ରୀଫଳ ମଧ କୁହାଯାଏ। ଭଗବାନଙ୍କର ଏହା ପ୍ରିୟ ଫଳ। ନଡିଆର ବାହାର ଅଂଶ ଶକ୍ତ ଓ ଭିତର ଅଂଶ ନରମ ଓ ଶାନ୍ତିର ପ୍ରତୀକ। ଏହି କାରଣରୁ ଶୁଭକାର୍ଯ୍ୟରେ ନଡିଆ ଭାଙ୍ଗିବାର ଅର୍ଥ ନିଜର ଶକ୍ତ ସଦୃଶ ଅହଂକାରକୁ ଭଗବାନଙ୍କ ସମ୍ମୁଖରେ ତ୍ୟାଗ କରିବା ସହ ଶାନ୍ତି ଭାବ ଆଣିବା। ନଡିଆରେ ଦେଖାଯାଉଥିବା ୩ଟି ଦାଗକୁ ଭଗବାନ ଶିବଙ୍କର ୩ଟି ନୟନ କୁହାଯାଏ। ଏହାଦ୍ୱାରା ଯଶ, ବୈଭବ ଓ ସମୃଦ୍ଧି ପ୍ରାପ୍ତି ହୋଇଥାଏ। ଭଗବାନ ଗଣେଶଙ୍କୁ ନଡିଆ ଖୁବ ପସନ୍ଦ। ମାନ୍ୟତା ଅନୁଯାୟୀ,ନଡିଆ ବିନା ଶୁଭକାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇଥାଏ। ନଡିଆ ଭାଙ୍ଗିବା ଦ୍ୱାରା କାର୍ଯ୍ୟରେ ଥିବା ସମସ୍ତ ବାଧା ଦୂର ହୋଇଥାଏ। ଏକାକ୍ଷୀ ନଡିଆ ମା'ଲକ୍ଷ୍ମୀଙ୍କୁ ଖୁବ ପ୍ରିୟ। ଏହାକୁ ଅର୍ପଣ କରିବା ଦ୍ୱାରା ମା'ଲକ୍ଷ୍ମୀଙ୍କର ବିଶେଷ କୃପା ପରିବାର ସଦସ୍ୟଙ୍କୁ ମିଳିଥାଏ। ଘରେ ସୁଖସମୃଦ୍ଧି, ଧନସମ୍ପତ୍ତିର ଆଗମନ ହୋଇଥାଏ।

# ଖାଦ୍ୟରେ ଲେମ୍ବୁ



*ବିଶେଷଜ୍ଞଙ୍କ ମତାନୁଯାୟୀ, ଲେମ୍ବୁ କେଶ ଓ ତ୍ୱଚା ପାଇଁ ଖୁବ ଉପକାରୀ। ଏହାର ସେବନ ଦ୍ୱାରା ଗଳାରେ ଥିବା ସଂକ୍ରମଣ, ଏସିଡିଟି, ମୋଟାପଣ ଆଦି ଦୂର କରିବାରେ ବେଶ ସହାୟକ ହୋଇଥାଏ। ଓଜନ ହ୍ରାସ ପାଇଁ ନିଜ ଖାଦ୍ୟରେ ଲେମ୍ବୁ ନିଶ୍ଚୟ ସାମିଲ କରନ୍ତୁ।*

ଲେମ୍ବୁ ପ୍ରତ୍ୟେକ ଘରେ ଉପଲବ୍ଧ। କେତେକଙ୍କ ପ୍ରିୟ ଖାଦ୍ୟ ଜିନିଷ ମଧ୍ୟରୁ ଏହା ଗୋଟିଏ। ଓଜନ ହ୍ରାସ ଠାରୁ ଆରମ୍ଭ କରି ଖାଦ୍ୟର ସ୍ୱାଦ ବଢାଇବା ପାଇଁ ବ୍ୟବହାର କରାଯାଇଥାଏ। ଲେମ୍ବୁ ବ୍ୟବହାର ଦ୍ୱାରା ହିଁ ସାଲାଡ୍ ଓ ଚାଟ୍‌ର ସ୍ୱାଦ ଅଧିକ ଲାଗି ଥାଏ। ମାତ୍ର କେବଳ ଖାଦ୍ୟର ସ୍ୱାଦ ନୁହେଁ ଏଥିରେ ଅନ୍ୟାନ୍ୟ ଭିଟାମିନ୍ ମଧ ଭରପୁର ପରିମାଣରେ ରହିଛି। ଏଥିରେ ଭିଟାମିନ୍ ସି, ଭିଟାମିନ ବି୬,ଭିଟାମିନ୍ ଏ, ଭିଟାମିନ୍ ଇ ରହିଛି। ନିଜ ପସନ୍ଦ ଅନୁଯାୟୀ ସଭିଏଁ ଏହାକୁ ବିଭିନ୍ନ ଖାଦ୍ୟରେ ବ୍ୟବହାର କରି ଥାଆନ୍ତି। ମାତ୍ର ଉଷୁମ ଖାଦ୍ୟ କିମ୍ବା ଉଷୁମ ପାନୀୟରେ ଲେମ୍ବୁ ରସ ମିଶାଇ ଆଦୌ ସେବନ କରିବା ଉଚିତ ନୁହେଁ। ଜାଣନ୍ତୁ.. ଅନେକ ସମୟରେ ବିଭିନ୍ନ ଖାଦ୍ୟରେ ଲୋକେ ନିଜ ରୁଚି ଅନୁଯାୟୀ, ଲେମ୍ବୁ ରସ ବ୍ୟବହାର କରିଥାଆନ୍ତି। ମାତ୍ର ଆପଣ ଜାଣି କରି ଆଶ୍ଚର୍ଯ୍ୟ ହେବେ ଉଷୁମ ଖାଦ୍ୟରେ ଲେମ୍ବୁ ରସ ମିଶାଇବା ଦ୍ୱାରା ଏଥିରେ ଭିଟାମିନ୍ ସିର ମାତ୍ରା ନଷ୍ଟ ହୋଇଥାଏ। ଉଷୁମ ଖାଦ୍ୟର ସଂସ୍ପର୍ଶରେ ଆସିବା ପରେ ଲେମ୍ବୁରେ ଥିବା ଭିଟାମିନ ସି ନଷ୍ଟ ହେବା ସହ ଖାଦ୍ୟର ପୋଷକ ତତ୍ତ୍ୱ ମଧ ନଷ୍ଟ ହୋଇଥାଏ। ଖାଦ୍ୟ ଖରାପ ମଧ ହୋଇଥାଏ। ଏହି ଖାଦ୍ୟ ସେବନ ଦ୍ୱାରା ପେଟ ଜନିତ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ। ବିଶେଷଜ୍ଞଙ୍କ ମତାନୁଯାୟୀ, ଲେମ୍ବୁ କେଶ ଓ ତ୍ୱଚା ପାଇଁ ଖୁବ ଉପକାରୀ। ଏହାର ସେବନ ଦ୍ୱାରା ଗଳାରେ ଥିବା ସଂକ୍ରମଣ, ଏସିଡିଟି, ମୋଟାପଣ ଆଦି ଦୂର କରିବାରେ ବେଶ ସହାୟକ ହୋଇଥାଏ। ଓଜନ ହ୍ରାସ ପାଇଁ ନିଜ ଖାଦ୍ୟରେ ଲେମ୍ବୁ ନିଶ୍ଚୟ ସାମିଲ କରନ୍ତୁ।



# ଶୀତଦିନେ ଅଧିକ ଗରମ ପୋଷାକ ପିନ୍ଧନ୍ତୁ ନାହିଁ





ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଥଣ୍ଡା ପାଗରେ ଅଧିକ ସମୟ ଗରମ ପାଣିରେ ଗାଧୋଇବା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଏହା ଆମ ଶରୀର ଏବଂ ମନକୁ ଉଭୟ ପ୍ରଭାବିତ କରିଥାଏ । ବାସ୍ତବରେ, ଗରମ ପାଣିରେ ଥିବା କିରାଟିନ୍ ନାମକ ତତ୍ତ୍ୱ ଚର୍ମ କୋଷକୁ କ୍ଷତି ପହଞ୍ଚାଇଥାଏ । ଯାହାଫଳରେ ଚର୍ମରେ କୁଞ୍ଚନ ଓ ଶୁଷ୍କତା ବୃଦ୍ଧିପାଇଥାଏ । ଶୀତଦିନେ ନିଜକୁ ଗରମ ରଖିବା ଏକ ଭଲ କଥା, କିନ୍ତୁ ଅଧିକ ପୋଷାକ ପିନ୍ଧିବା ଠାରୁ ଦୂରେଇ ରୁହନ୍ତୁ । ଏହା କରିବା ଦ୍ୱାରା ଆପଣଙ୍କ ଶରୀର ଅତ୍ୟଧିକ ଉତ୍ତାପର ଶିକାର ହୋଇପାରେ। ବାସ୍ତବରେ, ଆମର ପ୍ରତିରକ୍ଷା ପ୍ରଣାଳୀ ଥଣ୍ଡା ହେଲେ ଧଳା ରକ୍ତ କଣିକା (ଡବ୍ଲୁବିସି) ଉତ୍ପାଦନ କରେ, ଯାହା ଆମକୁ ସଂକ୍ରମଣ ଏବଂ ରୋଗରୁ ରକ୍ଷା କରିଥାଏ। ଶରୀର ଅତ୍ୟଧିକ ଗରମ ହେଲେ ରୋଗ ପ୍ରତିରୋଧକ ଶକ୍ତି କମ ହୋଇଯାଇଥାଏ । ଶୀତଦିନେ, ଚା ଏବଂ କଫି ପିଇବା ଭଲ କିନ୍ତୁ ୨/୩ କ ପ ରୁ ଅଧିକ ଚା କିମ୍ବା କଫି ପିଇବା ଉଚିତ୍ ନୁହେଁ। ଶୀତଦିନେ ଲୋକମାନେ କମ୍ ଶୋଷିଲା ଅନୁଭବ କରନ୍ତି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଶୀତରେ ଶରୀରକୁ ଜଳର ଆବଶ୍ୟକତା ନାହିଁ । ପରିସ୍ରା, ହଜମ ପ୍ରକ୍ରିୟା ଏବଂ ଝାଳ ଆକାରରେ ଶରୀରରୁ ଜଳ ବାହାରିଥାଏ । ଏପରି ପରିସ୍ଥିତିରେ, ପାଣି ନପିଇଲେ ଶରୀର ଡିହାଇଡ୍ରେଟିଂ ଆରମ୍ଭ କରିଥାଏ । ଏହା କିଡନୀ ଏବଂ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ । ଏକ ଅନୁସନ୍ଧାନ ଅନୁଯାୟୀ, ରାତିରେ ଶୋଇବା ପୂର୍ବରୁ ହାତ ଏବଂ ପାଦକୁ ଗ୍ଲୋଭସ୍ ଏବଂ ବେଡସିଟ୍ ଘୋଡାଇ ରଖିବା ସ୍ୱାସ୍ଥ୍ୟ ପାଇଁ ଭଲ ଅଟେ। ଶୋଇବା ସମୟରେ ଏହି ଉପାୟ ଅତ୍ୟନ୍ତ ଲାଭଦାୟକ ବୋଲି ଏକ୍ସପର୍ଟମାନେ କହିଛନ୍ତି । ଶୀତଦିନରେ ଫିଜିକାଲ୍ ଆକ୍ଟିଭିଟି ନ ହେବା କାରଣରୁ ଆମ ଇମ୍ୟୁନ ସିଷ୍ଟମ ଉପରେ ଏହାର ପ୍ରଭାବ ପଡିଥାଏ। ତେଣୁ ଘରେ ବସିରହିବା ପରିବର୍ତ୍ତେ ସାଇକେଲିଂ, ଚାଲିବା ଏବଂ ୱାର୍କଆଉଟ ଆଦି ଆରମ୍ଭ କରିଦେବା ଉଚିତ।



*ଶୀତ ଦିନେ ଋତୁ ପରିବର୍ତ୍ତନ ହେବା ସହିତ ଶରୀରର ଆବଶ୍ୟକତା ମଧ ବଦଳିଯାଏ । ଥଣ୍ଡା ପାଗରେ ଫ୍ଲୁ ଏବଂ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ନିହାତି ଆବଶ୍ୟକ । ଏହି ସବୁ ଜିନିଷ ଲୋକମାନେ ଜାଣିକି ମଧ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଶୀତଦିନେ ଲୋକମାନେ ପ୍ରାୟତଃ କେଉଁ ଭୁଲ କରନ୍ତି ଜାଣନ୍ତୁ ।*

# ଅଧିକ ପାଣି ପିଉଥିଲେ ସାବଧାନ

*ଆବଶ୍ୟକତା ଠାରୁ ଅଧିକ ପାଣି ପିଇବା ଆମ ପାଇଁ କ୍ଷତିକାରକ ହୋଇପାରେ। ଅଧିକ ପାଣି ପିଇବା ଦ୍ୱାରା ଓଭରହାଇଡ୍ରେସନ୍ ସମସ୍ୟା ମଧ ହୋଇପାରେ। ଏଥି ସହିତ ଆହୁରି ଅନେକ ସମସ୍ୟା ମଧ ଦେଖାଦିଏ।*




ସାବଧାନ୍ ଅଧିକ ପାଣି ପିଉଛନ୍ତି କି ହୋଇପାରେ ଏହି ସବୁ ସମସ୍ୟା... ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ଭଲ । ଆମେ ପିଲାଦିନରୁ ଶୁଣି ଆସିଛୁ ଯେତେ ଅଧିକ ପାଣି ପିଇବା, ସେତେ ସୁସ୍ଥ ରହିବା। ପାଣି ପିଇବା ଦ୍ୱାରା ମୁହଁର ଉଜ୍ଜଳ ମଧ ଆସେ । ପାଣି ପିଇବା ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଆବଶ୍ୟକତା ଠାରୁ ଅଧିକ ପାଣି ପିଇବା ଆମ ପାଇଁ କ୍ଷତିକାରକ ହୋଇପାରେ। ଅଧିକ ପାଣି ପିଇବା ଦ୍ୱାରା ଓଭରହାଇଡ୍ରେସନ୍ ସମସ୍ୟା ମଧ ହୋଇପାରେ। ଏଥି ସହିତ ଆହୁରି ଅନେକ ସମସ୍ୟା ମଧ ଦେଖାଦିଏ। ଜାଣନ୍ତୁ ଏହାର ସମସ୍ୟା ବିଷୟରେ... ଅଧିକ ପାଣି ପିଇବାର ସାଇଡ୍ ଇଫେକ୍ଟସ : କଡ୍‌ନୀ ସମସ୍ୟା: ଅତ୍ୟଧିକ ପାଣି ପିଇବା ଦ୍ୱାରା କିଡନୀର କ୍ଷତି ହୋଇଥାଏ। ଯେତେବେଳେ ଅଧିକ ପାଣି ପିଇଥାଉ, ଏହି କାରଣରୁ ଆର୍ଜିନାଇନ୍ ଭାସୋପ୍ରେସିନ୍‌ର ପ୍ଲାଜମା ସ୍ତର କମିଯାଏ । ଯାହା କିଡନୀ ର କାର୍ଯ୍ୟ କ୍ଷମତା ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ଏଥିପାଇଁ ପାଇଁ ଅତ୍ୟଧିକ ପାଣି ପିଇବା ଠାରୁ ଦୂରେଇ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଲିଭର୍ ସମସ୍ୟା : ଅଧିକ ପାଣି ପିଇବା ଦ୍ୱାରା ଲିଭର୍ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ । ସେଥିପାଇଁ ଆମେ ଅଧିକ ଜଳ ପାଇବା ଠାରୁ ଦୂରେଇ ରହିବା ଉଚିତ୍। ହୃଦଘାତ ସମସ୍ୟା : ଯଦି ଆପଣ ଅଧିକ ପାଣି ପିଅନ୍ତି, ତେବେ ହୃଦଘାତର ଶିକାର ହୋଇପାରନ୍ତି। ଅଧିକ ପାଣି ପିଇବା ଦ୍ୱାରା ଶରୀରରେ ରକ୍ତ ପରିମାଣ ବଢିଥାଏ, ଯାହାର ପ୍ରତ୍ୟକ୍ଷ ଚାପ ହୃଦୟର ରକ୍ତ ଧମନୀ ଉପରେ ପଡେ । ଉଚ୍ଚ ଚାପ ହେତୁ ହୃଦଘାତର ସମ୍ଭାବନା ବଢିଯାଏ, ତେଣୁ ଆମେ ଅଧିକ ଜଳ ପିଇବା ଠାରୁ ଦୂରେଇ ରହିବା ଉଚିତ।





# ୧୮ତମ 'ପ୍ରବାସୀ ଭାରତୀୟ ଦିବସ'ରେ କେନ୍ଦ୍ରମନ୍ତ୍ରୀ

## ବିଶ୍ୱ ମାନଚିତ୍ରରେ ଓଡ଼ିଶାର ପରିଚୟ ଆହୁରି ବଢ଼ିବ- ଧର୍ମେନ୍ଦ୍ର ପ୍ରଧାନ






ଭୁବନେଶ୍ୱର, ଜାନୁଆରୀ ୧୦ - ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ପ୍ରବାସୀ ଭାରତୀୟ ସମାରୋହ କେବଳ ପ୍ରବାସୀ ଭାରତୀୟଙ୍କୁ ସେମାନଙ୍କ ମୂଳ ପରିଚୟକୁ ପରିଚିତ କରାଇବାର ଅବସର ନୁହେଁ, ବରଂ ବିଶ୍ୱ ମାନଚିତ୍ରରେ ଓଡ଼ିଶାକୁ ଏକ ନୂଆ ପରିଚୟ ଦେବାର ଏକ ଐତିହାସିକ କାର୍ଯ୍ୟକ୍ରମ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଗୁରୁବାର ଭୁବନେଶ୍ୱରରେ ଆୟୋଜିତ ୧୮ତମ 'ପ୍ରବାସୀ ଭାରତୀୟ ଦିବସ'ର ଉଦଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଯୋଗଦେବା ସହ ୟୁଏସ, ଓମାନ ଓ କାତାରରୁ ଆସିଥିବା ପ୍ରତିନିଧି ଦଳ, ଭାରତୀୟ ପ୍ରବାସୀଙ୍କ ସହ କଥା ହୋଇଛନ୍ତି । ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମି ତଥା ମନ୍ଦିର ମାଳିନୀ ଭୁବନେଶ୍ୱରରେ ସମବେତ ହୋଇଥିବା ପ୍ରବାସୀ ଭାରତୀୟଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପ୍ରବାସୀ ଭାରତୀୟ ଆୟୋଜନ ଦ୍ୱାରା ଓଡ଼ିଶା ଆଜି ବିଶ୍ୱବିଦିତ ହୋଇଛି । ଓଡ଼ିଶାର ପରିବେଶ, ଓ ଆତିଥେୟତାକୁ ବୈଶ୍ୱିକ ସ୍ତରର ଲୋକମାନେ ସମସ୍ତେ ପସନ୍ଦ କରୁଛନ୍ତି । ଆଜି ଐତିହ୍ୟ ପ୍ରେରିତ ଯୁବଶକ୍ତି ସମ୍ପନ୍ନ ପ୍ରବାସୀ ଭାରତୀୟଙ୍କ ଗୌରବମୟ ସାଫଲ୍ୟର ସମାରୋହରେ ପ୍ରଧାନମନ୍ତ୍ରୀ ଉଦୟଗିରି, କୋଣାର୍କ, ଆମର ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟ, ଐତିହାସିକ ବାଲିଯାତ୍ରା, ବୌଦ୍ଧ ସର୍କିଟ୍ ତଥା ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଗୌରବମୟ ଇତିହାସ ଓ ଅନନ୍ୟ ଐତିହ୍ୟକୁ ଉପସ୍ଥାପନ କରିଛନ୍ତି । ଓଡ଼ିଶା ହେଉଛି ଶାନ୍ତିର ମାଟି । କଳିଙ୍ଗ ଯୁଦ୍ଧର ପରିଚୟ ଶାନ୍ତି ପାଇଁ ଖ୍ୟାତି ଅର୍ଜନ କରିଛି । ପ୍ରଧାନମନ୍ତ୍ରୀ ଯୁଦ୍ଧ ନୁହେଁ ବରଂ ବୁଦ୍ଧର ଆହ୍ୱାନ ଦେଇ ଆମର ବହୁତ ପୁରୁଣା ଐତିହାସିକ ତଥ୍ୟ ଓ ସମାଜରେ ତା'ର ମୂଳ ଚରିତ୍ର କଣ ଥିଲା ତାକୁ ଦର୍ଶାଇଛନ୍ତି । ଶାନ୍ତିର ଚରିତ୍ର ହିଁ ଆମ ସମାଜରେ ଥିଲା । ତେଣୁ ଆମ ସମାଜର ଚରିତ୍ରକୁ ପ୍ରଧାନମନ୍ତ୍ରୀ ବିଶ୍ୱ ସ୍ତରରେ ତଥା ରାଜନୈତିକ ଓ କୁଟନୈତିକ ସ୍ତରରେ ରଖି ଆମ ଓଡ଼ିଶାର ମର୍ଯ୍ୟାଦା ବଢ଼ାଇଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀ ଓ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ ଭାରତ ହେଉଛି ଐତିହ୍ୟ ଓ ପରମ୍ପରାର ଏକ ଅପାର ଗନ୍ତାଘର । ଭାରତର ପରମ୍ପରା, ଐତିହ୍ୟ ଓ ଐତିହାସିକ ପୃଷ୍ଠଭୂମିକୁ ପ୍ରଦର୍ଶିତ କରିବା ତଥା ବିଶ୍ୱ ସ୍ତରର ପର୍ଯ୍ୟଟକମାନଙ୍କୁ ଏହା ଉପରେ ଅବଗତ କରାଇବା ଏହାର ଉଦ୍ଦେଶ୍ୟ । ପ୍ରବାସୀ ଭାରତୀୟମାନେ କିପରି ଭାରତର ଆମ୍ବାସେଡର ଭାବେ କାର୍ଯ୍ୟ କରିବେ, ସେ ଦିଗରେ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି । ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ହେଉଥିବା ପ୍ରବାସୀ ଭାରତୀୟ ଦିବସ କେବଳ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରିବା ପାଇଁ ନୁହେଁ ବରଂ ହଜାର ହଜାର ବର୍ଷ ଧରି ବିଦେଶରେ ଭାରତର ମାନ ସମ୍ମାନ ବୃଦ୍ଧି କରିଥିବା ଆମର ପ୍ରବାସୀ ଭାରତୀୟଙ୍କ ପ୍ରତିଭା, କଠିନ ପରିଶ୍ରମ ଏବଂ ଅତୁଳନୀୟ ଅବଦାନକୁ ସମ୍ମାନିତ କରିବାର ଏକ ଅନନ୍ୟ ଅବସର । ଏହି ସମାରୋହ ଅବସରରେ ଶ୍ରୀ ପ୍ରଧାନ ୟୁଏସ, ଓମାନ ଓ କାତାରରୁ ଆସିଥିବା ପ୍ରତିନିଧି ଦଳ, ଭାରତୀୟ ପ୍ରବାସୀଙ୍କ ସହ କଥା ହୋଇଛନ୍ତି । ଶିକ୍ଷା, ସାଂସ୍କୃତିକ ସଂଗଠନ ତଥା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହ ମତ ବିନିମୟ କରିବା ବେଳେ ଶିକ୍ଷା ମନ୍ତ୍ରୀ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟ, ଖାଦ୍ୟପେୟ ଓ ପର୍ଯ୍ୟଟନ ଉପରେ ଅବଗତ କରାଇଥିଲେ । ଦେଶରେ ଗୁଣାତ୍ମକ ଶିକ୍ଷାର ପରିଚାଳନା, ଜାତୀୟ ଶିକ୍ଷା ନୀତିରେ ଶିଶୁଙ୍କୁ ପ୍ରାରମ୍ଭିକ ଅବସ୍ଥାରେ ଭାରତ ସରକାର ନେଉଥିବା ପଦକ୍ଷେପ, ଶିଶୁଙ୍କ କ୍ରିଟିକାଲ ଥିଙ୍କିଂର ବିକାଶ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଆମେ କିପରି ପ୍ରବାସୀ ଭାରତୀୟଙ୍କ ମାଧ୍ୟମରେ ଥିବା ଭାରତ ଓ ଅନ୍ୟ ଦେଶ ମାନଙ୍କ ମଧ୍ୟରେ ଥିବା ଶିକ୍ଷା ଓ ଅନ୍ୟ ସମ୍ପର୍କକୁ ଗଭୀର କରିପାରିବା ସେ ବିଷୟରେ ଫଳପ୍ରଦ ଆଲୋଚନା ହୋଇଛି । ଉପସାଗରୀୟ ଦେଶ ବିଶେଷତଃ ସ୍କୁଲ ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ପ୍ରବାସୀଙ୍କ ଆବଶ୍ୟକତା ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ । ଅପରପକ୍ଷରେ ପ୍ରବାସୀ ଭାରତୀୟ ସଦସ୍ୟମାନେ କିପରି ଭାରତରେ ଶିକ୍ଷା ବ୍ୟବସ୍ଥାକୁ ମଜଭୁତ୍ କରିବେ ସେ ଦିଗରେ ଉପାଦେୟ ପରାମର୍ଶ ଉପରେ ମତ ରଖିଥିଲେ । ବିକଶିତ ଭାରତରେ ଯୋଗଦାନ ଦେବା ଦିଗରେ ଓଡ଼ିଶାର ବିପୁଳ ସମ୍ଭାବନା ଉପରେ ସେ କହିଥିଲେ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଥିଲେ ବିକଶିତ ଭାରତରେ ଯୋଗଦାନ ରଖିବା ପାଇଁ ଓଡ଼ିଶାରେ ବହୁତ ଅପାର ସମ୍ଭାବନା ଅଛି । ଓଡ଼ିଶା ସରକାର ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ପାଇଁ କାମ କରୁଛନ୍ତି । ପ୍ରବାସୀ ଭାରତୀୟ ଦିବସ ପରେ ମଧ୍ୟ ଭାରତକୁ ଆସୁଥିବା ପ୍ରବାସୀ ଓ ପ୍ରତିନିଧିମାନେ ଓଡ଼ିଶାର ପର୍ଯ୍ୟଟନକୁ ଉପଭୋଗ କରିବା ସହ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରିତ କରିଥିଲେ । ପ୍ରବାସୀ ଭାରତୀୟ ଉତ୍ସବ ସଫଳ ହୋଇଛି । ବିଭିନ୍ନ ଦେଶରୁ ଆସିଥିବା ପ୍ରତିନିଧିମାନଙ୍କ ମଧ୍ୟରେ ବହୁତ ଉତ୍ସାହ ଅଛି । ଓଡ଼ିଶାକୁ ଦେଶ ବିଦେଶରୁ ଆସିଥିବା ପ୍ରତିନିଧି ଓଡ଼ିଶାର ଭୂୟସୀ ପ୍ରଶଂସା କରିଛନ୍ତି । ଓଡ଼ିଶାର କଳା, ସଂସ୍କୃତି, ହସ୍ତତନ୍ତ ପ୍ରତି ପ୍ରବାସୀଙ୍କ ରୁଚି ବଢ଼ିଛି । ପ୍ରବାସୀ ଭାରତୀୟ ଦିବସର ଉଦ୍ଦେଶ୍ୟ ସାଧିତ ହେଉଛି । ଭାରତ ସରକାର ପ୍ରବାସୀଙ୍କ ଏକଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ । ଶ୍ରୀ ପ୍ରଧାନ ନ୍ୟୁଜ ୱିକ ସିଇଓ ଡକ୍ଟର ଦେବ ପ୍ରଗାଡଙ୍କୁ ସାକ୍ଷାତ କରି ଗଣମାଧ୍ୟମ ଜଗତରେ ଡିଜିଟାଲ ପରିବର୍ତ୍ତନ ଉପରେ ଆଲୋଚନା କରିଥିଲେ । ସେ କହିଥିଲେ ଭାରତୀୟ ବଂଶୋଦ୍ଭବ ଯୁବ ବ୍ୟବସାୟୀ ନେତାମାନେ ବିଶ୍ୱସ୍ତରରେ ନିଜର ପରିଚୟ ସୃଷ୍ଟି କରିବା ସବୁବେଳେ ଆନନ୍ଦଦାୟକ । ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ ଉପରେ ଶ୍ରୀ ପ୍ରଧାନ ଚର୍ଚ୍ଚା କରିବା ସହ ବାଳବାଟିକାଠାରୁ ଆରମ୍ଭ କରି ଭାରତୀୟ ବିଶ୍ୱବିଦ୍ୟାଳୟ ଗୁଡିକରେ ନୂଆ ଶିକ୍ଷା ନୀତିର ପ୍ରଭାବ ଉପରେ ମଧ୍ୟ ସେ କହିଥିଲେ ।

## ସମାଜସେବୀ ସ୍ୱର୍ଗତ ନୃସିଂହ ଚରଣ ଦେବତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ

କଟକ **୧୦/୧(ନି.ପ୍ର):** ୪୨ ମୌଜ଼ା ବଉଳକୁଦ ସ୍ଥିତ ବାସଭବନରେ ସ୍ୱର୍ଗତ ନୃସିଂହ ଚରଣ ଦେବତାଙ୍କ ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ କମିଟିର ସମ୍ପାଦକ ସନ୍ତୋଷ ବେହେରାଙ୍କ ସଭାପତିତ୍ୱରେ ପୂର୍ବତନ ସରପଞ୍ଚ ବିଦ୍ୟାଧର ପାତ୍ର,ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଗୋଛାୟତ,୪୨ ମୌଜ଼ା ବିକାଶ ପରିଷଦ ସମ୍ପାଦକ ସନ୍ତୋଷ ପତି,ଚନ୍ଦ୍ରମଣି ଦେବତା,ବୁଲେଇ ବେହେରା,ପ୍ରସନ୍ନ କୁମାର ବେହେରା, ବିଜୟ ପତି,ସୁବାଷ ଗୋଛାୟତ,ଶୁଭନ୍ୟାସ ମହାନ୍ତି,ସମାଜସେବୀ ନାରାୟଣ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ଦେବତାଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଅମର ଆତ୍ମାର ସତଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ ରାଜନେତା, ସାହିତ୍ୟିକ,ବିଶିଷ୍ଟ ସମାଜସେବୀ, ସ୍ତମ୍ଭକାର,ସାମ୍ବାଦିକ ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ଦେବତାଙ୍କ ସ୍ମୃତି ଚାରଣ କରିଥିଲେ । ମା ଶାରଳା ଡ୍ରାମାଟିକ୍ କ୍ଲବ ତରଫରୁ ରବିନ୍ଦ୍ର ଦେବତା,ସଞ୍ଜୟ ବେହେରା, ସନାତନ ବେହେରା,ସରୋଜ ଦେବତା,ବିକାଶ ଦେବତା ନିରାକାର ଦେବତା,ଗୁଡୁ ପଣ୍ଡା,ନିଳମଣୀ ପତି, ଅନନ୍ତ ବେହେରା ଏବଂ ଶୁଭ୍ରଜିତ୍ ବେହେରା ପ୍ରମୁଖ ଯୋଗ ଦେଇ ଏକ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ଚନ୍ଦନ ମହାନ୍ତି, ଚନ୍ଦ୍ରଶେଖର ପତି,ଗ୍ରାମ୍ୟ କମିଟି ସଭାପତି ସୁବୋଧ ଦେବତା, ପୂର୍ବତନ ସଭାପତି ରାଜ କିଶୋର ଦେବତା,ମହନ୍ତ ବିଜୟ ଦେବତାଙ୍କ ସମେତ ସମସ୍ତ ସଦସ୍ୟ ଏବଂ ପୁତ୍ର ଜ୍ୟୋତି ପ୍ରକାଶ ଦେବତା,ପ୍ରଭାତ ଦେବତା,ରଜତ ଦେବତା ଓ ଝିଅ ତନ୍ମୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଧନୁଯାତ୍ରା ଅବସର ରେ ନିଷ୍ଠା ପରିବାର ର ରକ୍ତ ଦାନ ଶିବିର

ଅତାବିରା **୧୦/୧(ନି.ପ୍ର):** ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଅବସର ରେ ଜର୍ଜ ହାଇସ୍କୁଲ ,ମିନା ବଜାର ପଡିଆ ଠାରେ ନିଷ୍ଠା ପରିବାର ତରଫ ରୁ ଚତୁର୍ଥ ଦିନ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ରେଡ ଡ୍ରପ ମାରାଥନ ଅନୁଷ୍ଠିତ ହୋଇଥିଲା ।ଏହି ଶିବିର ରେ ମୁଖ୍ୟ ଅତିଥି ଭାବରେ ବରଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବେରିୟସ ଡୁଙ୍ଗ ଡୁଙ୍ଗ ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ବାର ଆସୋସିଏସନ ର ସମ୍ପାଦକ ଶ୍ରୀ ଦ୍ୱିତିଶ ଆଚାର୍ଯ୍ୟ (କୁନା), ଟାଉନ ଥାନା ଅଧିକାରୀ ସତ୍ୟଜିତ କାଣ୍ଡେଲକର, ପ୍ରଭାତ ଆଦିତ୍ୟ ମିଶ୍ର , ଆଥେଲେଟିକ ଆସୋସିଏସନ୍ ର ସଦସ୍ୟ ଅମିୟ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।ଧନୁଯାତ୍ରା ଦେଖି ଆସିଥିବା ସମୟ ରେ ରକ୍ତ ଦେବା ପାଇଁ ଯୁବକ ଯୁବତୀ ଙ୍କ ମଧ୍ୟ ରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା । ବରଗଡ ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୫୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଏହି ଶିବିର କୁ ନିଷ୍ଠା ପରିବାର ର ସମସ୍ତ ସଦସ୍ୟ ସଦସ୍ୟା ସୁପରିଚାଳନା କରିଥିଲେ । ରକ୍ତ ଦାତା ମାନଙ୍କୁ ନିଷ୍ଠା ପରିବାର ତରଫ ରୁ କୋଟି କୋଟି ପ୍ରଣାମ ଓ ହୃଦୟ ରୁ ଧନ୍ୟବାଦ ଜ୍ଞାପନ କରୁଛୁ ।

## ଜୟ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠି ପକ୍ଷରୁ ମାଣ୍ଡିଆ ଟିଫିନ୍ ସେଣ୍ଟର ଶୁଭାରମ୍ଭ

ମୟୂରଭଞ୍ଜ **୧୦/୧(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଳକର ଜୟ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠି(ଶ୍ରୀ ଅନ୍ନ ଅଭିଯାନ)ପକ୍ଷରୁ ଏବଂ ଜାମଦା ଦୁଲାଲ ସଂସ୍ଥା ସହଯୋଗରେ ମାଣ୍ଡିଆ ଟିଫିନ୍ ସେଣ୍ଟର ଶୁଭାରମ୍ଭ କରାଯାଇଛି ।ଶୁଭାରମ୍ଭ ସମୟରେ ଜାମଦା ବ୍ଲକ କୃଷି ଅଧିକାରିଣୀ ଶୁଭଲକ୍ଷ୍ମୀ ଦାଶ,ଜାମଦା ସରପଞ୍ଚ ମାଳତୀ ଦିଦି,ଆଇସିଡିଏସ୍ କର୍ମଚାରୀ,ଏଫ୍ଏ କର୍ମଚାର,ଏଫପିଓ କର୍ମଚାରୀ,କୃଷି ବିଭାଗର କର୍ମଚାରୀ,ସ୍ୱୟଂ ସହାୟକ ଗୋଷ୍ଠି ର ସଦସ୍ୟ,ଚାଷୀ ସମୂହ ଉପସ୍ଥିତିରେ ଏହା ଉଦଘାଟିତ ହୋଇଯାଇଛି ।ମାଣ୍ଡିଆରେ ପ୍ରସ୍ତୁତ ହୋଇଥିବା ପୁରୀ, ପକୁଡ଼ି, ଗୁଲଗୁଲା, ଆଲୁଚପ୍, ପିଆଜି, ମାଲପୁଆ, ବରା, କ୍ଷୀରି ଓ ସୁପ୍ ଏହି ଟିଫିନ୍ ସେଣ୍ଟରରେ ଉପଲବ୍ଧ ହୋଇଥିଲା ।ଏହି ଖାଦ୍ୟକୁ ଜନସାଧାରଣମାନେ ଖାଇଲା ପରେ ପୁଣି ଖାଇବା ପାଇଁ ଆଗ୍ରହ ପ୍ରକାଶ କରିଥିବା ଦୁଲାକ ସଂସ୍ଥାର ବ୍ଲକ ସଂଯୋଜକ ଆଦିକନ୍ଦ ବେହେରା ସୂଚନା ପ୍ରଦାନ କରିଛନ୍ତି ।

# ସରକାରୀ ଅବହେଳାର ଶିକାର ଘୁ.ଉଦୟଗିରି ଅଞ୍ଚଳ



ଘୁ.ଉଦୟଗିରି,**୧୦/୧(ନି.ପ୍ର):** ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ କନ୍ଧମାଳ ଜିଲ୍ଲା ପର୍ଯ୍ୟଟନକ୍ଷେତ୍ର ପାଇଁ ଯେତିକି ପରିଚିତ ତାହାର କଳା, ସଂସ୍କୃତି, ପରମ୍ପରାକୁ ନେଇ ସେତିକି ଗର୍ବିତ । ଏଠାରେ ପ୍ରକୃତି ଖୁନ୍ଦି ଦେଇଛି । ହେଲେ ତାର ସୁବିନିଯୋଗ କରିବାରେ ସରକାରୀ କଳ ବିଫଳ ଯାହାର ପରିଣାମ ସ୍ୱରୂପ ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ହୋଇପାରିନି । କାମଧନ୍ଦା ଅଭାବରୁ ଯୁବପିଢ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ପର୍ଯ୍ୟଟକଙ୍କ ମନ କିଣି ନେଉଥିବା ଲୋକ ନୃତ୍ୟ, ବେଶଭୂଷା, ଭାଷା, ଦେଶ ବିଦେଶରେ ସ୍ୱତନ୍ତ୍ର ହୋଇଥିବା ବେଳେ ଏହାର ପ୍ରାକୃତିକ ଖାଦ୍ୟ ପଦାର୍ଥ ବିଶ୍ୱ ବିଖ୍ୟାତ । ହେଲେ ସରକାରୀ ଅବହେଳା, ପ୍ରଶାସନିକ ଆନ୍ତରିକତା ଅଭାବରୁ ନା ପର୍ଯ୍ୟଟନସ୍ଥଳ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି ନା ସଂସ୍କୃତି ପରମ୍ପରାକୁ ଦୃଷ୍ଟି ଦିଆଯାଇଛି । ଫଳରେ ଆଜି ସେମିତି ଅବହେଳିତ ଅବସ୍ଥାରେ ଯୁବପିଢ଼ି ପେଟକୁ ଦାନା ଯୋଗାଡ କରିବା ରାଜ୍ୟ ବାହାରକୁ ଯାଉଥିବା ବେଳେ ଖାଦ୍ୟ ଅଭାବରୁ ଆମ୍ବ କୋଇଲି ଖାଇ ଜୀବନ ମଧ୍ୟ ଯାଉଛି । ପର୍ଯ୍ୟଟନସ୍ଥଳର ବିକାଶ, ସଂସ୍କୃତି ପରମ୍ପରା, ସହିତ ପ୍ରାକୃତିକ ଖାଦ୍ୟ ସାମଗ୍ରୀର ପ୍ରଚାର ପ୍ରସାର ହିଁ ଜିଲ୍ଲାର ଭାଗ୍ୟ ବଦଳାଇବା ଭଳି ସମ୍ଭାବନା ରହିଥିଲେ ମଧ୍ୟ ସେଥିପ୍ରତି ଦୃଷ୍ଟି ନଦେବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଅଞ୍ଚଳବାସୀ । ଯାହାର ଜ୍ୱଳନ୍ତ ଉଦାହରଣ ଘୁ.ଉଦୟଗିରିକୁ ନିଆଯାଇପାରେ । ସ୍ଥାନୀୟ ବ୍ଲକରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ପର୍ଯ୍ୟଟନସ୍ଥଳ ରହିଛି । ଆଉ ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ପାଇଁ ଭରପୂର ସୌନ୍ଦର୍ଯ୍ୟ ରହୁଥିବା ବେଳେ ଏଥିପାଇଁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆ ନ ଯିବା ଫଳର ନିରାଶ ହୋଇଛନ୍ତି ପର୍ଯ୍ୟଟକ, ଅଞ୍ଚଳବାସୀ । ଦୀର୍ଘ ବର୍ଷ ହେଲା ଘୁ.ଉଦୟଗିରି ରାଜ୍ୟର ସବୁଠାରୁ ଶୀତଳ ସହର ଭାବେ ପରିଚିତ ହୋଇଆସୁଥିଲେ ମଧ୍ୟ ସରକାରଙ୍କ ତରଫରୁ ଘୁ.ଉଦୟଗିରିରେ ଶୀତ ମହୋତ୍ସବ ଆୟୋଜନ ନ କରିବା ସହିତ, ପର୍ଯ୍ୟଟନ ସ୍ଥଳ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ନଦେବା ସମସ୍ତଙ୍କୁ ନିରାଶ କରିଛି । ଅଞ୍ଚଳରେ ମନୋରଞ୍ଜନ ବୋଲି କିଛି କାର୍ଯ୍ୟକ୍ରମ ନ ଥିବା ବେଳେ ଏହାର ପ୍ରଚାର ପ୍ରସାରରେ ଯେମିତି ସରକାରଙ୍କ ଆନ୍ତରିକତା ନ ଥିବା କଥାକୁ ହୃଦୟଙ୍ଗମ କରିଛନ୍ତି ଜନତା । ଅସଲ ବିକାଶ ପ୍ରତି ଦୃଷ୍ଟି ନଦେଇ କେବଳ ବିକାଶ କଥାରେ କଥାରେ କୁହାଯାଉଥିବା ଅଭିଯୋଗ କରିଛନ୍ତି ସାଧାରଣ ଲୋକେ । ତେଣୁ ରାଜ୍ୟର ସବୁଠାରୁ ଥଣ୍ଡା ସହରର ଭାବେ ପରିଚିତ ଘୁ.ଉଦୟଗିରି ସହରରେ ଜିଲ୍ଲାସ୍ତରୀୟ ଶୀତ ମହୋତ୍ସବ ଆୟୋଜନ କରିବା ସହିତ ଘୁ.ଉଦୟଗିରି ବ୍ଲକରେ ରହିଥିବା ପର୍ଯ୍ୟଟନସ୍ଥଳ ଗୁଡ଼ିକ ପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାର ବିକାଶ କଲେ ଅଞ୍ଚଳର ପ୍ରକୃତ ବିକାଶ ହୋଇପାରିବ ବୋଲି ସମସ୍ତ ଅଞ୍ଚଳବାସୀ ମତ ଦେଇଛନ୍ତି ।

# ଜିଲ୍ଲା ଯୁବ ଉତ୍ସବ ଅନୁଷ୍ଠିତ

ଗୁଣପୁର **୧୦/୧(ନି.ପ୍ର):** ଆଜି ଗୁଣପୁର ଠାରେ ଜିଲ୍ଲା ଯୁବ ଉତ୍ସବ- ଭାରତ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଗାନ୍ଧୀ ବିଶ୍ୱ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଗୁଣପୁର ଉପ ଜିଲ୍ଲାପାଳ କିରନ ଦୀପ କୌର ସହୋତା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜିଲ୍ଲାର ବିଭିନ୍ନ ମହା ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରଦର୍ଶନୀ, ଚିତ୍ରାଙ୍କନ, ବକ୍ତୃତା, କବିତା, ଫୋଟଗ୍ରାଫି, ନୃତ୍ୟ, ଗୀତ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ସତ୍ୟଜିତ ନାୟକ, ଗାନ୍ଧୀ ଅନୁଷ୍ଠାନର ଉପ ସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା, ଗାନ୍ଧୀ ଅନୁଷ୍ଠାନର ରେଜିଷ୍ଟ୍ରର ଏନ ଭି ଯେ ରାଓ ଯୋଗ ଦେଇଥିବା ବେଳେ ନେହେରୁ ଯୁବ କେନ୍ଦ୍ର ରାୟଗଡ ଜିଲ୍ଲା ଯୁବ ଅଧିକାରୀ ଭୁକ୍ଷା ରମେଶ ଅଧକ୍ଷତା କରିଥିଲେ, ନେହେରୁ ଯୁବ କେନ୍ଦ୍ର ରାୟଗଡର ସିନିୟର ଏକାଉଣ୍ଟାଣ୍ଟ ଦୁତିୟା ୍ଛର ସ୍ୱାଗତ ଭାଷଣ ଦେଇଥିଲେ ଓ ଗାନ୍ଧୀ ଅନୁଷ୍ଠାନର ସହକାରୀ ପ୍ରଫେସର ରାଧାକୃଷ୍ଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିକା ଦିନରେ ଯୁବ ସମାଜ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ୨୦୪୭ ସୁଦ୍ଧା ବିକଶିତ ଓଡ଼ିଶା, ବିକଶିତ ଭାରତ ଗଢି ତୋଳିବା ନିମନ୍ତେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ପଞ୍ଚପ୍ରାଣ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତର ସମସ୍ତ ଯୁବ ବର୍ଗଙ୍କୁ ସାମିଲ କରିବା ସହ ସମସ୍ତଙ୍କୁ ସ୍ୱାବଲମ୍ବୀ କରିବା ସରକାରଙ୍କ ମୂଳ ଲକ୍ଷ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ଉଦଘାଟନ ହେବା ପରେ ଗାନ୍ଧୀ ଅନୁଷ୍ଠାନର ବିଭିନ୍ନ କକ୍ଷରେ ପ୍ରତିଯୋଗିତା ସମୂହ ଆରମ୍ଭ ହୋଇଥିଲା । ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀ ସେମାନଙ୍କ କୃତିତ୍ୱ ପ୍ରତିପାଦିତ କରିଥିଲେ । ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରର ରାୟଗଡ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ ମୁଖ୍ୟ ଅତିଥି, ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାୟଗଡ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ନିୟୋଜନ ତଥା ଦକ୍ଷତା ବିକାଶ ଅଧିକାରୀ ତତ୍ତ୍ୱମସି ମହାପାତ୍ର, ଗାନ୍ଧୀ ଅନୁଷ୍ଠାନର ଉପ ସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର, ମାନପତ୍ର ପ୍ରଦାନ କରିଥିଲେ । ଆଜିର ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ର ଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ଓ ସେଇଠୁ ମନୋନୀତ ହେଲେ କେନ୍ଦ୍ର ସ୍ତରକୁ ପ୍ରତିଯୋଗିତା ନିମନ୍ତେ ଯିବେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ନେହେରୁ ଯୁବକେନ୍ଦ୍ର ଦ୍ୱାରା ଆୟୋଜିତ ସମସ୍ତ କାର୍ଯ୍ୟକ୍ରମଟିକୁ ସହକାରୀ ପ୍ରଫେସର ଘନିଷ୍ଠା ପୃଷ୍ଟି ସଂଯୋଜନା କରିଥିବା ବେଳେ ଉଦଯାପନୀ କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ର କର୍ମଚାରୀ ଲକ୍ଷ୍ମୀ ନାରାୟଣ ସେଠି ଧନ୍ୟବାଦ ଅର୍ପଣ କରିଥିଲେ ।




## ପିଚୁ ରାସ୍ତା ମଝିରେ ବିରାଟ ଗଛ,ବିପଦକୁ ଆମନ୍ତ୍ରଣ

ନବରଙ୍ଗପୁର **୧୦/୧(ନି.ପ୍ର):** ଝରିଗାଁ ବ୍ଲକ ଚକଲାପଦର ପଂଚାୟତ ସଦର ମହକୁମା ଠାରୁ କଂଗ୍ରା ଯିବା ରାସ୍ତା ମଝିରେ କିଛି ଗଛ ରହିଥିବା ନଜରକୁ ଆସିଛି ।ପ୍ରଶାସନ ପକ୍ଷରୁ ଗଛ କଟା ଯାଉନଥିବା ବେଳେ ବିପଦକୁ ଆମନ୍ତ୍ରଣ କରାଯାଉଛି ।ବର୍ତ୍ତମାନ ପ୍ରଶାସନ ପକ୍ଷରୁ ରାସ୍ତା ଚଉଡା କରି ନିର୍ମାଣ କାମ ଚାଲିଛି ।ରାସ୍ତା ଚଉଡା ହୋଇ ନିର୍ମାଣ କାମ ଚାଲିଥିବା ବେଳେ ରାସ୍ତା କଡ଼ର ଅତି ନିକଟରେ ଥିବା ଗଛ ଗୁଡ଼ିକ ରାସ୍ତାର ମଝିକୁ ଆସି ଯାଇଛି ।ଚକଲାପଦର ଗ୍ରାମ ଠାରୁ କଂଗ୍ରା ଗ୍ରାମ ଯିବା ମଧ୍ୟରେ ଦୁଇଟି ଗଛ ରାସ୍ତା ମଝିରେ ରହିଥିବା ବେଳେ ଆଉ କିଛି ଗଛ ରାସ୍ତାକୁ ଲାଗିକି ରହିଛି ।ଯାହା ଫଳରେ ଦୁର୍ଘଟଣା ଘଟିବାର ସମ୍ଭାବନା ଅଧିକ ରହିଛି ।ବିଶେଷ କରି ନୂଆରେ ଯାଉଥିବା ଲୋକ ମାନଙ୍କ ପାଇଁ ଅଧିକ ସମସ୍ୟା ଦେଖା ଦେଇଛି ।ଏହି ରାସ୍ତା ଦେଇ ପଞ୍ଚାୟତର ବହୁ ଗ୍ରାମବାସୀ ଚକଲାପଦର ପଞ୍ଚାୟତ ଓ ଝରିଗାଁ ବ୍ଲକକୁ ଯିବା ଆସିବା କରୁଛନ୍ତି ।ସେହିପରି ଶହ ଶହ ବାଇକ ଓ ଅନ୍ୟାନ୍ୟ ଗାଡି ଯାତାୟତ କରୁଛି ।ତେଣୁ କୌଣସି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣବା ସହ ଗଛ ଗୁଡିକୁ ରାସ୍ତାରୁ ହଟାଇବା ପାଇଁ ଦାବି ହୋଇଛି ।ଗ୍ରାମବାସୀ ବହୁ ବାର ରାସ୍ତାରୁ ଗଛ ହଟାଇବା ପାଇଁ ଅନୁରୋଧ କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନଥିବା ଅଭିଯୋଗ କରିଛନ୍ତି ।




## ମୋଟାବାଡି ସେବା ସମବାୟ ସମିତିରେ ଚାଷୀ ପଞ୍ଜିକରଣରେ ତ୍ରୁଟି, ତଦନ୍ତ କଲେ ଉଚ୍ଚସ୍ତରୀୟ ଅଧିକାରୀ, ହେବକି କାର୍ଯ୍ୟାନୁଷ୍ଠାନ ?



ବୁଗୁଡ଼ା **୧୦/୧(ନି.ପ୍ର):** ବୁଗୁଡ଼ା ବ୍ଳକ ଅନ୍ତର୍ଗତ ମୋଟାବାଡି ସେବା ସମବାୟ ସମିତିରେ ଚାଷୀ ପଞ୍ଜିକରଣରେ ତୃଟି ହୋଇଥିବା ନେଇ ମହେନ୍ଦ୍ର କୁମାର ଆରୁଖ ଆସିକା ସମବାୟ ସମିତି, ଗଞ୍ଜାମ ଜିଲ୍ଲା ସମବାୟ ଉପନିର୍ବନ୍ଧକ ବ୍ରହ୍ମପୁର, ଗଞ୍ଜାମ ଜିଲ୍ଲାପାଳ ଛତ୍ରପୁର, ଉପଜିଲ୍ଲାପାଳ ଭଞ୍ଜନଗର ଓ ବୁଗୁଡ଼ା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ ଆଜି ମୋଟାବାଡି ସେବା ସମବାୟ ସମିତିକୁ ଆସିକା ସମବାୟ ସମିତିର ଏ.ଆର.ସି.ଏସ ବିଜୟ କୁମାର ସାହୁ,ଏସ.ଆର.ସି.ଏସ କମଳ କୁମାର ଆଚାରୀ ଓ ବୁଗୁଡ଼ା ଏମ.ଆଇ. ତମ୍ପାଇ ମରାଣ୍ଡି, ସମ୍ପାଦକ ବିନୋଦ କୁମାର ରାଉତ, ଡି.ଇ.ଓ ରାମଚନ୍ଦ୍ର ଆରୁଖ ଓ ଅଭିଯୋଗକାରୀ ଚାଷୀଙ୍କ ସହିତ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ । ଦିର୍ଘ ସମୟ ଧରି ଆଲୋଚନା କଲା ପରେ ଆସିକା ସେବା ସମବାୟ ଏ.ଆର.ସି.ଏସ ବିଜୟ କୁମାର ସାହୁ ଉପରସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ସହିତ ଦାୟିତ୍ୱରେ ଅବହେଳା କରିଥିବା ମୋଟାବାଡି ସେବା ସମବାୟ ସମିତିର ସମ୍ପାଦକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଦେଇଥିଲେ । ଏହାସହିତ ମୋଟାବାଡି ସେବା ସମବାୟ ସମିତିର ସମସ୍ତ ଚାଷୀଙ୍କ ଧାନ ନିକଟସ୍ଥ ଧାନ ମଣ୍ଡି ଦ୍ୱାରା ଧାନ ଉଠାଇବା ପାଇଁ ଚାଷୀଙ୍କୁ ଆଶ୍ୱାସନା ଦେଇଥିଲେ ।

## ବି.କରଡ଼ାବାଡ଼ି ହାଇ ସ୍କୁଲରେ ପୋଷାକ ବିତରଣ ଉତ୍ସବ

ବୁଗୁଡା **୧୦/୧(ନି.ପ୍ର):** ଗଂଜାମ ଜିଲ୍ଲା, ବୁଗୁଡ଼ା ବ୍ଲକର ବି.କରଡ଼ାବାଡ଼ି ଗ୍ରାମର ସର୍ଦ୍ଦାର ଅନ୍ତର୍ଯ୍ୟାମୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାନୁୟାରୀ ୬ ତାରିଖ ଦିନ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୋଷାକ ବିତରଣ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଅଧକ୍ଷତା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ହରପ୍ରିୟା ପ୍ରଧାନ, ଉପସଭାପତି ଅଜିତ କୁମାର ଦାସ, ସଭ୍ୟ ଓ ସଭ୍ୟା ଶଙ୍କର ବେହେରା , ରବିନାରାୟଣ ପଣ୍ଡା, ଅଶାନ୍ତି ଗୌଡ଼ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଙ୍କୁ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ଶଙ୍କୁରୁ ଗ୍ରାମର ତେଜସ୍ୱିନୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବୁଗୁଡା ସହରର ବଳଦେବସ୍ୱାମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ବୃନ୍ଦଙ୍କ ପାଇଁ ଦୁଇ ହଳ ଲେଖାଏଁ ପୋଷାକ ଯୋଗାଇଥିଲେ ।

# ବିଶ୍ୱ ପ୍ରସିଦ୍ଧ କୋଣାର୍କରେ ଗଡ଼ିଲା ସୂର୍ଯ୍ୟ ରଥ

## ଅବଧୂତ ମଠରୁ ହଜାର ହଜାର ଭକ୍ତ ଟାଣିଲେ ସୂର୍ଯ୍ୟ ରଥ



ନିମାପଡା ୧୦/୧(ନି.ପ୍ର): ଶାମ୍ବ ଦଶମୀ ଉପଲକ୍ଷେ କୋଣାର୍କ ଚଳଚଞ୍ଚଳ ହୋଇପଡିଛି ଆଜିର ଦିନରେ ଚନ୍ଦ୍ରଭାଗା ତିର୍ଥ ପୁଷ୍କରିଣୀ ରେ ସ୍ନାନ କରି ସୂର୍ଯ୍ୟ ପୂଜା କଲେ ପରିବାରର ମଙ୍ଗଳ ହେବା ସହ ବିଭିନ୍ନ ରୋଗରୁ ମୃକ୍ତି ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ଏହି ଦିନରେ ଭଗବାନ ଶ୍ରୀକୃଷ୍ଣ ଓ ରାଧା ରତିକ୍ରୀୟା ସମୟରେ ତାଙ୍କ ପୁତ୍ର ଶାମ୍ବ ଘରେ ପସିଯାଇଥିଲେ।ସେଠାରେ ପିତା ଶ୍ରୀକୃଷ୍ଣ ଶାମ୍ବଦେବଙ୍କୁ ଦେଖି ଅଭିଶାପ ଦେଇଥିଲେ ଶାମ୍ବଦେବ ଅଭିଶାପ ପାଇଁ ନାରଦମୁନିଙ୍କ ପାଖରେ ସରଣ ବସିଥିଲେ। ନାରଦମୁନି ଶାମ୍ବ ଦେବଙ୍କୁ କହିଥିଲେ। କୋଣାର୍କ ଚନ୍ଦ୍ରଭାଗା ଠାରେ ସୂର୍ଯ୍ୟ ଉଦୟ ପୂର୍ବରୁ ଚନ୍ଦ୍ରଭାଗା ନଦୀରେ ସ୍ନାନ କରିବା ପରେ ସୂର୍ଯ୍ୟ ଦେବଙ୍କୁ ପୂଜାର୍ଚ୍ଚନା କଲେ ଅଭିଶାପ ରୁ ମୃକ୍ତ ହେବ । ଶାମ୍ବ ଦେବ ଆଜିର ଦିନରେ ଚନ୍ଦ୍ରଭାଗା ଆସି ଚନ୍ଦ୍ରଭାଗା ନଦୀରେ ସ୍ନାନ କରିବା ପରେ ପୂଜାର୍ଚ୍ଚନା କରି ଅଭିଶାପ ରୁ ମୁକ୍ତ ହୋଇଥିଲେ। ସେହି ଦିନ ଠାରୁ ଆଜିର ଦିନରେ ବିଭିନ୍ନ ପ୍ରକାର ଫଳ ସହ ମଣ୍ଡାପିଠା , ପୋଡପିଠା, ଘିଇ ପିଠା, ମୁଆଁ , ସାକର ଇତ୍ୟାଦି ବିଭିନ୍ନ ପ୍ରକାରର ଭୋଗ ଘରେ ଘରେ ତିଆରି କରି ସମସ୍ତ ମା ମାନେ ନିଜ ପରିବାର ର ମଙ୍ଗଳ କାମନା ପାଇଁ ସୂର୍ଯ୍ୟ ପୂଜାର୍ଚ୍ଚନା କରିବା ସହ ବ୍ରତ ଧାରଣ କରିଥାନ୍ତି। କାହୁଁ କେଉଁ କାଳରୁ କୋଣାର୍କ ସୂର୍ଯ୍ୟ ମନ୍ଦିର ପାର୍ଶ୍ୱ ଅବଦୁତ ମଠ ଠାରେ ହୋମ ଯଜ୍ଞ ହେବାସହ ଆଜି ସୂର୍ଯ୍ୟନାରାୟଣ ଙ୍କ ଦୁଇ ଉତ୍ତରାୟଣ ଓ ଦକ୍ଷିଣାୟନ ଚଳନ୍ତି ପ୍ରତିମା ରଥା ରୁଢ଼ ହୋଇ କୋଣାର୍କ ପରିକ୍ରମା ପରେ ଚନ୍ଦ୍ରଭାଗା ସ୍ଥିତ ଛୋଟାବାବା ମଠକୁ ଯାଇଥିବା ବେଳେ ସେଠାରେ ୨୭ଦିନ ରହିବା ପରେ ମାଘମାସ ସପ୍ତମୀ ଦିନ ମହୋଦଧି ରେ ମହା ସ୍ନାନ କରି ଫେରିଆସିବେ ସୂର୍ଯ୍ୟ ଦେବ। ଏହି ପୁରାଣ ବର୍ଣ୍ଣିତ କଥାକୁ ମନେ ପକାଇ ଘରେ ଘରେ ଆଜି ସୂର୍ଯ୍ୟ ପୂଜା କରିଥାନ୍ତି ମା ମାନେ ଏବେ ସୂର୍ଯ୍ୟ ରଥ ଟଣାଯାଇଛି। ହଜାର ହଜାର ସୂର୍ଯ୍ୟ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ହରିବୋଲ ହୁଳହୁଳି ରେ ପ୍ରକମ୍ପିତ ହୋଇ ଉଠୁଛି ଅର୍କ କ୍ଷେତ୍ର କୋଣାର୍କ ।କୋଣାର୍କ ଠାରୁ ଚନ୍ଦ୍ରଭାଗା ଘଣ୍ଟ ଘଣ୍ଟାରେ,କିର୍ତ୍ତନ ଓ ଜୟ ସୂର୍ଯ୍ୟ ନାରାୟଣ ଧ୍ୱନି ରେ ଫାଟିପଡିଥିବା ସହ ବିଶ୍ୱର କଲ୍ୟାଣ ପାଇଁ କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ କରାଯାଇଛି। ଯାହା ଆଜି ପୂର୍ଣ୍ଣ ଆହୁତି ପରେ ସୂର୍ଯ୍ୟ ମନ୍ଦିର ପରିକ୍ରମା କରିବେ ସୁରକ୍ଷା ସମିତିର କର୍ମକର୍ତ୍ତା ମାନେ ।ସମସ୍ତ ମୁହଁରେ ଜୟ ସୂର୍ଯ୍ୟ ନାରାୟଣ ,ସୂର୍ଯ୍ୟ ଦେବକି ଜୟ ନାରା ଦେବା ବେଳେ ଗୋଟିପୁଅ ନୃତ୍ୟରେ ପୁରୀ କୋଣାର୍କ ମୂଖ୍ୟ ରାସ୍ତା ଫାଟିପଡୁଛି ।ଏବେ ପହଞ୍ଚି ସାରିଛି ଛୋଟାବାବା ମଠରେ ସୂର୍ଯ୍ୟ ରଥ।

# କଂଗ୍ରେସର ବନ୍ଧୁ ମିଳନ

## କଂଗ୍ରେସ ସବୁବେଳେ ଦଳିତ, ସଂଖ୍ୟାଲଘୁ ଓ ଗରିବଙ୍କ ସାଥିରେ



ନିଶ୍ଚିନ୍ତକୋଇଲି ୧୦/୧(ନି.ପ୍ର): ନିଶ୍ଚିନ୍ତକୋଇଲି କଂଗ୍ରେସ ପକ୍ଷରୁ ଇଂରାଜୀ ନବ ବର୍ଷର ବନ୍ଧୁ ମିଳନ ରାମକୃଷ୍ଣପୁର ପଂଚାୟତ ଅନ୍ତର୍ଗତ ଦହପଡାଠାରେ ଅନୁଷ୍ଠିତ ହୋଇଛି । ବରିଷ୍ଠ କଂଗ୍ରେସ କର୍ମୀ ରମେଶ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପିସିସି ସଭାପତି ତଥା ମାହାଙ୍ଗା କଂଗ୍ରେସ ନେତା ପ୍ରଦୀପ୍ତ କୁମାର ଦାସ ଯୋଗଦେଇ ଦଳିତ, ସଂଖ୍ୟାଲଘୁ ଓ ଗରିବମାନଙ୍କର ପ୍ରକୃତ ବନ୍ଧୁ ହେଉଛି କଂଗ୍ରେସ ଦଳ । କେତେକ ରାଜନୈତିକ ଦଳର ମିଛ ଚକ୍ରାନ୍ତରେ ଲୋକମାନେ କଂଗ୍ରେସକୁ ଭୁଲିଯାଉଥିବା ବେଳେ ଆଗାମୀ ଦିନରେ ତୃଣମୂଳ ସ୍ତରରେ କଂଗ୍ରେସ ସଂଗଠନକୁ ମଜଭୁତ କଲେ ଆସନ୍ତା ୨୦୨୯ ନିର୍ବାଚନରେ ରାଜ୍ୟରେ କଂଗ୍ରେସ ଶାସନ କରିବ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ଆଗାମୀ ଶତାବ୍ଦୀର ସଂପାଦକ ସେକ୍ ମାସୁଦ ଅଲୀ ସମ୍ମାନୀତ ଅତିଥି ଭାବେ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ବରାଳ, ସମାଜସେବୀ ବଟକୃଷ୍ଣ ସ୍ୱାଇଁ, ମାହାଙ୍ଗା ଯୁବ କଂଗ୍ରେସ ସଭାପତି ସେକ୍ ସଦାମ, ସଂଖ୍ୟାଲଘୁ ନେତା ସୌକତ ଅଲୀ, ଆଡଭୋକେଟ୍ ଦୀପକ ମହାନ୍ତି, ନାରୀନେତ୍ରୀ ନରଗିସ୍ ବେଗମ୍, ଶ୍ୟାମସୁନ୍ଦର ସ୍ୱାଇଁ ପ୍ରମୁଖ ଯୋଗଦେଇ ୱାର୍ଡସ୍ତରରେ ଛାତ୍ର ଯୁବକ ଓ ମହିଳାମାନେ କଂଗ୍ରେସର ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ । ଶେଷରେ ସୁକାନ୍ତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାଷୀଙ୍କୁ ଉଚିତ୍ ପ୍ରାପ୍ୟ ମିଳୁନଥିବା ଅଭିଯୋଗ

ମୟୂରଭଞ୍ଜ ୧୦/୧(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ଲ୍ୟାମ୍ପ୍ ରେ ଚାଷୀମାନଙ୍କୁ ମୂଲ୍ୟ ମିଳୁନଥିବା ଅଭିଯୋଗ ହେଉଛି ।ସୂଚନାନୁସାରେ ଚାଷୀମାନଙ୍କଠାରୁ କ୍ୟୁଣ୍ଟାଲ ପିଛା ୨୩୦୦ଟଂକାରେ ଜାମଦା ଲ୍ୟାମ୍ପ୍ କ୍ରୟ କରୁଛି ।କିନ୍ତୁ ଚାଷୀମାନଙ୍କୁ ରାଜ୍ୟ ସରକାର କ୍ୟୁଣ୍ଟାଲ ପିଛା ୮୦୦ ଟଂକା ବୋନସ୍ ମିଳିବା କଥା କିନ୍ତୁ କ୍ୟୁଣ୍ଟାଲ ପିଛା ୧୨କେଜି ମିଲରମାନେ କାଟୁଥିବା ବିକ୍ରୟ କରୁଥିବା ଚାଷୀମାନେ ଜଣାଇଛନ୍ତି ।ସରକାରଙ୍କ ନିୟମାନୁସାରେ ଧାନ କ୍ୟୁଣ୍ଟାଲ୍ ପିଛା ୩୧୦୦ ସହାୟକ ମୂଲ୍ୟ ଦେବା କଥା କିନ୍ତୁ ୨୩୦୦ଟଂକା ଦିଆଯାଉଥିବା ଯୋଗୁ ଚାଷୀ ଅଶାନ୍ତି ହେଉଛନ୍ତି ।ଏ ନେଇ ନୋଡାଲ ଅଫିସରଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି ଯେ ତାହା ସମାଧାନ ହୋଇଯାଇଛି ।ତେବେ ଲ୍ୟାମ୍ପ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଜାମଦା ଚାଷୀ ପକ୍ଷରୁ ଦାବି ହେଉଛି ।

# ଆତ୍ମସୁରକ୍ଷା କୌଶଳ ତାଲିମ୍ ଶିବିର ଉଦଘାଟିତ

ବାଲିଗୁଡା ୧୦/୧(ନି.ପ୍ର):କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଛାତ୍ରୀଙ୍କ ନିମନ୍ତେ ଆତ୍ମସୁରକ୍ଷା କୌଶଳ ତାଲିମ୍ ଶିବିର ଉଦଘାଟିତ ହୋଇଯାଇଛି। ଉକ୍ତ ଶିବିରକୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମିତାସ୍ମିତା ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି ଆତ୍ମ ସୁରକ୍ଷା କୌଶଳ ତାଲିମ୍ ଶିବିରର ସଫଳତା କାମନା କରିଥିଲେ। ପ୍ରଶାସନିକ ଅଧିକାରୀ ଡ଼ ବିଭୂତି ଭୂଷଣ ଆଚାର୍ଯ୍ୟ, ରାଜନୀତି ବିଜ୍ଞାନ ଅଧ୍ୟାପିକା ଡ଼.ସଂଯୁକ୍ତା ନାୟକ ଶିବିରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ସଂଯୋଜିକା ଅଧ୍ୟାପିକା ଅରୁନ୍ଧତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମାଷ୍ଟର ଟ୍ରେନର ରୂପା ନାୟକ, ନିରୂପମା ମଲିକ, ତନୁଜା ପାତ୍ର, ପଙ୍କଜିନୀ ପ୍ରମୁଖ ଉପସ୍ଥିତ ରହି ଆତ୍ମସୁରକ୍ଷା କୌଶଳ ଶିକ୍ଷା ପ୍ରଦାନ କରୁଛନ୍ତି ।

# ମେଧାବୃତ୍ତି ପାଇଥିବା କୃତି ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା





ନିଶ୍ଚିନ୍ତକୋଇଲି ୧୦/୧(ନି.ପ୍ର): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ଅନୁଷ୍ଠିତ ୨୦୨୪ ମେଧାବୃତ୍ତି ପାଇଥିବା ଛାତ୍ର ଛାତ୍ରୀଙ୍କୁ ସେମାନେ ଅଧ୍ୟୟନରତ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ନିଶ୍ଚିନ୍ତକୋଇଲି ପଂଚାୟତ ନିଶ୍ଚିନ୍ତକୋଇଲି ଅଂଚଳର ପିତା ପ୍ରଶାନ୍ତ ପଣ୍ଡା ଓ ମାତା ରଶ୍ମିରେଖା ବସ୍ତିଆଙ୍କ ପୁତ୍ର ପ୍ରୀତମ୍ ପଣ୍ଡା ପଂଚମଶ୍ରେଣୀ ମେଧାବୃତ୍ତି ପାଇଛନ୍ତି । ପ୍ରୀତମ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିଶ୍ଚିନ୍ତକୋଇଲିର ଛାତ୍ର ଅଟନ୍ତି । ପ୍ରୀତମ୍ ସରସ୍ୱତୀ ଶିଶୁ ମନ୍ଦିରର ଏକମାତ୍ର ଛାତ୍ର ନିଶ୍ଚିନ୍ତକୋଇଲି ମଣ୍ଡଳରେ ଚତୁର୍ଥସ୍ଥାନ ଅଧିକାର କରିଥିବା ବେଳେ ତାଙ୍କ ସଫଳତା ପାଇଁ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଛାତ୍ର ଶ୍ରୀ ପଣ୍ଡାଙ୍କୁ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା ଓ କର୍ମଚାରୀବୃନ୍ଦ ଶୁଭେଚ୍ଛା ପ୍ରଦାନ କରିଛନ୍ତି । ସେହିପରି ଝାଡେଶ୍ୱରପୁର ପଂଚାୟତ ମଙ୍ଗଳପୁର ଗ୍ରାମର ପିତା ପ୍ରକାଶ ସେଠୀ ଓ ମାତା ମାନସୀ ଦାସଙ୍କ କନ୍ୟା ପ୍ରଜ୍ଞା ପ୍ରଲିପ୍ତା ସେଠୀ ତୃତୀୟ ଶ୍ରେଣୀ ଗରୀବ ମେଧାବୀ ବୃତ୍ତି ପରୀକ୍ଷାରେ ପଂଚମ ସ୍ଥାନ ଅଧିକାର କରି କୃତୀତ୍ୱ ଅର୍ଜନ କରିଛନ୍ତି । ପ୍ରଜ୍ଞା ପ୍ରଲିପ୍ତା ସାହାଡାସୁନ୍ଦରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଅଟନ୍ତି । ତାଙ୍କ ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ଦାସ, ଶିକ୍ଷୟିତ୍ରୀ ଚୁମୁକିରାଣୀ ବିନ୍ଧାଣୀ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ଏଥିପୂର୍ବରୁ ପ୍ରଜ୍ଞାପ୍ରଲିପ୍ତା ବ୍ଲକ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ମଧ୍ୟ ସୁନାମ ଅର୍ଜନ କରିଛନ୍ତି ।

# ଅଟୋ ସହ ମଟର ସାଇକେଲ ମୁହାଁମୁହିଁ ଧକ୍କା ମଟର ସାଇକେଲ ଚାଳକ ଗୁରୁତର



ବାଲିଗୁଡ଼ା ୧୦/୧(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ଗୁମାପଦର ନିକଟରେ ଭାରସାମ୍ୟ ହରାଇ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ କୁ ଧକ୍କା ଦେଲା ମୋଟର ସାଇକେଲ ଦୁର୍ଘଟଣାରେ ମୋଟରସାଇକେଲ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ଗୁରୁବାର ଅପରାହ୍ନରେ ବରଗଡ଼ ଜିଲ୍ଲାର ଦେବରାଜ ସାହୁ ନାମକ ଜଣେ ଯୁବକ ଏକ ମୋଟରସାଇକେଲ ଯୋଗେ ବାଲିଗୁଡ଼ା ଦେଇ ନିଜ ଗାଁ ଅଭିମୁଖେ ଯାଉଥିବା ବେଳେ ବାଲିଗୁଡ଼ା ଥାନା ଅନ୍ତର୍ଗତ ଗୁମାପଦର ନିକଟରେ ଭାରସାମ୍ୟ ହରାଇ ଏକ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ମୋଟରସାଇକେଲ ଚାଳକ ଦେବରାଜ ଙ୍କ ଡାହାଣ ହାତ ଓ ଗୋଡ଼ରେ ଗୁରୁତର ଆଘାତ ଲାଗିଛି । ଘଟଣା ସମ୍ପର୍କରେ ଖବରପାଇ ବାଲିଗୁଡ଼ା ଥାନା ପୋଲିସ୍ ଘଟଣା ସ୍ଥଳରେ ପହଁଚି ଆହତ ମୋଟର ସାଇକେଲ ଚାଳକ ଦେବରାଜ ସାହୁଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ଦେବରାଜ ବରଗଡ଼ ଜିଲ୍ଲା ସୋହେଲା ଥାନା ଅନ୍ତର୍ଗତ ଶାନ୍ତିନଗର ଲେବିଡିଗମର ହୋଇଥିବା ବେଳେ ସେ ଗ୍ରାମବିକାଶ ଏନଜିଓରେ କାମ କରୁଥିଲେ । ଗଜପତି ଜିଲ୍ଲାରୁ ବାଲିଗୁଡ଼ା ଦେଇ ନିଜ ଗାଁକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି ।

# ଜେ.ବି.ଏମ୍. କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ପାଇଲେ ରାଜ୍ୟ ସ୍ତରୀୟ ପୁରସ୍କାର

ନିଶ୍ଚିନ୍ତକୋଇଲି ୧୦/୧(ନି.ପ୍ର): ଆଧୁନିକ ଯୁଗରେ କମ୍ପ୍ୟୁଟର ଶିକ୍ଷାର ବ୍ୟାପକ ସଚେତନତା ପାଇଁ ଜେ.ବି.ଏମ୍. କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ଜାନକୀ ବଲ୍ଲଭ ମହାନ୍ତିଙ୍କୁ କମ୍ପ୍ୟୁଟର ଏଜୁକେସନ ପାଇଁ ଶ୍ରେଷ୍ଠ ରାଜ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ସର୍ବଭାରତୀୟ ସ୍ତରରେ କଲିକତାଠାରେ ଥିବା ନିୟୁଟାଉନର ବିଶ୍ୱ ବଙ୍ଗଳା ଅଡିଟୋରିୟମ୍‌ରେ ଆୟୋଜିତ ଅଲଇଣ୍ଡିଆ ଟି.ଡି. ମିଟ୍ ୨୦୨୫ ରେ ଯୋଗଦେଇ ଶ୍ରୀ ମହାନ୍ତି ଏହି ପୁରସ୍କାର ପାଇଛନ୍ତି। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଅଂଚଳରେ ଦୀର୍ଘ ୭ ବର୍ଷ ଧରି ଛାତ୍ର ଛାତ୍ରୀମାନଙ୍କୁ କମ୍ପ୍ୟୁଟର ଶିକ୍ଷାଦାନ ଦ୍ୱାରା ଡିଜିଟାଲ ସେବା କ୍ଷେତ୍ରରେ ବହୁ ପ୍ରଚାର ପ୍ରସାର କରିଥିବାରୁ ତାଙ୍କୁ ଏହି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା । ଅନୁଷ୍ଠାନ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ ମାନପତ୍ର, ଉପଢୌକନ ଓ ସିଲ୍ଡ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଭଳି ପୁରସ୍କାର ପାଇ ଶ୍ରୀ ମହାନ୍ତି ଅଂଚଳକୁ ଗୌରବାନ୍ୱିତ କରିଥିବାରୁ ତାଙ୍କୁ ବହୁ ଛାତ୍ର ଛାତ୍ରୀ, ଯୁବପିଢୀ ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ ମହଲରୁ ସ୍ୱାଗତ ଶୁଭେଚ୍ଛା ଜଣାଯାଇଛି ।

# ଭୀମକୁଣ୍ଡ ରେ ପାର୍କ ନିର୍ମାଣ କାର୍ଯ୍ୟ ନିମ୍ନ ମାନର ଅଭିଯୋଗ



ପାଟଣା ୧୦/୧(ନି.ପ୍ର): କେନ୍ଦୁଝର ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେଲା ଭୀମକୁଣ୍ଡ। ବୈତରଣୀ ନଦୀ ଶଯ୍ୟାରେ ଏହି କ୍ଷେତ୍ରଟି ଦେଖିବାକୁ ଯେତେ ମନୋରମ ସେତେ ଭୟଙ୍କର ମଧ୍ୟ। ବୈତରଣୀ ପଥର ଶଯ୍ୟାର ଗଡି ଗଡି ଆସି ଏଠାରେ ଭୀମକାୟ ରୂପ ଦେଖାଇଛି। ପ୍ରଖର ଗତିରେ ପାଣି ଗର୍ଜନ କରି ଏଠାରେ ଗଡି ଚାଲିଛି। ରାଜ୍ୟରେ ପର୍ଯ୍ୟଟକ ମାନଙ୍କ ପାଇଁ ଭୀମକୁଣ୍ଡ କିଛି ବର୍ଷ ହେଲା ମୁଖ୍ୟ ପସନ୍ଦ ର ସ୍ଥାନ ହୋଇଆସିଛି। ବ୍ଲକ ପ୍ରଶାସନ ପକ୍ଷରୁ ଏହି ପର୍ଯ୍ୟଟନ ସ୍ଥଳ କୁ ପରିଚାଳନା କରିବାକୁ ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଅର୍ପଣ କରାଯାଇଛି। ତେବେ ପର୍ଯ୍ୟଟକ ମାନେ ଏଠାରେ ଶୌଚ ହେବାକୁ ବ୍ୟବସ୍ଥା ନଥିବାରୁ ଘୋର ବିରକ୍ତି ପ୍ରକାଶ କରିଛନ୍ତି। ପ୍ରଶାସନ ତରଫରୁ କୌଣସି ଶୌଚାଳୟ ବ୍ୟବସ୍ଥା ନକରି ପର୍ଯ୍ୟଟନ ସ୍ଥଳୀର ବିକାଶ ଲାଗି ପାର୍କ ନିର୍ମାଣ କରାଯାଉଛି। ତେବେ ଏହି ସବୁ ନିର୍ମାଣ କାମ କେତେ ଭାଗ ବାଲି ସିମେଣ୍ଟରେ ହେଉଛି ଯାଞ୍ଚ କରିବାକୁ ଏହାର ସାମ୍ପଲିଂ ଟେଷ୍ଟିଂ ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି। ଏଠାରେ ୬ ବାଲିରେ ଗୋଟେ ବସ୍ତା ସିମେଣ୍ଟ ବଦଳରେ ୨୦ଭାଗ ବାଲିରେ ଗୋଟିଏ ବସ୍ତା ସିମେଣ୍ଟ ରେ କାମ କରାଯାଉଥିବା ସ୍ଥାନୀୟ ଅଧିବାସୀ ଭକ୍ତବନ୍ଧୁ ମହାନ୍ତ ଅଭିଯୋଗ କରିଛନ୍ତି। ପର୍ଯ୍ୟଟନ ସ୍ଥଳୀ ବୋଲି ମନ ଇଚ୍ଛା କାମକୁ ଲୋକେ ବିରୋଧ କରିଛନ୍ତି। ତେଣୁ ଏହାର ବିଧିବଦ୍ଧ ଭାବେ ଯାଞ୍ଚ କରିବାକୁ ବୁଦ୍ଧିଜୀବି ଓ ପର୍ଯ୍ୟଟକ ମାନେ ମତ ରଖିଛନ୍ତି। କେନ୍ଦୁଝର ନାଗରିକ ମଞ୍ଚ ପକ୍ଷରୁ ଦିଲୀପ କୁମାର ସାହୁ ଏଠାରେ ସଠିକ ଭାବେ ନିର୍ମାଣ କାମ କରିବାକୁ ଦାବି କରିଛନ୍ତି

# ଟୋକନ ଥାଇ ଧାନ ବିକ୍ରି ପାଇଁ ଚାଷୀ ହନ୍ତସନ୍ତ



ରେଙ୍ଗାଲିକ୍ୟାମ୍ପ: ଅତାବିରା ଧାନ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ପେକ୍ସ ଓ ମାର୍କେଟ କର୍ମଚାରୀଙ୍କ ମନମାନି ପାଇଁ ଚାଷୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ଚାଷୀ ଯେପରି ଶୋଷଣର ଶିକାର ନ ହୋଇ ଉଚିତ ମୂଲ୍ୟରେ ନିଜର ଅମଳ ଫସଲକୁ ବିକ୍ରୟ କରି ପାରିବେ ସେଥିପାଇଁ ଖୋଲା ଯାଇଛି ବିଭିନ୍ନ ମଣ୍ଡି। ହେଲେ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ସାଙ୍ଗକୁ ମାର୍କେଟ କର୍ମଚାରୀଙ୍କ ଯୋଗୁଁ ହନ୍ତସନ୍ତ ହେଉଛନ୍ତି ଚାଷୀ। ଏପରି ଜଣେ ଚାଷୀ ନିଜର ଧାନ ବିକ୍ରି ପାଇଁ ଦୀର୍ଘ ୨୦ ଦିନ ହେଲା ହନ୍ତସନ୍ତ ହେଉଥିବା ନଜରକୁ ଆସିଛି । ଚାଷୀ ଜଣକ ହେଉଛନ୍ତି ଅତାବିରା ବ୍ଲକ ଜାମ ଟିକ୍ରାର ଦୟାସାଗର ପ୍ରଧାନ। ୨୦ ଦିନରୁ ଉର୍ଦ୍ଧ୍ୱ ହେଲା ସେ ମାର୍କେଟରେ ୧୮୨ ପ୍ୟାକେଟ ଧାନ ପକାଇଛନ୍ତି। ସେ ଜାନୁଆରୀ ୨ ତାରିଖରୁ ଟୋକନ ପାଇଛନ୍ତି। କିନ୍ତୁ ଆଜି ଯାଏଁ ତାଙ୍କ ଧାନ ଉଠୁନି। ତାଙ୍କର ଧାନ ଦୀର୍ଘ ଦିନ ହେଲା ବିକ୍ରୟ ପାଇଁ ପ୍ରସ୍ତୁତ ହୋଇ ରହିଥିଲେ ମଧ୍ୟ ଧାନ ନ ଉଠିବାରୁ ସେ ସମ୍ପାଦକଙ୍କ ସହ ଅନେକ ଥର ସାକ୍ଷାତ କରି କାକୁତି ମିନତି କରିଥିଲେ। ତଥାପି କିଛି ସୁଫଳ ପାଇ ନଥିଲେ । ତେଣୁ ସେ ଗଣ ମାଧ୍ୟମକୁ ତାଙ୍କର ସମସ୍ୟା କହିଥିଲେ। ଧାନ ଉଠିବା ପାଇଁ ନୟାନ୍ତ ହୋଇ ଚାଷୀ ପୁଣି ୧୧ କିଲୋମିଟର ଦୂରରେ ଥିବା ପେକ୍ସକୁ ଯାଇ ପୁଣି ଥରେ କାକୁତି ମିନତି କରିଥିଲେ। କିନ୍ତୁ ପୁଣି ନିରାଶ ହୋଇ ଫେରି ଶେଷରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି।

# ନିରୋଜ ବାରିକ ବିଜେପି କୁଲୁଣ୍ଡା ମଣ୍ଡଳ ସଭାପତି ଭାବେ ମନୋନୀତ

ଅତାବିରା ୧୦/୧(ନି.ପ୍ର): ଆଜି ଗୁରୁବାର ଅପରାହ୍ନ ୨ଟାରେ ଅତାବିରା ନିର୍ବାଚନ ମଣ୍ଡଳୀ ଅଧିନ ୩ ନମ୍ବର ଜୋନ କୁଲୁଣ୍ଡା ମଣ୍ଡଳର ବିଜେପି ସଂଗଠନର ନୂତନ ସଭାପତି ଭାବରେ ଦେବାହାଲ ଗ୍ରାମର ନିରୋଜ ବାରିକ ମନୋନୀତ ହୋଇଥିବା ବେଳେ ୧ ନମ୍ବର ଜୋନ ପାହାଡଶ୍ରୀଗିଡା ମଣ୍ଡଳର ସଭାପତି ଭାବେ ବିକାଶ ଗଡତିଆ, ୨ ନମ୍ବର ଜୋନ କାଠଡେରା ମଣ୍ଡଳର ସଭାପତି ଭାବେ ପୁଷ୍କକ ଗାଇଗରିଆ ଓ ୪ ନମ୍ବର ଜୋନ କାଦୋବାହାଲ ମଣ୍ଡଳର ସଭାପତି ଭାବେ କୃଷ୍ଣଚନ୍ଦ୍ର ସାଥୁଆ ମନୋନୀତ ହୋଇଛନ୍ତି ।୨୦୧୦ ମସିହାରୁ ବିଜେପି ଜଡିତ ରହି ବିଭିନ୍ନ ସାଂଗଠାନିକ କାର୍ଯ୍ୟ ନିର୍ବାହ କରିଛନ୍ତି ।

# ମାଣ୍ଡିଆ ଯାତ ଖାଦ୍ୟର ସ୍ୱାଦ ସଚେତନତା ଓ ପୁଷ୍ଟିକର ବଗିଚା କାର୍ଯ୍ୟକ୍ରମ



ପାଟଣା ୧୦/୧(ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ପାଟଣା ଜିଏନ ଉଚ୍ଚ ବିଦ୍ୟାଳୟ ପରିସରରେ ମିଲେଟ ମିଶନ ପକ୍ଷରୁ ପରୀକ୍ଷା ମୂଳକ ଭାବେ ମାଣ୍ଡିଆ ବଗିଚା ପ୍ରତିଷ୍ଠା ର ଶୁଭାରମ୍ଭ ଗତକାଲି ଅନୁଷ୍ଠିତ ହେବା ସହ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ମାଣ୍ଡିଆ ଜାତ ଖାଦ୍ୟର ସ୍ୱାଦ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଏଠାରେ ୧ଶହ ବର୍ଗ ମିଟର ମଧ୍ୟରେ ୫୍୫ ମିଟର ସାଇଜର ୪ ଟି ପଟାଳି ନିର୍ମାଣ କରାଯାଇ ଏହି ପଟାଳିରେ ମାଣ୍ଡିଆ,ରାଗି,ବାଜରା ଓ କୋଦ ଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତି କରାଯାଇଥିଲା ।ଏହା ଛଡ଼ା ବଣମହୁଲଡିହା ର ମା ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ର ମିନତି ନାଏକ ଙ୍କ ଦ୍ୱାରା ତିଆରି କରାଯାଇଥିବା ମାଣ୍ଡିଆ ରେ ପ୍ରସ୍ତୁତ କ୍ଷୀରି,ବରା, କାକରା, ଲଡୁ,କେକ ଓ ପିଠା ଆଦି ସୁସ୍ୱାଦୁ ବ୍ୟଞ୍ଜନ ଉପସ୍ଥିତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଖାଇବାକୁ ଦେଇଥିଲେ ।ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳୀ ସହବ୍ଲକ କୃଷି ଅଧିକାରୀ ପରେଶ କୁମାର ଦାଶ,ଶ୍ରୀ ଅନ୍ନ ଅଭିଯାନ ଜିଲ୍ଲା ସହକାରୀ ପ୍ରକଳ୍ପ ସଂଯୋଜକ ସମୀର ଦାସ,ପାଟଣା ବ୍ଲକ ସହ ସଂଯୋଜକ ତ୍ରିଲୋଚନ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତ ଙ୍କ ସହିତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

# ପାଟଣା ବ୍ଲକ ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ପାଟଣା ୧୦/୧(ନି.ପ୍ର): ପାଟଣା ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ୭୬ ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଆଜି ପାଟଣା ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ମାନସ କୁମାର ଦଣ୍ଡପାଟ ଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ , ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ, ଜିପିଡ଼ିଓ ରଶ୍ମିରେଖା ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସିଦ୍ଧ ମାଝୀ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀ, ବିଧାୟକ ଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ଏବିଇଓ ସଚ୍ଚିଦାନନ୍ଦ ସେଠୀ, ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡକ୍ଟର ଶୁଭେନ୍ଦୁ ସାଗର କୁମାର ନାଏକ,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସିପ୍ରା ରାଣୀ ମହାନ୍ତ, ଥାନା ଏ ଏସ ଆଇ ସରୋଜ କୁମାର ସେଠୀ,ଅଗ୍ନିଶମ ବାହିନୀର ତରଣୀ ନାଏକ,ଗ୍ରାମ୍ୟ ଜଳଯୋଗାଣ ସହକାରୀ ଯନ୍ତ୍ରୀ ଇଂ ସସ୍ମିତା ନାୟକ, ବଡ଼ପାଟଣା ସରପଞ୍ଚ ବିନତି ବାନରା, ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତ, କ୍ରୀଡ଼ାବିତ ପ୍ରମୋଦ କୁମାର ଭଞ୍ଜ,ମହାବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ, କବି ଭରତ ଚନ୍ଦ୍ର ସାହୁ,ଶତ୍ରୁଘ୍ନ ପାତ୍ର,ପବିତ୍ର ମୋହନ ମହାନ୍ତ ପ୍ରମୁଖ ବହୁ ଲାଇନ ବିଭାଗ ଅଧିକାରୀ ଙ୍କ ଉପସ୍ଥିତି ରେ ବୈଠକ ଅନୁଷ୍ଠିତ ହୋଇଥିଲା। ଶୀତକୁ ଆଖି ଆଗରେ ରଖି ପୂର୍ବାହ୍ନ ୫ ଟାରେ ରାମଧୁନ, ୯ ଟାରେ ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ଦ୍ୱାରା ପତାକା ଉତ୍ତୋଳନ, ପ୍ୟାରେଡ଼, ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ ପ୍ରତିବର୍ଷ ଭଳି ଏଥର ମଧ୍ୟ ହେବ ବୋଲି ନିଷ୍ପତ୍ତି ହୋଇଛି ।ବ୍ଲକ ସ୍ତରୀୟ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ସଂସ୍ଥା ରେ ପୂର୍ବାହ୍ନ ୮ଟାରେ ପତାକା ଉତ୍ତୋଳନ କରାଯିବାକୁ ନିଷ୍ପତି ହୋଇଛି।

# ମା' ଭଗବତୀଙ୍କ ଦର୍ଶନ କଲେ ଓଡିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି

ବାଣପୁର ୧୦/୧(ନି.ପ୍ର): ଗୁରୁବାର ଅପରାହ୍ନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ସପରିବାରେ ଖୋର୍ଦ୍ଧା ଜିଲ୍ଲା ବାଣପୁରସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା' ଭଗବତୀ ମନ୍ଦିର ଦର୍ଶନ କରି ମା' ଙ୍କ ଆଶୀର୍ବାଦ ଲାଭ କରିଛନ୍ତି। ଏହି ଅବସରରେ ତାଙ୍କୁ ସ୍ଥାନୀୟ ପ୍ରଶାସନ, ମନ୍ଦିର ପ୍ରଶାସନ, କୋର୍ଟ ପ୍ରଶାସନ ଏବଂ ବାଣପୁର ଓକିଲ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ଅମରେଶ ମହାପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ନାତକୀ ଦାସ, ଏଣ୍ଡାଓମେଣ୍ଟ କମିଶନର ଲଲାଟେନ୍ଦୁ ଜେନା ଓ ବାଣପୁର ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା ମୁଖ୍ୟ ବିଚାରପତିଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ମନ୍ଦିର ମଧ୍ୟକୁ ପାଛୋଟିନେଇଥିଲେ। ମୁଖ୍ୟ ବିଚାରପତି ନିଜ ପରିବାର ସହ ମା' ଙ୍କ ପୂଜାର୍ଚ୍ଚନା କରିବା ସହ କିଛି ସମୟ ମନ୍ଦିର ବେଢାରେ ଅତିବାହିତ କରିଥିଲେ ।ଏହି ଅବସରରେ ମୁଖ୍ୟ ବିଚାରପତି ମନ୍ଦିରର ଐତିହ ବିଷୟରେ ଓକିଲମାନଙ୍କଠାରୁ ପଚାରି ବୁଝିଥିଲେ। ତତସହିତ ମା' ଙ୍କ ଦର୍ଶନ କରି ସେ ଅତ୍ୟନ୍ତ ଖୁସି ଅନୁଭବ କରିବାସହ ଜଗତର ମଙ୍ଗଳ କାମନା କରିଥିଲେ। ବାଣପୁର ଓକିଲ ସଂଘର ସଭ୍ୟ ଜଗଦୀଶ ପଟ୍ଟନାୟକ, ଭି. କାମେଶ୍ୱର ଆଚାରୀ ଏହି ଅବସରରେ ଉପସ୍ଥିତ ଥିଲେ। ସୂଚନା ଥାଉକି ଚଳିତ ମାସ ୧୯ ତାରିଖରେ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଅବସର ଗ୍ରହଣ କରୁଛନ୍ତି।

# ଖୁଣ୍ଟାପଡ଼ା ଆଶ୍ରମ ବିଦ୍ୟାଳୟ ର ବାର୍ଷିକ ଉତ୍ସବ



ପାଟଣା ୧୦/୧(ନି.ପ୍ର): ପାଟଣା ଥାନା ଅଞ୍ଚଳ ସାହାରପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟାପଡା ଆଶ୍ରମ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ମହେଶ୍ୱର ମହାନ୍ତ ଙ୍କ ସଭାପତି ତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ସାହାରପଡା ବ୍ଲକ ର ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ପ୍ରତ୍ୟାଶା ପ୍ରିୟଦର୍ଶିନୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମହାନ୍ତ, ସରପଞ୍ଚ ବିଳାସିନୀ ମୁଣ୍ଡା, ସମିତିସଭ୍ୟ ନିରଞ୍ଜନ ଲୋହାର, ସି ଆର ସି ସି ନବ କିଶୋର ସେନାପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଆଶ୍ରମ ର ସହକାରୀ ଶିକ୍ଷକ ଭାଗିରଥି ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷୟତ୍ରୀ ଶଶୀରେଖା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଭିନ୍ନ ବିଭାଗ କ୍ରୀଡା ରେ ସଫଳତା ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରା ଯାଇଥିଲା । ସନ୍ଧ୍ୟା ରେ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶନ କରା ଯାଇଥିଲା ।

# ଆଦିବାସୀ ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ ପ୍ରତିଯୋଗିତା

ବାଲିଗୁଡା ୧୦/୧(ନି.ପ୍ର):କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ ରେ ଦୁଇଦିନ ଧରି ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ପୋଷ୍ଟର ନିର୍ମାଣ ଓ କ୍ୱିଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ମାନସ ରଞ୍ଜନ ପ୍ରଧାନ ଓ ଅର୍ଥନୀତି ବିଭାଗ ଅଧ୍ୟାପକ କାହ୍ନୁ ଚରଣ ଗମାଙ୍ଗ ଉପସ୍ଥିତ ରହି ପରିଚାଳନା କରିଥିଲେ । ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି, ସାଂସ୍କୃତିକ ସଂସଦର ଉପ ସଭାପତି ଡ଼.ବିଭୂତି ଭୂଷଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିବା ସହ ଉପସ୍ଥିତ ଛାତ୍ର ଛାତ୍ରୀ ଙ୍କୁ ପ୍ରତିଯୋଗିତାର ମହତ୍ୱ ସମ୍ପର୍କରେ ଉଦବୋଧନ ଦେଇଥିଲେ ।

# ପୁରୀ ବେଳାଭୂମି ମହୋତ୍ସବକୁ ନେଇ ତୁତୁ ମେମେ

ପୁରୀ,୧୦/୧: ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ପାଇଁ ବହୁ ବର୍ଷର ବ୍ୟବଧାନ ପରେ ପୁଣିଥରେ ପୁରୀ ବେଳାଭୂମି ମହୋତ୍ସବ ଆରମ୍ଭ ହୋଇଛି। କିନ୍ତୁ ଏହାକୁ ନେଇ ବିବାଦ ବି ଜୋର ଧରିଛି। ସଭାମଞ୍ଚରେ ବିଜେଡିର ଦୁଇ ନେତା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ବିଧାୟକ ସୁନୀଲ ମହାନ୍ତିଙ୍କ ମଧ୍ୟରେ କଥା କଟାକଟି ପୁରୀ ବିଜେଡିରେ ଚାଲିଥିବା ଗୋଡ଼ ଟଣାଟଣି ଚିତ୍ରକୁ ପଦାରେ ପକାଇଛି। ପୂର୍ବରୁ ଦଳର ବରିଷ୍ଠ ନେତା ସ୍ୱର୍ଗତ ମହେଶ୍ୱର ମହାନ୍ତି ଓ ବିଜେଡିର ଯୁବ ନେତା ଶୁଭାଶିଷ ଖୁଣ୍ଟିଆଙ୍କ ମଧ୍ୟରେ ବିବାଦ ଥିଲା। ମହେଶ୍ୱର ମହାନ୍ତିଙ୍କ ପରଲୋକ ପରେ ବିବାଦର ଅବସାନ ପାଇଁ ଶୁଭାଶିଷ ଖୁଣ୍ଟିଆଙ୍କୁ ରାଜ୍ୟସଭାକୁ ପଠାଯାଇଥିଲା ଏବଂ ମହେଶ୍ୱର ମହାନ୍ତିଙ୍କ ପରଲୋକଜନିତ ଅନୁକମ୍ପାକୁ ଆଧାର କରି ସୁନୀଲଙ୍କୁ ବିଧାନସଭା ଲଢ଼ିବାକୁ ସୁଯୋଗ ଦିଆଯାଇଥିଲା। ସୁନୀଲ ବିଜୟୀ ହେବା ପରେ ପୁଣି ଏହି ଦୁଇନେତାଙ୍କ ମଧ୍ୟରେ ବିବାଦ ପଦାକୁ ଆସିଛି। ବିଜେଡିର ଗତ ପ୍ରତିଷ୍ଠା ଦିବସରେ ଉଭୟ ନେତା ଅଲଗା ପ୍ରତିଷ୍ଠା ଦିବସ ପାଳନ କରିଥିଲେ। ଏବେ ପୁଣି ପୁରୀ ବେଳାଭୂମି ମହୋତ୍ସବକୁ ନେଇ ଦୁହେଁ କଥା କଟାକଟି ହୋଇଛନ୍ତି। ହୋଟେଲ୍ ଆସୋସିଏସନ୍ ପ୍ରଥମ କରି ପୁରୀ ବେଳାଭୂମି ମହୋତ୍ସବ ଆରମ୍ଭ କରିଥିଲା ବୋଲି ରାଜ୍ୟସଭା ସାଂସଦ ଶୁଭାଶିଷ କହିଥିଲେ। ଏହାକୁ ଖଣ୍ଡନ କରି ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଏହା ତାଙ୍କ ବାପା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ମହେଶ୍ୱର ମହାନ୍ତି କରିଥିଲେ ବୋଲି ଦାବି କରିଛନ୍ତି। କିନ୍ତୁ ହୋଟେଲ ସଂଘ ଏହା 'ହାରୋ' (ହୋଟେଲ୍ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏସନ୍ ଅଫ୍ ଓଡ଼ିଶା) ଆରମ୍ଭ କରିଥିଲା ବୋଲି ଦାବି କରିଛି। ଏହି ପ୍ରସଙ୍ଗରେ ଅଯଥା ବିତର୍କ ନ କରି କିଭଳି ପ୍ରତିବର୍ଷ ଏହି ମହୋତ୍ସବ ଆୟୋଜନ ହୋଇପାରିବ, ସେ ଦିଗରେ ସମସ୍ତେ ସହଯୋଗର ହାତ ବଢ଼ାଇବା ଉଚିତ ବୋଲି ହୋଟେଲ୍ ସଂଘ ଅନୁରୋଧ କରିଛି। ବେଳାଭୂମି ଅବକ୍ଷୟ ଓ ପ୍ରଦୂଷଣ କାରଣରୁ କୋର୍ଟଙ୍କ ଆଦେଶକ୍ରମେ ୨୦ରୁ ଅଧିକ ବର୍ଷ ହେଲା ପୁରୀ ବେଳାଭୂମି ମହୋତ୍ସବ ବନ୍ଦ ରହିଥିଲା। ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ଉପଲକ୍ଷେ ୨୦ ବର୍ଷ ପରେ ପୁଣିଥରେ ପୁରୀ



ବେଳାଭୂମି ମହୋତ୍ସବ ଆରମ୍ଭ ହୋଇଛି। ଦୈ?ନିକ ନୃତ୍ୟ, ଗୀତ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରତିଦିନ ସଭାର ଉଦ୍‌ଘାଟନ ପାଇଁ ଅତିଥିମାନେ ଯୋଗ ଦେଉଛନ୍ତି। ଉଦ୍‌ଘାଟନୀ ମଞ୍ଚରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆ, ବିଧାୟକ ଶ୍ରୀ ମହାନ୍ତିଙ୍କ ସହ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଆଇନମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ, ହୋଟେଲ୍ ଆସୋସିଏସନ୍ ପୁରୀ ବେଳାଭୂମି ମହୋତ୍ସବ ପ୍ରଥମ କରି ଆରମ୍ଭ କରିଥିଲା। କେବଳ ପୁରୀ ବେଳାଭୂମି ମହୋତ୍ସବ ନୁହେଁ, ଏଭଳି ୪ଟି ମହୋତ୍ସବ ପ୍ରତିବର୍ଷ ଶ୍ରୀକ୍ଷେତ୍ରରେ ଆୟୋଜନ ହେବା ଆବଶ୍ୟକ। ଯାହା ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ବୃଦ୍ଧି କରିବ। ପରେ ସାଂସଦ ଶ୍ରୀ ଖୁଣ୍ଟିଆ ମଧ୍ୟ ପୁରୀ ବେଳାଭୂମି ମହୋତ୍ସବ ହୋଟେଲ୍ ଆସୋସିଏସନ୍ ପ୍ରଥମ କରି ଆରମ୍ଭ କରିଥିବା ଓ ଏହା କିଭଳି ଆଗକୁ ଜାରି ରହିବ, ସେ ଦିଗରେ ସମସ୍ତେ ସହଯୋଗ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ। ଏହା ପରେ ମଞ୍ଚାସୀନ ବିଧାୟକ ଶ୍ରୀ ମହାନ୍ତି ଦୁଇ ଅତିଥିଙ୍କ କଥାକୁ କାଟି ତାଙ୍କ ବାପା ସ୍ୱର୍ଗତ ମହାନ୍ତିଙ୍କ ପ୍ରଚେଷ୍ଟାରେ ପୁରୀ ବେଳାଭୂମି ମହୋତ୍ସବ ଆରମ୍ଭ ହୋଇଥିଲା ବୋଲି ନିଜ ଅଭିଭାଷଣରେ ଯୁକ୍ତି ବାଢ଼ିଥିଲେ। ଦୁଇ ବିଜେଡି ନେତାଙ୍କ ଏଭଳି କଥା କଟାକଟିକୁ ନେଇ ତର୍କବିତର୍କ ଜାରି ରହିଛି। ପୁରୀ ହୋଟେଲ ସଂଘ ସଭାପତି ରାଜକିଶୋର ପାତ୍ର କହିଛନ୍ତି, 'ହାରୋ' ହିଁ ପ୍ରଥମ କରି ପୁରୀ ବେଳାଭୂମି ମହୋତ୍ସବ ଆରମ୍ଭ କରିଥିଲା। ସେ ସମୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମେତ ଅନ୍ୟ ରାଜନେତାମାନେ ସହଯୋଗ କରିଥିଲେ। କିନ୍ତୁ ୧୯୯୯ ମହାବାତ୍ୟା ପରଠାରୁ ପ୍ରାୟ ୨୫ ବର୍ଷ ହେବ ଏହା ବନ୍ଦ ରହିଥିଲା। ଏବେ ପୁଣିଥରେ ଏହି ମହୋତ୍ସବ ଆରମ୍ଭ ହୋଇଛି। ଏଥିରେ ସମସ୍ତେ ଖୁସି ହେବା କଥା। ଅଯଥା ବିତର୍କ ନ କରି ଆଗକୁ କିଭଳି ଏହି ମହୋତ୍ସବ ପ୍ରତିବର୍ଷ ଅନୁଷ୍ଠିତ ହେବ, ସେ ଦିଗରେ ବିଚାରବିମର୍ଶ ସହ ସହଯୋଗ ଜାରି ରଖିବାକୁ ଶ୍ରୀ ପାତ୍ର ନିବେଦନ କରିଛନ୍ତି।

## ସହଦେବଙ୍କ ସ୍ତ୍ରୀଙ୍କୁ ମିଳିବ ଚାକିରି: ଭାଜପାର ବଡ଼ ଘୋଷଣା

ଭୁବନେଶ୍ୱର, ୧୧।୧ :ସହଦେବ ନାୟକଙ୍କ ହତ୍ୟା ଘଟଣାକୁ ନେଇ ଏକାମ୍ର ବିଧାୟକ ବାବୁ ସିଂ ବିଜେଡିକୁ ଟାର୍ଗେଟ କରିଛନ୍ତି। ସୂଚନାଯୋଗ୍ୟ, ବୁଧବାର ସକାଳେ ରସୁଲଗଡ଼ ଫ୍ଲାଏଓଭରରେ ସ୍କୁଟି ଯାଉଥିବାବେଳ ସହଦେବଙ୍କୁ ଅଭିଯୁକ୍ତମାନେ ହତ୍ୟା କରିଥିଲେ। ଏହି ଘଟଣାରେ ଗୁରୁବାର ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରାଯାଇଥିଲା। ଏହାର ପାଲଟା ଜବାବରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବାବୁ ସିଂ କହିଛନ୍ତି, ସହଦେବଙ୍କ ହତ୍ୟା ସମସ୍ତଙ୍କ ପାଇଁ ଦୁଃଖଦ ଘଟଣା। ତାଙ୍କ ପରିବାର ପ୍ରତି ଆମର ସମବେଦନା ରହିଛି। ଖୁଣ୍ଟ ପରି ତାଙ୍କ ପରିବାର ସହ ରହିଛୁ। ଦୀର୍ଘ ୩ ଦିନ ହେବ ତାଙ୍କ ପରିବାର ସହ ଆମ ନେତା ଯୋଗାଯୋଗରେ ରହିଛନ୍ତି। ପୋଲିସ ତାଙ୍କ ପରିବାର ଓ ତାଙ୍କ ସହ ଜଡ଼ିତ ଥିବା ବ୍ୟକ୍ତିଙ୍କ ଦାବି ନେଇ କାର୍ଯ୍ୟାନୁଷ୍ଠାନ ନେଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋଲିସ ବିଭାଗକୁ ଦୋଷୀଙ୍କୁ ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ମଧ୍ୟ ୧୨ ଘଣ୍ଟା ମଧ୍ୟରେ ୫ ଜଣଙ୍କୁ ଗିରଫକରି ତଦନ୍ତ ଚଳାଇଛି। ଘଟଣାରେ ଯେତେ ବଡ ବ୍ୟକ୍ତି ଥିବେ ତାକୁ ଧରାଯିବ। ଯିଏ ଅପରାଧ କରିବେ ତାଙ୍କୁ ଦଣ୍ଡ ସୁନିଶ୍ଚିତ। ସହଦେବଙ୍କ ସ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଆଗାମୀ ଦିନରେ ନିଯୁକ୍ତି ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି। ବର୍ତ୍ତମାନ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଘଟଣାକୁ ନେଇ କଥା ହୋଇଛନ୍ତି ବୋଲି ବାବୁ କହିଛନ୍ତି। ଆହୁରି କହିଛନ୍ତି, ସହଦେବଙ୍କ ପରିବାର ସହ ମୁଖ୍ୟମନ୍ତ୍ରୀ ଅଛନ୍ତି। ପ୍ରବାସୀ ଭାରତୀୟ ସମ୍ମିଳନୀ ଶେଷ ପରେ ମୁଖ୍ୟମନ୍ତ୍ରୀ ସହଦେବଙ୍କ ପରିବାରକୁ ଭେଟିବେ। ରାଜ୍ୟରେ ଆମ ସରକାର ଆସିବା ପରେ ବଡ଼ ବଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶର ନେତୃତ୍ୱ ଆମ ରାଜ୍ୟକୁ ଆସୁଛନ୍ତି, ତାଙ୍କୁ ଆତିଥ୍ୟ ଦେବ ଆମ ଦାୟିତ୍ୱ। ଦୋଷୀକୁ ଦଣ୍ଡଦେବା ପାଇଁ ପ୍ରକ୍ରିୟା ଚାଲିଥିବା ବେଳେ ରାଜନୈତିକ ରୁଟି ସେକିବା ପାଇଁ ବିଜେଡି ଚାହୁଁଛି। ବିଜେଡି ଡବଲ ଷ୍ଟାଣ୍ଡର୍ଡ କଥା କହୁଛି। ସାଧାରଣ ଲୋକଙ୍କ ଦ୍ୱାରା ସେମାନେ ସମାଲୋଚିତ ହେଲେଣି।

## କିର୍ମିରା ଅନାସ୍ଥା ପ୍ରସଙ୍ଗରେ ହାଇଭୋଲ୍‌ଟେଜ୍ ଡ୍ରାମା

ଝାରସୁଗୁଡ଼ା,୧୦/୧: କିର୍ମିରା ପଞ୍ଚାୟତ ସମିତି ଅଧକ୍ଷା କୃଷ୍ଣପ୍ରିୟା ସାହୁଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗରେ ଆଜି ଦିନ ସାଢ଼େ ୧୦ଟାରେ ଭୋଟିଂ ହେବାର ଥିଲା। ଏଥିପାଇଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଅଧକ୍ଷତା କରିବାକୁ ଥିବା ପିଏ ଆଇଟିଡିଏ ସଞ୍ଜୀବ କୁମାର ପଟେଲ, ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା କିର୍ମିରା ତହସିଲଦାର ଦିବାକର ମାଝୀ ଓ ପୁଲିସ ଉପସ୍ଥିତ ହୋଇଥିଲେ। କିନ୍ତୁ ଏକ ନାଟକୀୟ ଘଟଣାକ୍ରମରେ ଗତକାଲି ବିଳମ୍ବିତ ରାତିରେ ସରପଞ୍ଚ ଓ ସମିତିସଭ୍ୟମାନେ ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା ସରେଇପାଲି ପୁଲିସ ଦ୍ୱାରା ଅଟକ ରହିଥିଲେ। ଦିନ ୧୧ଟା ଯାଏ କୌଣସି ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ନ ହେବାରୁ ବୈଠକ ବାତିଲ କରାଯାଇଥିଲା ଓ ଭୋଟିଂ ପାଇଁ ଯାଇଥିବା ଅଧିକାରୀମାନେ ଫେରି ଯାଇଥିଲେ। ଓଡ଼ିଶା ପଞ୍ଚାୟତ ସମିତି ଆଇନ୍ ୧୯୫୯ର ଧାରା ୪୬(ବି)୨(ଜି) ଅନୁସାରେ, ଦୁଇ ତୃତୀୟାଂଶରୁ କମ୍ ସଦସ୍ୟ ଉପସ୍ଥିତ ରହିଲେ ସ୍ୱତନ୍ତ୍ର ବୈଠକ ବାତିଲ ହେବାର ନିୟମ ରହିଛି। ଯେହେତୁ ଜଣେ ବି ସଦସ୍ୟ ଆସି ନ ଥିଲେ, ତେଣୁ ସ୍ୱତନ୍ତ୍ର ବୈଠକ ବାତିଲ୍ କରାଯାଇଥିବା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ସୂଚନା ଦେଇଛନ୍ତି। ଏହି ଆଇନ୍‌ର ଧାରା ୪୬(ବି)୩(ଏ) ଅନୁସାରେ ନିର୍ଦ୍ଧାରିତ ତାରିଖରେ ସ୍ୱତନ୍ତ୍ର ବୈଠକ ହୋଇ ପାରି ନ ଥିବାରୁ ଆଜିଠାରୁ ୧ ବର୍ଷ ଯାଏ ଆଉ ଅନାସ୍ଥା ପ୍ରସ୍ତାବ ଆସିପାରିବନି ବୋଲି ଉପଜିଲ୍ଲାପାଳ ଶ୍ରୀ ପଣ୍ଡା ସ୍ପଷ୍ଟ କରିଛନ୍ତି। ସେପଟେ, ସରେଇପାଳି ପୁଲିସଠାରୁ ନୋଟିସ୍ ପାଇ ଥାନାରୁ ବାହାରିବା ପରେ ସନ୍ଧ୍ୟାରେ ଏହି ସରପଞ୍ଚ, ସମିତି ସଭ୍ୟମାନେ ଛତିଶଗଡ଼ରୁ ବାହାରିଥିବା ଜଣାପଡ଼ିଛି। ଆଜିର ବୈଠକ ରଦ୍ଦ ହେବା ପରେ ବିଗତ ୪ ମାସ ଧରି ଅନାସ୍ଥା ପ୍ରସ୍ତାବକୁ ନେଇ ଲାଗି ରହିଥିବା ରାଜନୀତିରେ ମଧ୍ୟ ଏକପ୍ରକାର ଯବନିକା ପଡ଼ିଛି। ଆଜିର ସ୍ୱତନ୍ତ୍ର ବୈଠକ ପାଇଁ ଗତ ୪ ମାସ ହେବ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟମାନେ ଅଜ୍ଞାତବାସରେ ଥିଲେ। ସେମାନଙ୍କ ମଧ୍ୟରୁ ପୂର୍ବତନ



ବିଧାୟିକା ଦୀପାଳି ଦାସଙ୍କ ଭାଇ ବିଶାଳ ଦାସ ଓ ତାଙ୍କ ସହଯୋଗୀଙ୍କ ସମେତ ୯ ଜଣଙ୍କୁ ଗତକାଲିଠାରୁ ଛତିଶଗଡ଼ର ସରେଇପାଲି ପୁଲିସ ଅଟକ ରଖିଥିଲା। ତେବେ ଗତକାଲି ରାତି ସାଢ଼େ ୧୧ଟାରେ ଝାରସୁଗୁଡ଼ା ଜିଲ୍ଲା ଲଇକେରା ପୁଲିସ୍ ସେମାନଙ୍କୁ ଜୋର ଜବରଦସ୍ତ ଅଟକାଇ ରଖିବା ପରେ ମହାସମୁନ୍ଦ ପୁଲିସକୁ ହସ୍ତାନ୍ତର କରିଥିବା ବିଜେଡି ଅଭିଯୋଗ କରିଛି। ଆଜି ହେବାକୁ ଥିବା ଅନାସ୍ଥା ପ୍ରସ୍ତାବର ଭୋଟିଂରୁ ଏହି ସରପଞ୍ଚ, ସମିତି ସଭ୍ୟମାନେ ଯେଭଳି ବିରତ ରହିବେ, ସେ ନେଇ ଲଇକେରା ଥାନାଧିକାରୀ ଦିଲୀପ ବେହେରାଙ୍କର ଏହା ଯୋଜନାବଦ୍ଧ ଷଡ଼୍‌ଯନ୍ତ୍ର ବୋଲି ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏହା ପୂର୍ବରୁ ଗତକାଲି ସମ୍ବଲପୁରସ୍ଥିତ ବିଶାଳ ଦାସଙ୍କ ହୋଟେଲ ଡି-ଲଞ୍ଜ୍‌ରେ ବି ପୁଲିସ୍ ଚଢ଼ାଉ କରିଥିଲା। ଅନାସ୍ଥା ଭୋଟିଂରେ କିର୍ମିରା ପଞ୍ଚାୟତ କାର୍ଯ୍ୟାଳୟରେ ଏହି ସଦସ୍ୟମାନେ ନ ପହଞ୍ଚିଲେ ସେଥିପାଇଁ ପୁଲିସ୍ ହିଁ ଦାୟୀ ରହିବ ବୋଲି ଅଭିଯୋଗ କରି ଆଜି ଦୀପାଳି ଦାସଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଆସି ମୁଖ୍ୟ ଫାଟକ ନିକଟରୁ ଏହି ଦାବିପତ୍ର ଗ୍ରହଣ କରିଥିଲେ। ସେହିପରି ବିଜେଡି ପକ୍ଷରୁ ଲଇକେରା ଥାନାରେ ଦାବିପତ୍ର ପ୍ରଦାନ କରାଯିବା ସମୟରେ ଏସ୍‌ଡିପିଓ ଉମାଶଙ୍କର ସିଂ ଦାବିପତ୍ର ଗ୍ରହଣ କରିଥିଲେ। ଗତକାଲି ଲଇକେରା ପୁଲିସ୍ ଛତିଶଗଡ଼ରେ ପହଞ୍ଚି ସରପଞ୍ଚ, ସମିତିସଭ୍ୟଙ୍କୁ ଅଟକାଇଥିବା ସଂପର୍କରେ ବିଜେଡି ପକ୍ଷରୁ ଆଜି ଅଭିଯୋଗ ହେବା ପରେ ସମ୍ବଲପୁରରେ ଉତ୍ତରାଞ୍ଚଳ ପୁଲିସ ଆଇଜି ହିମାଂଶୁ ଲାଲ୍ ଏହା ଉପରେ ପ୍ରତିକ୍ରିୟା ରଖିଥିଲେ। ଏହି ଘଟଣା ସହ ଝାରସୁଗୁଡ଼ା ପୁଲିସ୍‌ର କୌଣସି ସମ୍ପୃକ୍ତି ନଥିବା ସେ କହିଛନ୍ତି। ନିଖୋଜ ଘଟଣାରେ ପୁଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିବା ବେଳେ ଛତିଶଗଡ଼ରେ ହୋଇଥିବା ଝଗଡ଼ା ସମ୍ପୂର୍ଣ୍ଣ ଭିନ୍ନ ଘଟଣା ବୋଲି ଶ୍ରୀ ଲାଲ୍ କହିଛନ୍ତି। ଅନ୍ୟପକ୍ଷରେ ନିଖୋଜ ସଦସ୍ୟ ଉଦ୍ଧାର ହୋଇଛନ୍ତି ନା ନାହିଁ, ସେ ବିଷୟରେ ପୁଲିସ କୌଣସି ସୂଚନା ପ୍ରଦାନ କରିନାହିଁ। କିଛିଦିନ ତଳେ ଲଇକେରା ଥାନାରେ ୫ଟି ଏମ୍‌ଏମ୍‌ଆର (ମ୍ୟାନ୍ ମିସିଂ ରିପୋର୍ଟ) ହୋଇଥିଲା। ଯେଉଁଥିରେ କିର୍ମିରା ସମିତିସଭ୍ୟା ବାସନ୍ତୀ ଧୁରୁଆ, ତାଙ୍କ ସ୍ୱାମୀ ରମେଶଚନ୍ଦ୍ର ଧୁରୁଆ, ଅର୍ଡା ସମିତିସଭ୍ୟ ଗୁଲାପି ଗର୍ଡିଆ, ଜି ପାନପାଲି ସମିତିସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ ଓ ଅର୍ଡା ସରପଞ୍ଚ ବୀଣାପାଣି ପୋଢ଼ଙ୍କ ନାମ ରହିଥିଲା। ତେବେ ଏହିସବୁ ନିଖୋଜ ବ୍ୟକ୍ତି ଛତିଶଗଡ଼ରେ ଥିବା ନେଇ ଟ୍ରାକିଂରୁ ଜଣାପଡ଼ିବା ପରେ ସେମାନଙ୍କୁ ଉଦ୍ଧାର କରିବାକୁ ଗତକାଲି ଲଇକେରା ପୁଲିସ୍ ଛତିଶଗଡ଼ ଯାଇଥିବା ସୂଚନା ମିଳିଛି। ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଝାରସୁଗୁଡ଼ା ଘଟଣାକୁ ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗତକାଲି ରାତିରୁ ବିଶାଳ ଦାସଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟମାନେ ସରେଇପାଲି ପୁଲିସ୍ ଦ୍ୱାରା ଅଟକ ଥିବାରୁ ଆଜି ହେବାକୁ ଥିବା ଅନାସ୍ଥା ପ୍ରସ୍ତାବ ଭୋଟିଂରେ ସେମାନେ ଯୋଗ ଦେଇପାରିନାହାନ୍ତି। ତେଣୁ ଏ ପ୍ରସଙ୍ଗରେ ଦୃଷ୍ଟି ଦେଇ ସେମାନଙ୍କୁ ମୁକ୍ତ କରିବାକୁ ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏଙ୍କୁ ଅନୁରୋଧ କରିଥିଲେ। କେବଳ ସେତିକି ନୁହେଁ, ସମସ୍ତେ ଯେପରି ସୁରକ୍ଷିତ ଭାବେ ଓଡ଼ିଶା ସୀମାରେ ପହଞ୍ଚିବେ ସେଥିପ୍ରତି ଧ୍ୟାନ ଦିଆଯିବାକୁ ଶ୍ରୀ ପଟ୍ଟନାୟକ ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ।

## ଚାଖି ଖୁଣ୍ଟିଆ ଙ୍କ ୨୦୩ ତମ ଜୟନ୍ତୀ ପାଳିତ

ପୁରୀ ୧୦/୧ ଦେଶର ସୁରକ୍ଷା ଓ ଗୌରବ ପାଇଁ ବିପ୍ଳବୀ ଚାଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀଙ୍କର ଅବଦାନ ଅତୁଳନୀୟ।ସେ ଏପରି ଜଣେ ବୀର ଯିଏ ଦେଶ ମାତୃକାର ସେବା ସହ ମହାପ୍ରଭୁଙ୍କ ସେବା ରେ ମଧ୍ୟ ସମର୍ପିତ ଥିଲେ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ଠାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତି ର ମିଳିତ ସହଯୋଗରେ ଚାଖି ଖୁଣ୍ଟିଆଙ୍କର ୨୦୩ ତମ ଜୟନ୍ତୀ ପାଳିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ମହାପୁରୁଷ ମାନଙ୍କର ସେବା ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଗାମୀ ପିଢ଼ି କୁ ଅବଗତ କରାଯିବା ଉଚିତ ବୋଲି କହିଥିଲେ।ଚନ୍ଦନ ହଜୁରୀ ଙ୍କ ଜୀବନୀ, ଆଦର୍ଶ,ତ୍ୟାଗ ସମ୍ପର୍କରେ ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଅବଗତ ହେବା ଉଚିତ।ଏହା ଦ୍ୱାରା ପ୍ରତ୍ୟେକ ଙ୍କ ମଧ୍ୟରେ ଦେଶ ପ୍ରେମ ଭାବନା ଜାଗ୍ରତ ହେବ ବୋଲି ସେ କହିଥିଲେ।ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଚାଖି ଖୁଣ୍ଟିଆ ଙ୍କ ତ୍ୟାଗ ଓ ବୀରତ୍ୱର କଥା କାଳ କାଳକୁ ପ୍ରତିଟି ଓଡ଼ିଆ ଙ୍କୁ ଉଦବୁଦ୍ଧ କରିବ ବୋଲି କହିବା ସହ ଆମ ମହାନ ପରମ୍ପରା ଓ ଗୌରବ କୁ ଆଗକୁ ନେବାକୁ ଶପଥ ନେବାକୁ ମତ ଦେଇଥିଲେ।ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ପ୍ରଫେସର କୈଳାସ ଚନ୍ଦ୍ର ଟୀକାୟତରାୟ ଚାଖି ଖୁଣ୍ଟିଆ ଙ୍କ ଜନ୍ମ, ନାମର ସାର୍ଥକତା, କର୍ମ,ସଂଗ୍ରାମ, ଦେଶପ୍ରେମ, ଆଧ୍ୟାତ୍ମିକତା, ଚାଖି ଙ୍କ ଦ୍ୱାରା ରଚିତ ଜଗନ୍ନାଥ ଜଣାଣ ଭଜନ ସମ୍ପର୍କରେ ବିଷଦ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଚାଖି ଙ୍କ ଦାୟାଦ ହଜୁରୀ ନୀଳକଣ୍ଠ ଖୁଣ୍ଟିଆ, ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ମାୟାଧର ମହାରଣା,ସର୍ବୋଦୟ ସମିତିର ସଭାପତି ଉମାବଲ୍ଲଭ ମହାପାତ୍ର




ଚାଖି ଙ୍କ ଜୀବନୀ ଓ କାର୍ଯ୍ୟ ଧାରା ସମ୍ପର୍କରେ ଆଲୋଚନା କରି ତାଙ୍କ ପରି ଦୁର୍ଦ୍ଦଶ ସଂଗ୍ରାମୀ ପୁରୀ ମାଟିରେ ଜନ୍ମ ନେବା ଅତ୍ୟନ୍ତ ଗୌରବର କଥା।ତାଙ୍କରି ଭଳି ସାହସୀ ଓ ଦେଶ ପ୍ରେମୀ ହେବାକୁ ସେମାନେ ଅନୁରୋଧ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ, ଅତିଥି ପରିଚୟ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ଚାଖି ଖୁଣ୍ଟିଆ ସ୍ମୃତି ସମିତି ସମ୍ପାଦକ ଧ୍ରୁବ ଚରଣ କର ସମସ୍ତଙ୍କୁ ସ୍ୱାଗତ କରିଥିଲେ।ଉଲ୍ଲେଖନୀୟ ଅବଦାନ ପାଇଁ ମୂର୍ତ୍ତି ଶିଳ୍ପୀ ମଧୁସୂଦନ ମହାରଣା ଓ ସାଜ ଶିଳ୍ପୀ ସୋମନାଥ ପଟ୍ଟନାୟକ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତଯୋଗୀ ଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।ସେହିପରି ବିଶ୍ୱମ୍ଭର ବିଦ୍ୟାପୀଠର ଏୟାର ୱିଙ୍ଗ୍ସ ଟିମ ଓ ପୋଲିସ ହାଇସ୍କୁଲର ସିଭିଲିଆନ ଟିମକୁ ଶୃଙ୍ଖଳା ରକ୍ଷା ପାଇଁ ପୁରସ୍କୃତ କରାଯାଇଥିଲା।ଶ୍ରୀପର୍ଣ୍ଣା କଳା ପରିଷଦ ସ୍ୱାଗତ ସଂଗୀତ ଓ ଚାଖି ଙ୍କ ରଚିତ ଭଜନ ପରିବେଷଣ କରିଥିଲେ।ଶେଷରେ ଅନାମ ଚନ୍ଦ୍ର ସାହୁ ଓ ଶିବ ସୁନ୍ଦର ସୁନ୍ଦର ମିଶ୍ର ଙ୍କ ସଂଯୋଜନା ରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।ଏଥିରେ ଅର୍ଜୁନ ପରମଗୁରୁ,ନାରାୟଣ ନନ୍ଦ, ଫୁଲରାଣୀ ପାଳ,ରାଜେଶ ବେହେରା, ଦେବଦତ୍ତ ପ୍ରଧାନ,କରୁଣାକର ଭୋଳ, ମହେଶ୍ୱର ଜେନା ପ୍ରମୁଖ କବିତା ପଠନ କରିଥିଲେ।ପ୍ରତ୍ୟୁଷରୁ ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଙ୍କ କାର୍ଯ୍ୟାଳୟ ଠାରେ ଚାଖି ଖୁଣ୍ଟିଆ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା।ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରାଙ୍କ ସହ ପିକେଡିଏର ସଚିବ ମାୟାଧର ବେହେରା,ଉପରୋକ୍ତ ଅତିଥି ମାନେ,କୃଷ୍ଣଚନ୍ଦ୍ର ମିଶ୍ର, ଗଣେଶ୍ୱର ପ୍ରହରାଜ, ସୁକାନ୍ତ ପଣ୍ଡା, ଅଖିଳ କୁମାର ଦଳାଇ,ବିଜୟ ଦାସ,ବିଶ୍ୱନାଥ ବେହେରା, ବିଭୁଦାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ମାଲ୍ୟାର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ।ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ରଛାତ୍ରୀ ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ମିଲରଙ୍କ ମନମାନି ପାଇଁ ଚାଷଜମି କ୍ଷେତିଗ୍ରସ୍ତ



ଜଗତସିଂହପୁର, ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ରେ ଥିବା ସ୍ଥାନୀୟ ମୈତ୍ରୀ ରାଇସ ମିଲ୍ ନାଁ ରେ ଆସିଛି ସାଂଘାତିକ ଅଭିଯୋଗ। ଅଭିଯୋଗ କରିଛନ୍ତି ସ୍ଥାନୀୟ ଅଞ୍ଚଳର ଚାଷୀ। ଅନୁଯାୟୀ ମୈତ୍ରୀ ରାଇସ ମିଲ୍ ରୁ ଦୈନିକ ବାହାରୁଥିବା ମଇଳା ଆବର୍ଜନା ପାଣି, ପାଉଁଶ ? ଚାଷ ଜମି କୁ ନଷ୍ଟ କରୁଛି।ଏ ନେଇ ବାରମ୍ବାର ମିଲର ମାଲିକଙ୍କୁ ଅଭିଯୋଗ କରି ଥିଲେ ମଧ୍ୟ ଏଥିପାଇଁ କିଛି ସ୍ଥାୟୀ ପ୍ରତିକାର କରୁ ନାହାଁନ୍ତି ମିଲର ମାଲିକ।ଏବେ ଚାଷ ସମୟ ହୋଇଥିବା ରୁ ଚାଷରେ ଅମଳ ମଧ୍ୟ ଭଲ ହେଉ ନାହିଁ।ଚାଷୀମାନେ କହିଛନ୍ତି ପ୍ରତ୍ୟେକ ଦିନ ମିଲ୍ ରୁ ଯେଉଁ ପାଉଁଶ ବାହାରୁଛି ତାହା ଚାଷଜମିରେ ପଡ଼ି ଚାଷଜମି ନଷ୍ଟ କରିବା ସହିତ ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ଆଖିରେ ପଡ଼ି ଚକ୍ଷୁ ଜନିତ ସମସ୍ୟା ସୃଷ୍ଟି ହେଉଛି। ଏହା ସହିତ ସେହି ଅଞ୍ଚଳର ପରିବେଶ ମଧ୍ୟ ଦୁସିତ ହେଉଛି। ତେବେ ମିଲ୍ ରୁ ବାହାରୁଥିବା ପାଉଁଶ ଓଉ ଆବର୍ଜନା ପାଣି କୁ ନିଜ ଆୟତରେ ରଖିବା ସହିତ ଏହାର ସ୍ଥାୟୀ ପ୍ରତିକାର ପାଇଁ ମିଲ୍ ମାଲିକଙ୍କୁ ନିବେଦନ କରିଛନ୍ତି ଚାଷୀମାନେ।



## ମରୁଡ଼ିର ସଫଳ ପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ

ନବରଙ୍ଗପୁର ୧୦.୧.୨୫ : ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନବରଙ୍ଗପୁର ନବୀନ ଚନ୍ଦ୍ର ନାୟକ ଙ୍କ ଅଧକ୍ଷତାରେ ଆଜି ମରୁଡିର ସଫଳ ପରିଚାଳନା ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା କ୍ଷ ମରୁଡ଼ି ପରିସ୍ଥିତି ର ସଫଳ ମୁକାବିଲା ପାଇଁ କୃଷି, ମତ୍ସ୍ୟ, ପଶୁସମ୍ପଦ ,ଉଦ୍ୟାନ, ଜଳ ବିଭାଜିକା, ଉଠା ଜଳସେଚନ, ମଧ୍ୟମ ଜଳସେଚନ, ଜଳସେଚନ, କୃଷି ବିଜ୍ଞାନ କେନ୍ଦ୍ର, ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗ ମାନଙ୍କ ସହାୟତାରେ ଜିଲ୍ଲା ସ୍ତରୀୟ ମରୁଡ଼ି ପରିଚାଳନା ଯୋଜନା ପ୍ରସ୍ତୁତି କରିବା ନିମନ୍ତେ ଆଜିର ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା କ୍ଷ ଚଳିତ ମାସ ୨୦ ତାରିଖ ସୁଦ୍ଧା ଆବଶ୍ୟକୀୟ ତଥ୍ୟ ଜିଲ୍ଲା ଜରୁରୀ କାଳୀନ ଉପ ବିଭାଗ କୁ ପ୍ରେରଣ କରିବା ପାଇଁ ଉପସ୍ଥିତ ଥିବା ପଦାଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ । ସମ୍ପୃକ୍ତ ବିଭାଗ ପକ୍ଷରୁ ତଥ୍ଯ ଆଦାୟ ପରେ ଜିଲ୍ଲା କାର୍ଯ୍ୟାଳୟ ସେହି ତଥ୍ଯ କୁ ଏକତ୍ରୀତ କରି ଏକ ଚୁଡାନ୍ତ ଯୋଜନା ପ୍ରସ୍ତୁତ କରି ଚଳିତ ମାସ ୩୧ ତାରିଖ ସୁଦ୍ଧା ଏକ ପୁସ୍ତକ ପ୍ରସ୍ତୁତ କରି ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଗଲା କ୍ଷ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପି ଭି ରାବଣା ରାଓ, ପ୍ରଣୟ କୁମାର ମନ୍ତ୍ରୀ, ବିଶ୍ୱଜିତ ସାହୁ, ଜିଲ୍ଲା ମୁଖ୍ୟ ପ୍ରଣିଧାନ ଅଧିକାରୀ ଡଃ ରାଧେ ଶ୍ୟାମ ଲାଇକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ଚକ୍ରଧର ମିଶ୍ର, ଏ ସି ଏଫ ଦିବ୍ୟକ୍ଷ ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦାହାଣ୍ଡି ରାମକୃଷ୍ଣ ନାୟକ, ଝରିଗାଁ ସୁନିତା ସିଂହ, ରାଇଘର ଲକ୍ଷ୍ମୀ ସାଗର ମାଝୀ ବରିଷ୍ଠ କୃଷି ବିଜ୍ଞାନୀ ଡଃ ଶଶାଙ୍କ ଲେଙ୍କା ଙ୍କ ସହିତ ସମ୍ପୃକ୍ତ ପଦାଧିକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନ ସାହାରାର ମନୋଜ କୁମାର ଧଳ, ଗୌରୀ ଶଙ୍କର ପଟ୍ଟନାୟକ, ଏମ୍. ଡି .ଏସ. ଏସ .ର ସୁବ୍ରତ ମିଶ୍ର, ଜିଲ୍ଲା ଜରୁରୀ କାଳୀନ ବିଭାଗ ର ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ